
ଛଳ ଗାଗୁଡ଼ି
ଶ୍ରୀ ସୁରେନ୍ଦ୍ର ନାଥ ନନ୍ଦାପୁର

# ଚଲ ପାହାଡ

ସୁରେନ୍ଦ୍ରନାଥ ବିଦ୍ୟାଧର

ପ୍ରକାଶକ:

ଶ୍ରୀ ପ୍ରାଣନାଥ ଷଧାର
କନକ ପ୍ରକାଶନୀ
ନରଣଗଡ଼, ପୁରୀ

ପ୍ରଥମ ପ୍ରକାଶ
୧୯୫୭

ମୁଦ୍ରକ:
ପ୍ରଫୁଲ୍ଲକିଶୋର ଦାସ
କୃଷକ ପ୍ରେସ
କଟକ—୧

ମୂଲ୍ୟ—ଏକ ଟଙ୍କା ଆଠଅଣା
(ଏକ ଶହ ପଚିଶ ନୂଆ ପଇସା)

ସ୍ନେହର···

ଅଗଷ୍ଟ ପନ୍ଦର ଶୁଭ ସକାଳ—

ମୋର କଥା···

ସାମୟିକ ଲେଖା ମାଧ୍ୟମରେ ମୋର ଚିନ୍ତାଧାରା ଓ ଦୃଷ୍ଟି-କୋଣ—ଏ ଶତାବ୍ଦୀର କେତେକ ପାଠକ ପାଠିକା ଏବଂ ପତ୍ରପତ୍ରିକାର ସମ୍ପାଦକମାନଙ୍କ ଅତ୍ୟାଧୁନିକ ରୁଚି ଓ ବାତାବରଣର ପ୍ରବାହରେ ହୁଏତ ସ୍ପଷ୍ଟ ହୋଇ ପାରିଥାଏ—କିନ୍ତୁ ମୁଁ ଇପ୍ସିତ ମୋ ପୃଥିବୀର ପ୍ରତ୍ୟେକ ମାୟାମମତାପୂର୍ଣ୍ଣ ଗୋଟିଏ ପାରିବାରିକ ଶୃଙ୍ଖଳରେ ଆବଦ୍ଧ ହୋଇ ପ୍ରତି ବ୍ୟକ୍ତିବିଶେଷ, ଅପରର ସୁଖ ଦୁଃଖ ଭିତରେ ସମ୍ପୃକ୍ତ ନିଜକୁ ମିଶାଇ ଦେବାର ଆତ୍ମୀୟତା ଜନ୍ମ ନେଉ । ମଣିଷ ମଣିଷଠାରୁ ଭିନ୍ନ ନୁହେଁ—ଉଚ୍ଚ ନୀଚ ଏବଂ ପର ଆପଣାର ମନୋଭାବ ବିବେକକୁ ଭସ୍ମୀଭୂତ କରି ଅହମ୍ ଏବଂ ବ୍ୟକ୍ତିତ୍ୱର ଆଡ଼କୁ ଟାଣିନିଏ । ତେଣୁ ମଣିଷ ଦିଗ୍‌ଭ୍ରାନ୍ତ ହୋଇ ଅନେକ ଭୁଲ କରେ—ପରିଶେଷରେ ଜୀବନର ସାୟାହ୍ନ ଲଗ୍ନରେ କେବେ ଯଦି ଅନୁତାପ-ଦହନରେ ପ୍ରାଣକୁ କ୍ଷତ ବିକ୍ଷତ କରେ ତଥାପି ଭ୍ରମର କ୍ଲାନ୍ତି ମରେନ ତା ମନରେ ଶାନ୍ତି ଜନ୍ମ ନିଏନି । ଭକ୍ତଭକ୍ତର ଶୁଭ ସମ୍ପର୍କ ଦେବ ରାଜ୍ୟଠାରୁ ଅଧିକ ଘନିଷ୍ଠ; ଅଧିକ ବଳିଷ୍ଠ । ପୃଥିବୀ କଲୁଷର ସ୍ମୃତିକୁ ସ୍ୱର୍ଗଭଳି ପବିତ୍ର ଏବଂ ମହତ୍ତର ହେବାର ଦାୟିତ୍ୱରେ ପ୍ରତି ବ୍ୟକ୍ତି ବିଶେଷର କର୍ତ୍ତବ୍ୟ ରହିଛି ।

ସୁରେନ୍ଦ୍ରନାଥ ବିଦ୍ୟାଧର

୧/4୦୦

ଏଇ ଗଳ୍ପଗୁଚ୍ଛ ଉପରେ ଆଖି ବୁଲାଇଲେ ପ୍ରଥମେ ଆକର୍ଷଣ କରେ ଭାଷା —ଯେଉଁ ଭାଷା ଗଳ୍ପ ରଚନାକୁ ଜୀବନ୍ୟାସ ଦିଏ । ଏ ଭାଷାରେ ଭଙ୍ଗି ଓ ଚଞ୍ଚଳତା ଅଛି । ବାରମ୍ବାର ଅଭ୍ୟାସଦ୍ୱାରା ତାହା ବିଶୁଦ୍ଧ ଓ ସ୍ୱଚ୍ଛ ହୋଇ ଉଠିବ । ଗଳ୍ପଗଠନ ଶୈଳୀକୁ ହାସଲ କରିବାର ଉଦ୍ୟମ ମଧ୍ୟ ତାଙ୍କଠାରେ ଦେଖାଯାଏ । ଲେଖକ ସାହିତ୍ୟ କ୍ଷେତ୍ରରେ ନୂତନ ଭାଷା ଓ ଶିଳ୍ପର ସାଧନାରେ ସେ ସିଦ୍ଧିଲାଭ କରନ୍ତୁ । ମୁଁ ତାଙ୍କ ଉଜ୍ଜ୍ୱଳ ଭବିଷ୍ୟତରେ ଆଶାୟୀ ।

କଟକ
୨୮ । ୭ । ୫୭ } କାଳିନ୍ଦୀଚରଣ ପାଣିଗ୍ରାହୀ

ଓଡ଼ିଶାର ବିଶିଷ୍ଟ ସାହିତ୍ୟିକ ଶ୍ରୀ କାଳିନ୍ଦୀ ଚରଣ ପାଣିଗ୍ରାହୀ ତାଙ୍କ କର୍ମମୟ ଜୀବନର ବହୁମୂଲ୍ୟ ସମୟ ଦେଇ ମୋ ଗଳ୍ପଗୁଚ୍ଛର ମୁଖଶାଳାଠାରୁ ଆରମ୍ଭ କରି ତଳ ପାହାଚ ପର୍ଯ୍ୟନ୍ତ ଓହ୍ଲାଇ ଆସି ଭାବନା ଓ ପ୍ରକାଶଭଙ୍ଗୀର ଛନ୍ଦକୁ ବିଶ୍ଳେଷଣ କରି ଅଭିମତ ବାଢ଼ି ଦେଇ ଯେଉଁ ପ୍ରେରଣା ଦେଇଛନ୍ତି, ତାହା ମୋ କଳ୍ପନାକୁ ଅଧିକ ସକ୍ରିୟ ଏବଂ ମୂର୍ତ୍ତିମନ୍ତ କରିବାର ବିଶ୍ୱାସ ରହିଛି । ପ୍ରଖ୍ୟାତନାମା ଶିଳ୍ପୀ ଶ୍ରୀ ଗୋପାଳ କାନୁନ୍‌ଗୋଙ୍କ ଭାଷା ଓ ଭାବ ବହୁଳ ତୂଳିକାର ନିଖୁଣ ପ୍ରଚ୍ଛଦପଟ୍ଟ ଏବଂ ବିଦୁଷୀ ଲବଙ୍ଗଲତା ଦେବୀଙ୍କଠାରୁ ପ୍ରାପ୍ତ ସ୍ୱର୍ଗତଃ ପୂଜ୍ୟ ଶିଳ୍ପୀ ବି. ବର୍ମାଙ୍କ ପ୍ରସାଧନ ପ୍ରଭୃତି ଜୀବନ୍ତ ଚିତ୍ରଣ ମୋ ଗଳ୍ପ ଗୁଚ୍ଛକୁ ସୁଶ୍ରୀ କରି ଆଲୋକକୁ ଆଣିଛି । ଅଧ୍ୟାପକ ଶ୍ରୀ ରାଜକିଶୋର ରାୟଙ୍କ ପ୍ରେରଣା ଏବଂ ଅଧ୍ୟାପକ ଶ୍ରୀ ପ୍ରାଣବନ୍ଧୁ କରଙ୍କ ସହ ଲେଖା ସମ୍ବନ୍ଧୀୟ ବ୍ୟକ୍ତିଗତ ଆଲୋଚନା ମୋ ଲେଖନୀର କଳା ପ୍ରବୃତ୍ତିକୁ ସୁଢ଼ଳ କରିଛି । ଶ୍ରୀ ରଘୁନାଥ ମହାପାତ୍ର, ଶ୍ରୀ ବୀରେନ୍ଦ୍ର ଚନ୍ଦ୍ର ପଟ୍ଟନାୟକ ବି. ଏସ୍‌ସି. ଇଞ୍ଜିନିୟରିଂ ( ଅନର୍ସ ), ଶ୍ରୀ ଚିନ୍ତାମଣି ମିଶ୍ର, ଶ୍ରୀ ଧନେଶ୍ୱର ରାଉତ ଏବଂ ଭାଇ ଶ୍ରୀ ରଘୁନାଥ ଛୋଟରାୟ, ଶ୍ରୀ ସତ୍ୟାନନ୍ଦ ଚମ୍ପତିରାୟ ଏମ୍ ଏ, ଏମ୍. ଏଲ୍. ଏ, ଶ୍ରୀ ସିଦ୍ଧେଶ୍ୱର ବିଦ୍ୟାଧର ବି. ଏସ୍‌ସି., ଏମ. ବି ବି.ଏସ୍.ଙ୍କ ସ୍ନେହ ଓ ଶୁଭେଚ୍ଛା ମୋ ପ୍ରୟାସ ଓ ଅଭିଳାଷକୁ ଉଚ୍ଛ୍ୱସିତ କରିଛି । ଶ୍ରୀମାନ୍ ମହେଶ୍ୱର ମୂଳିଆ ଏବଂ ବନ୍ଧୁ ଶ୍ରୀ ଅତୁଳଚନ୍ଦ୍ର ଗୁହ ମୁଦ୍ରଣ ଜନିତ ସମସ୍ତ ପ୍ରକାର ସହଯୋଗ କରିଛନ୍ତି । ପ୍ରତ୍ୟେକଙ୍କ ନିକଟରେ ମୁଁ କୃତଜ୍ଞ । ପ୍ରତ୍ୟେକଙ୍କ ଆତ୍ମୀୟତା ମୋର ସଦା ଆରାଧ୍ୟ, ସଦା ଅଭୁଲା । ପ୍ରିୟ ପାଠକ ପାଠିକାଙ୍କ ଅଭିମତ ମୋର ଚିର ଅଭିନନ୍ଦନୀୟ ।

ପଲ୍ଲୀକୁଟୀର
କଟକ
ତା ୧୫-୮-୫୭

ସୁରେନ୍ଦ୍ରନାଥ ବିଦ୍ୟାଧର


B.V.

# ସଭ୍ୟତାର ମୁଖଶାଳା

ଷ୍ଟେଥସ୍କୋପ୍‌ଟା ମୋ ଉପରେ ପକାଅ ନି ନର୍ସ...

ସେ 'ଲ' ବହିଗୁଡ଼ାକ ମୋ ଟେବୁଲ୍ ଉପରେ ରହିବନି...

ଏଁ...ଆଜିର କାହିଁ ସ୍ୱର ଗମ୍ଭୀର—କଲ୍‌ଟା ବୋଧେ ସିରିଅସ୍ କେଶ୍ ଥିଲା । ପକେଟ ଛାଡ଼ିଲେ ଗରମ ଅଛି । କେଶ୍ କୁହ, ଆଜି କ'ଣ କରିବାକୁ ହେବ ? ଟେବୁଲ ଉପରେର ବହି ରଖିବନି ଜାଣିଲ—ଏ ଚଉକିରେ ବସିବ କି ନା ଆଉ ତୁମ ସହିତ କଥାବାର୍ତ୍ତା କରିବ କିନା କୁହ—ମୋର କୌଣସି କଥାରେ ଆପତ୍ତି ନାହିଁ । କିନ୍ତୁ...ତୁମେ ଭୁଲି ଯାଉଚ ନର୍ସ...ମୁଁ ତୁମର ସ୍ୱାମୀ ଆଉ ତୁମେ ମୋର ସ୍ତ୍ରୀ...

ସ୍ୱାମୀ... ! କିଏ...? ତୁମେ, ନା ମୁଁ...? ?

ତୁମେ...

ଘର ବାଧ ହୁଅାଉ ! କିନ୍ତୁ ମର୍ଡ଼ର କେଶ୍ ଆଜ ଥିଲାକ ? ତାଙ୍କ ବୈରାଗ୍ୟ ଆସି ଯାଇଛି···!! ଅତି ନମ୍ର ଭାବଭଙ୍ଗୀ—ଆହା:, ଏ ଅଭିନବ ଅଭିନୟ କେଉଁଠୁ ଶିଖିଲେ ସେ ? 'ପ୍ରଭାତରେ' କଣ ପିକ୍‌ଚର ଚାଲିଛି ଜାଣିଛ ? ମୋର ବନ୍ଧୁମାନେ କହୁଥିଲେ, 'ନୟା ଜମାନା' ଅତି ଗ୍ରାଣ୍ଡ ପିକ୍‌ଚର ହୋଇଛି—ଆଜ ସେକେଣ୍ଡ ସୋ'କୁ ସମୟ ହେବ··· ?

ସକାଳୁ କଚେରୀ—କାଲି ପୁଣି ଗୋଟାଏ ଅନେକ ଦିନର ପୁରୁଣା ମର୍ଡ଼ର କେଶ୍‌ର ରାୟ ଶୁଣିବାର ତାରିଖ ଅଛି—ମନ ଚଞ୍ଚଳ—ମୁଁ ତୁମ ସହିତ ସହଯୋଗ କରି ପାରିବିନି ନମ୍ରା ! କିନ୍ତୁ ମନେ କରିବନି, ତୁମେ ଏକାକୀ ଯାଇପାର—ମୋର ଆପତ୍ତି ନାହିଁ···

ତୁମର ଆପତ୍ତି ନାହିଁକି ! ମୁଁ ଭାବିଲି—ଯଦି କେଉଁ ବନ୍ଧୁ କହନ୍ତି···

କହନ୍ତୁ, ବାଳକ ବନ୍ଧୁ ନୁହେଁ···

କ'ଣ ଆଉଥରେ କହିଲ···?

ମୋ ଉପରକୁ ଝୁଙ୍କି ପଡ଼ିନ ନମ୍ରା···ପୁଣି ସେଇ ଷ୍ଟେଥସ୍‌କୋପ୍ ଟା ମୋ ଉପରେ ପକାଅନି—ସତରେ ତାକୁ ଦେଖିଲେ କହିଁକି ମୋ ମନରେ ନାନା ବୈମ୍ନବିକ ପ୍ରତିକ୍ରିୟା ଜନ୍ମ ନିଏ··· ଅସଂଖ୍ୟ ଦୁଃସ୍ଥ ଏଇ ରାଜପଥ ଧାରରେ ସଢ଼ି ସଢ଼ି ମରୁଛନ୍ତି··· ଡାକ୍ତରଙ୍କୁ ହୁଏତ ତର ନାହିଁ । କାର୍‌ରେ ଦୌଡ଼ି ବୁଲି କୌଣସି ମନ୍ତ୍ରୀଙ୍କ ପୁତ୍ର ବା କନ୍ୟାଙ୍କ ମାନସିକ ସ୍ୱାସ୍ଥ୍ୟର ଆରୋଗ୍ୟ ପାଇଁ ବ୍ୟସ୍ତ । ଏଇତ ଦୁନିଆ ! ତୁମେ ବା ପୃଥକ୍ ହେବ କିପରି ! ସେଇ ମଣିଷତ ! ରକ୍ତ ମାଂସରେ ଗଢ଼ା !! ଡାକ୍ତରମାନଙ୍କ ପ୍ରତି ମୋର ହିଂସା ଓ ଘୃଣାଭାବ ଖୁବ୍ ବେଶୀ···ମୋର ସେମାନଙ୍କ

ଲାଗି ସ୍ନେହ ସହାନୁଭୂତି ଡିଲେହେଲେ ନାହିଁ—ତାଙ୍କର ଅବ
ହେଲାରୁ ଅସଂଖ୍ୟ ଲୋକଙ୍କର ଅକାଳ ମୃତ୍ୟୁ ହେଉଛି, କେ
କାପଡ଼ ଯେ ଖାଦ୍ୟ ପାଉନାହାନ୍ତି ବା ବୁଝିପାରୁ ନାହାନ୍ତି···
ବିବେକ ଏବଂ ମାନବିକତା ଆତ୍ମହତ୍ୟା କରୁ ନାହାନ୍ତି···ଏ
ହୃଦୟହୀନ···!! ଓଃ ସଭ୍ୟ ସମାଜର ବିଜ୍ଞାନ ମନୋବୃତ୍ତିପର
ତୁମେ ଆଣବିକ ଯୁଗର ନମୁନା ନା ସୂଚୀପତ୍ର···?

—ପରୋକ୍ଷରେ ତୁମେତ ଶ୍ରେଣୀବଦ୍ଧ କରି ମୋତେ ଆକ୍ଷେପ
ମୂଳକ ଖୁବ୍ ସମାଲୋଚନା କରିଗଲଣି ! ସେ କଳା ଗାଉନ୍‌
ମୋ ଉପରେ ପକାଇ ମୋତେ ଭୁଲାଇବାକୁ ଚେଷ୍ଟା କରନା···
ପ୍ଲେଟ ଛୁଆ ନୁହେଁ—ଆଲୋଚନା କରିବତ ସଫା ସଫା କୌଣ
ଗୋଟିଏ ନିର୍ଦ୍ଦିଷ୍ଟ ବିଷୟବସ୍ତୁକୁ ବିଶ୍ଳେଷଣ କରି ତାର ମ
ଉପଲବ୍ଧି କରିବା ପରେ ମନ୍ତବ୍ୟ ବାଢ଼ିଲେ ସୁନ୍ଦର ହୁଏ । 
ସବୁ ଶୁଣୁଚି କିଏ ! ପ୍ରଫେସର ହେଲେ ଯେ ବାବୁଙ୍କୁ କୁଆ
ଭଲ ଲାଗିଲାନି । ଏବେ ଗୋଟାଏ ଆଣ୍ଡରଗ୍ରୋଉଣ୍ଡ୍ ହୋଇ ଦେଶ
ଅସଦ୍ ଉପାୟର ପଥ ପରିଷ୍କାର କରୁଛନ୍ତି । ସତକୁ ମିଛ, ମିଛ
ସତ ଏଇଥିରେ କ'ଣ ନା ଦୁନିଆ ଲୋକଙ୍କୁ ସମାଲୋଚନା
କ'ଣ ଏଇନା କହନ୍ତି ଯେ··· ! ତୁମର କୋଉ ନୈତିକତା ଅ
କହିଲ ? ଖାଲି ସ୍ୱାର୍ଥ··· । ସ୍ୱାର୍ଥ ତୁମକୁ ଅନ୍ଧ କରିନି ?

—ତୁମ ସହିତ ସଂପର୍କଟା କୋଧେ ଅଧିକ ଦିନ ତି
ପାରିବନି । ମୁଁ ଯାହା ଦେଖୁଛି ତୁମେ ମୋତେ ପ୍ରତି ପର୍ଯ୍ୟାୟ
ଏବଂ ପ୍ରତି ବାକ୍ୟରେ ପ୍ରତିରୋଧ କରୁଛ ଏବଂ ପ୍ରତିବାଦ କରୁଚ—
ଏତେ ଗୁଡ଼ାଏ ସ୍ୱାଧୀନତା ମୁଁ ନ ହୋଇ ଥିଲେ କୌଣସି ସ୍ୱାମୀ
ତୁମକୁ ଦେଇ ପାରନ୍ତାନି···

—ଦ୍ୟାଟ୍ ଆଇ ଡୁ ଆଡ଼ମିଟ୍, କିନ୍ତୁ···

କିନ୍ତୁ କ'ଣ ତୁମେ ଡାକ୍ତର ହେବ ବୋଲି ସ୍ୱାମୀ ସମ୍ମୁଖରେ ହାଉ ସ୍କିନ୍ ମାଡ଼, ଉନ୍ମତ୍ତ ମୃଗୁଣୀ ଭଳି ଟପ୍ ଟପ୍ ବୁଲିବ, ମଥାରେ ପଣତ ଦେବନି, ସୀମନ୍ତରେ ସିନ୍ଦୂର ଦେବନି ଏପରିକି ନିୟମିତ ଦୁଇ ହାତରେ କାଚ ମଧ୍ୟ ନାହିଁ—ଝଲଖ ଠିଆ ହେବ, ଷ୍ଟ୍ରେଟ୍ ଜବାବ ଦେବ—ମାନ୍ୟ ମହତ ବା ଭକ୍ତିଭାବ ଅଣୁଏ ବି ନାହିଁ···। ଆକ୍ଚୁଅଲ୍ ତୁମକୁ ବିବାହ କରିବା ଭୁଲ ହୋଇଛି··· ବୈବାହିକ ଜୀବନଟା ଖାଲି ପ୍ଲାଷ୍ଟିକ୍ ହୋଇଗଲା···

ରିପେଣ୍ଟ—!

କର, ଅନୁତାପ କର—ଯଦି ପାରୁଚ କେତେ ବିନ୍ଦୁ ଅଶ୍ରୁ ଢାଳି ଦିଅ···। ତୁମେ ଯେ କେତେ ଶତାବ୍ଦୀର ତଳେ ଛଡ଼ିଚ ଯୁଝିବାକୁ, ମୁଁ କଳ୍ପନା କରି ପାରୁନି—ତୁମେ ଆଦି ଇତିହାସ ଓ ତାର ଦିଗ୍‌ବଳୟର ବନ୍ଧନ ତଳେ—। ତୁମେ ସଭ୍ୟତା ସହିତ ପାଦ ମେଳାଇ ପାରୁନା—ତୁମେ ପ୍ରାଚୀନ, ତୁମେ ନିହାତି ମଉହଠୀ ସୁରବାଳୁ, ନିହାତି ମଉହଠୀ...

ହଁ, ମୁଁ ଜାଣେ ତୁମେ ଲେଖିକା—ଏହା ବୋଲି ତୁମେ ତୁମର ସ୍ୱାମୀଙ୍କୁ ଗଳ୍ପ ଛଟା ଦେଇ ନାଟକୀୟ ଭଙ୍ଗୀରେ ବେଖାତିର କରି ସ୍ୱାମୀଙ୍କ ନାଁ ଧରି କଥାବାର୍ତ୍ତା କରିବା କ'ଣ ସୁନ୍ଦର ହେଉଚି···! ପୁରାଣ ଓ ଶାସ୍ତ୍ରଗତ ଶୃଙ୍ଖଳା ପାଦରେ ଦଳି ଦେବକି ? ସେଇଥିରେ ଆଧୁନିକାର ଗୌରବ ପରା...!!

ସେଇଟା ଆମର ଜନ୍ମଗତ ଦାବୀ ତୁମେ ଭାବିଥିଲ ସ୍ୱାଧୀନତା କେବଳ ପୁରୁଷମାନଙ୍କର ଏକଚୁଟିଆ, ନୁହେଁ ?

ମୋ ଉପରେ ତୁମେ ଲାଗନ ନଭ୍ର···ମୋତେ ବିରକ୍ତ କରନ । ଆଜି ଅନେକ କାମ ଏଇ ରାତି ମଧ୍ୟରେ କରିବାକୁ ହେବ — ଯା' ତୁମେ ତୁମର କାମ କର —

ଓଃ — ଇଏ ବସି 'ଲ' ବହି ପଢ଼ିବେ ! ମୋ ନାଁରେ କେଶ୍ କରିବେକି ? ସେକେଣ୍ଡସୋ'କୁ ଯିବେ କି ନାହିଁ କହିଲେ ? ସେ ଭୁଲଭୁଲ ଅଭିନୟ ଚଳିବନି — । ବିରକ୍ତି ! ଅପରାଧ କେଉଁଠି ଖୋଜି ପାଉନ ଛ !!

× × × ×

ବାବା, ଚାଲ କାଠଯୋଡ଼ୀ ଆଡ଼େ ବୁଲିଯିବା —
ନାଇଁରେ ମୁଁ ଯାଇ ପାରିବିନି — ତୁ ତୋର ମାମାଙ୍କୁ ଡାକେ....
ମାମା, ଚାଲେ ଯିବା —

ସୁନା ପୁଅଟି ପରା ! ମୋତେ ସମୟ କାହିଁ ! ତୁ ତୋର ବାବାଙ୍କୁ ଡାକେ···

ତାହେଲେ ମୋତେ ସମୟ ଅଛି ବୋଲି ଭାବୁଚ ନୁହେଁ ?
ମୋତେ କ'ଣ ସମୟ ଅଛି ?

ନବା, ପୂଜାରୀକୁ କୁହ—ପିଲାଙ୍କୁ ଖାଇବାକୁ ଦେବ—ସେମାନେ ଖାଇ ସାରିବା ପରେ, ବାଣୀ ଆଉ ପ୍ରସାର ସହିତ ଗୋଟିଏ ରିକ୍ସାରେ ଯା' କାଠଯୋଡ଼ୀ କୂଳକୁ—ସନ୍ଧ୍ୟା ପୂର୍ବରୁ ଫେରି ଆସିବୁ ।

ବେଶ୍ ଏତେ ବେଳକୁ ବୁଝିଲ, ନିଜ ଉପରେ ପଡ଼ିଚି ପରା ! ବାପ ହୋଇଛନ୍ତି—ଯିବାକୁ ସମୟ ନାହିଁ !! ମୁଁ ମାଇପି ଲୋକ

ଏକୁଟିଆ ପିଲାଙ୍କୁ ନେଇ କାଠଯୋଡ଼ୀ ଯାଇ ଥା'ନ୍ତ, ନୁହେଁ !!! କେପାସନ୍ଧଆ ଲାଗିଲାନ...କେମିତି କହିଲମ...

ତୁମେତ ଖାଲି ଈଶାଣ କଣରେ ଲୁଚି ବସିଚ—ଚନ୍ଦ୍ର ସୂର୍ଯ୍ୟ ଦେଖି ନାହାନ୍ତ ! ସତରେ ନଖ—ଶିକ୍ଷୟିତ୍ରୀ ହୋଇଥିଲେ ଭଲ ହୋଇଥାନ୍ତା...ପିଲାଗୁଡ଼ିକ ମଣିଷ ହୋଇ ପାରିଥାନ୍ତେ... ! ସ୍ବକର ହାତରେ ସେମାନଙ୍କ ଭବିଷ୍ୟତ ଗୁଡ଼ି ଦେବା ଆମର ଅଙ୍କଚାର ପରିଚୟ ଦିଏ । ସବୁବେଳେ ବଜ ଇଚ୍ଛା ଲାଇଫ୍‌ଟା ବଡ଼ ଟିଡିଅସ୍ ବୋଧ ହେଉଛି...ଜୀବନଟା କ'ଣ ନୀରସ ଏବଂ ଶୁଷ୍କ ଭାବରେ...

ନା ତା କାହିଁ ହେବ—ସଉସତା ଆସ୍ତେପ କରି, ଛୁଆପିଲାତ ହେଲେ, ଘର ସଂସାର କଲି—ଆଜି କ'ଣ ଅସମ୍ପୂର୍ଣ୍ଣ ରହିଲା ଯେ, ଜୀବନଟା ବ୍ୟର୍ଥ ବୋଲି ଯାଉଚ... । ତୁମେ ଯେ, କ'ଣ ଚାହଁ ମୁଁ ବୁଝି ପାରୁନ । ସତରେ ଦୈହିକ ଲିପ୍‌ସା ନା ମାନସିକ ରୋଗ... କଣ୍ଡି ଭଲେ ବୁଝି ହେଉନତ ! ହଁ, ମୋତେ ଯଦି ଦିନ ଷୋଳ ଘଣ୍ଟା ଧରି ବସିଥିବ ମୋର କଛି ଆପତ୍ତି ନାହିଁ—କିନ୍ତୁ, ମୁଁତ ଷ୍ଟେପ୍‌ସନାପ୍ଟ ନୁହେଁ ଯେ ଗ୍ଲାସଫ୍ରେମ୍ ଭିତରେ ସଦା ସର୍ବଦା ଆବଦ୍ଧ ହୋଇ ରହିଥିବ । ମୋରତ ପୁଣି ପୃଥିବୀ ପ୍ରତି କର୍ତ୍ତବ୍ୟ ଅଛି ! ତୁମେ ଯଦି ଅଧ୍ୟାପକ ହୋଇ ଥା'ନ୍ତ—ବିଶେଷ କ୍ଷତି କ'ଣ ହୋଇଥାନ୍ତା— କେଣ୍ ଜୀବନକୁ ସ୍ୱପ୍ନଭଳି ବିତାଇ ଦେଇ ପାରିଥା'ନ୍ତ...

ତା ହେଲେ ତୁମେ କହୁଚ—ମୋତେ ବର୍ତ୍ତମାନ ହ୍ବିସ୍କିଆ...

ନା, ନା ତା ମୁଁ କହୁନାତ...ଭୁଲ୍ ବୁଝିଲେ କି ?

ଏ କ'ଣ ତୁମେ ହସୁଚ...

*  *  *  *

—ଦୁଇ—

**ମୋ ବାଳ ଗୁଡ଼ାକ ଅଡୁଆ କରନା ନଷ୍ଟା...**

ତୁମେ କାହିଁ ମୋ ବେଣୀରେ ଲାଗୁଚ... !

ନଷ୍ଟା, ଜୀବନକୁ ଜୀବନ ଭଳି ଉପଭୋଗ କରିବାକୁ ହେଲେ ପାରିବାରିକ କର୍ତ୍ତବ୍ୟକୁ ଅବହେଳା କରିବା ଉଚିତ ନୁହେଁ— ଗୋଟିଏ ପରିବାରର ମଧ୍ୟ ସଂସାର ଉପରେ ପ୍ରଭାବ ଅଛି । ଆମେ ଯଦି ଆମର ପରିବାର ଓ ଦାମ୍ପତ୍ୟକୁ ସୁନ୍ଦର କରିବାରେ ଅସମର୍ଥ—ତାହେଲେ ଆମେ ଭୁଲ କରୁଛେ ନଷ୍ଟା, ଆମର ଭୂମିକା ଜୀବନ୍ତ ନ ହୋଇ ଅସଂପୂର୍ଣ୍ଣ ରହିଯିବ । ରିଅଲି ନଷ୍ଟା, ଉଇ ମଷ୍ଟ୍ ମେକ୍ ଟାଇମ୍ ଫର୍ ଅସ୍...

ମୁଁ ମଧ୍ୟ ସେଇଆ ଅନେକ ଦିନ ହେବ ବୁଝୁଛି — ପିଲା-ମାନଙ୍କର ଦାୟିତ୍ୱ ମୁଁ ଯେତେବେଳେ ସମ୍ପୂର୍ଣ୍ଣ ଗ୍ରହଣ କରି ପାରୁନି ଏବଂ ମୋର ପାରିବାରିକ ସମ୍ବନ୍ଧକୁ ବଳିଷ୍ଠ କରିବାକୁ ସମୟ ପାଉନି— ମନରେ ଅନେକ ଆଘାତ ଲାଗୁଛି—ମୁଁ ଅନୁତପ୍ତ । କିନ୍ତୁ ସେ ଅନୁତାପ ଶକ୍ତିହୀନ—ପ୍ରକୃତରେ ମନ ଓ ପୃଥିବୀର ଜୀବନକୁ ଜୀବନ୍ତ କରିବା ଲାଗି ଆମକୁ ଆମର ଉପଯୁକ୍ତ ସମୟ ବାଣ୍ଟିବାକୁ ହେବ...

ହଉ ଯା—ଖାଇ ନିଅ, ଭୋକ ହେଲାଣି । କଲ୍‌ରେ ଯିବ ବୋଲି କ'ଣ ନିଜର ହେଲ୍‌ଥ ପ୍ରତି ଦୃଷ୍ଟି ଦେବନି ! ଏହା କ'ଣ ତୁମର କର୍ତ୍ତବ୍ୟ ନୁହେଁ—ମୁଁ ଖାଲି ତୁମରି ହେଲ୍‌ଥ କଥା ସବୁ-ବେଳେ ଚିନ୍ତା କରୁଥିବି... ଯେପରିକି ସେଥିରେ ତୁମର କିଛି

ଛି

ଆବଶ୍ୟକ ନାହିଁ, ସେ ସବୁ ମୋର — କେବଳ ମୋର ଉପଭୋଗ ଲାଗି···

ତୁମେ କ'ଣ ଯେ ଆଜି ସବୁ କହୁଛ ମୁଁ କିଛି ବୁଝିପାରୁନି ·· ଉଃ, ବାହାରେ ବର୍ଷା ପକେଇଛି ସେଇଥି ଲାଗି ବୋଧେ··

ବର୍ଷା ଲାଗି ତ ମୁଁ ଦୁର୍ବଳ ନୁହେଁ — ଉତ୍ତାପର ବି ଆବଶ୍ୟକ ନାହିଁ — ଜଣ୍‌ଟାଏ 'ହଁ' ହେଲେ···

ତୁମେ ଯା ଖାଇନାଅ ନନ୍ଦା, ଅନେକ ବିଳମ୍ବ ହେଲାଣି···

ଏଁ ··ଘଣ୍ଟଟା କାଇଁ ଭଜୁଛ ଯେ··ସବୁଦିନେ ସେଇ ଦୁଷ୍ଟାମୀ ଗଳ୍ପ ବ'ଦଳଟା ଛୁଆର ବାପ ହୋଇ ମଧ୍ୟ··

ବାସ୍ତବିକ୍ ନନ୍ଦା, ତୁମେ ଆଜି ଖୁବ୍ ସୁନ୍ଦର ଦେଖା ଯାଉଛ·· ତୁମର ଏଇ କେଯ୍ୟାର କେଶ୍ ସଜ୍ଜା ମୋତେ ବଡ଼ ଦୁର୍ବଳ କରି ପକାଉଛି··। ସେଇଥି ଲାଗି ମୁହୂର୍ତ୍ତେ ତୁମକୁ ଦୂରେଇ ଦିବାକୁ ଦେଲେ ଜୀବନ ମରୁସ ଏବଂ ମରୁଭଳି ଶୁଷ୍କ ବୋଧ ହେଉଛି — ସତରେ ନନ୍ଦା··ତୁମର ଏ ସ୍ମିତ୍‌ଲେଶ ମୁଖମଣ୍ଡଳର କାନ୍ତି ଅତି ଲୋଭନୀୟ··ପୂର୍ଣ୍ଣମା ରଜନୀ ଠୁଁ ସ୍ୱାଗତିକା ଅତି ସହିଷ୍ଣୁ — ଯଦି ଆଉ ଟିକିଏ ନିକଟରେ ଥା'ନ୍ତ····

ଏଁ···ପୁଣି···

ନନ୍ଦା, ଅନେକ ଦିନ ହେଲା ତୁମ ମୁଖରୁ ସୁଲଳିତ କଣ୍ଠର ମଧୁ ଗୀତିକା ଓ ଦେହସୁଗା ନୂପୁର ନିକ୍ୱଣର ସ୍ପନ୍ଦନ ନ ଶୋଇ ମନ ବଡ଼ ଅବୁଝା ହେଉଛି — ଯଦି ଅନୁରୋଧ···

ଉଃ···ଆଇଡିଆ ତ ମନ୍ଦ ନୁହେଁ···ବିଉଟିଫୁଲ୍···ମାନେ, ସୁନ୍ଦର···

କ'ଣ ସେ ବୃଦ୍ଧାଣୀର ଅଯତ୍ନ ଝାମ୍ପାର ଗୁଚ୍ଛରେ କହି ଯାଉଚ ନର୍ସ···!

× × × ×

ନର୍ସ ଦେଇ ଅଛନ୍ତି···

—ଗୁଡ୍ ନ···

କି' ଏ-?

ଆଜ୍ଞା, ମୁଁ ଦାମା, ଶାନ୍ତି ଦେଇ ଚିଠି ଦେଇଛନ୍ତି ।

ଏ ସଞ୍ଜବେଳଟାରେ କ'ଣ ଏମିତି ଜରୁରୀ କାମ ଅଛି !

× × ନର୍ସ···

ଡୁନା ସିରିଅସ୍, କମ୍ ସୁନ୍

—ଗୀତା ( ଶାନ୍ତିବାଳା )—

ଏଁ—ଡୁନା ସିରିଅସ୍—!!! ଭୁଲ ଭୁଲ ଦାମା—ମୁଁ ଆସୁଚ—

ବଡ଼ ନଗେଲା ଏବଂ ନଷ୍ଟିଆ ଏ ବାୟୁମଣ୍ଡଳ ଆଜ ମୋର ତନୁ ଓ ମନ ! ମୁଁ ତ ସିରିଅସ୍ ନର୍ସ—

ତୁମେ ସିରିଅସ୍···!!! ମୋତେ କିନ୍ତୁ ଅବସର ନାହିଁ—ଯେପରକି ମୁଁ ସିରିଅସ୍ ଥିଲାବେଳେ ତୁମକୁ ଅବସର ନ ଥାଏ । ତଥାପି ମୁଁ ଫେରି ଆସୁଚ—

ମେଡ଼ିସିନ୍ ଛଡ଼ା ମୁଁ ବଞ୍ଚି ପାରିବିନି—ବୁଝୁଚ କ'ଣ, ମୁଁ ଯେ ହୋପ୍‌ଲେସ୍, ଡାକ୍ତର—

ଆନାଟୋମି କ୍ଲାସକୁ ଯାଇ ଚେଷ୍ଟା କର··· । ଆରେ ଷ୍ଟେଥସ୍କୋପ୍‌ଟା ଗୁଣ୍ଡ ମ ! ମୁଁ ଯାଏ – କୁନା ଯେ ସିରିଅସ୍ !!!

× × × ଦାମା –

ଆଜ୍ଞା –

ମେଡ଼ସନ୍ ବ୍ୟାଗ୍‌ଟା ଗୁଣ୍ଡ଼ ଆସିଲ – ବାବୁଙ୍କ ଟେବୁଲ ଉପରେ ରଖି ଯାଇଚ ନେଇ ଆସିଲୁ –

× × × କରେ, ଏ କଳା ଗାଉନଟା କାଇଁ ଆଣିଲୁ ?
ବାବୁ ଦେଲେ—କହିଲେ କି ନର୍ସ ଦେଈଙ୍କୁ ଦେଇଦେବୁ !
– ତାଙ୍କ ଗାଉନଟା ମୋତେ କାଇଁ ଦେଲେ – !

× × × ଖାଲି ଦେହରେ ଯାନ୍ତୁ – ! ମୋର ବାରର ଗାଉନଟା ଦେଇ ଦେଇଚ···ବାହାରେ ଖୁବ୍ ଶୀତ ପଡ଼ୁଇଚ ଡାକ୍ତର ତୁମେ ଶୀଘ୍ର ଫେରିଆସ···

ତୁମେ ଏ ବାହାରୁଟାରେ ଏପରି ଛୁଆ ପିଲାଙ୍କ ଭଳି କ'ଣ ହେଉଛ···ମୁଣ୍ଡ ଖରାପ ଅଛି ନା ଆଉ କିଛି – ! କିଛି ବୁଝି ହେଉନଚ – ଯଦି ମନସ୍ତାତ୍ତ୍ୱିକ ହୋଇଥାନ୍ତି···

ପେସେଣ୍ଟଙ୍କୁ ପରୀକ୍ଷା କର ଡ଼ାକ୍ତର – ପ୍ଲିଜ୍···

ନୁଅଲି, ଆଇ ଆମ୍ ସରି – କିନ୍ତୁ...

ସମୟର ଅଭାବ— । କୁନା ସିରିଅସ୍ !! ଶୀଘ୍ର ଚାଲ – କାର୍ ସ୍ପିଡ଼ ଦଅ ଡ୍ରାଇଭର । ଆଜି ଫେରି ନ ପାରେ ସୁରବାବୁ ହେଲ୍ଦ ଆଣ୍ଡ୍ ସୁଇଟ୍, ଇଭନିଙ୍ଗ ବାପୁ···ବାପୁ···ଟା···ଟା···

ମୁଁ ଯେ ସିରିଅସ୍ ଡାକ୍ତର !

ଉଃ – କି ଉଣ୍ଡର – !

ତୁମେ ସିରିଅସ···! କିନ୍ତୁ ମୁଁ ଯେ ବଜ !! ହାଃ···ହାଃ··· ହାଃ···

ଅନେକ ସମୟରୁ ପାଦ୍ରିଙ୍କ ଘରୁ ଫେରି ଆସିଛନ୍ତି ନଗ୍ମା— ଆଖିର ପତାରେ ନିଦ ନାହିଁ — ନଗ୍ମା ସିରିଅସ୍··

— ଆଜି କେତେ ସମୟ ଅପେକ୍ଷା କରିବାକୁ ହେବ !!

ନିସ୍ତବ୍ଧ । ରାତି ବାର···

ଆଡ଼ଭୋକେଟଙ୍କୁ ମୁହୂର୍ତ୍ତେ ଅବସର ନାହିଁ — ସିଏ ତାଙ୍କର ମହକିଲମାନଙ୍କ ପାଇଁ ବ୍ୟସ୍ତ —

— କଟେଗ ଘର ଆଡ଼କୁ ପ୍ରତୀକ୍ଷମାଣା ହୋଇ ଚାହିଁ ରହି-ଛନ୍ତି ନଗ୍ମା — ପଦଧ୍ୱନିର ଗୁଞ୍ଜନ ନାହିଁ — ରିଷ୍ଟୱାଚ୍‌ର ମିନଟ୍ ଓ ସେକେଣ୍ଡ୍ କଣ୍ଟାର ଆବର୍ତ୍ତନ ଖୁବ୍ ଦ୍ରୁତ — ଆଜି କେତେ ସମୟ ଅପେକ୍ଷା କରିବାକୁ ହେବ ! ଶୀତୁଆ ପବନରେ ଦେହ ଶୀତେଇ ଉଠୁଛି । ଏକ ନୂତନ ସ୍ପନ୍ଦନ — ଏକ ଅନୁପଲବ୍ଧ ଶିହରଣ ! ବାହାରେ ଭୀଷଣ ବର୍ଷା — ତମସା ଆଚ୍ଛନ୍ନ ପୃଥିବୀ ବୁକୁ ଉପରେ ଅସଂଖ୍ୟ ବିଦ୍ୟୁତର ସ୍ୱର୍ଣ୍ଣରେଖା — ସେଇ ରଶ୍ମିରେ କୋଠରୀ ସମୟେ ସମୟେ ଆକସ୍ମିକ ଭାବରେ ଉଦ୍ଭାସିତ — ନିଜର ଅଯତ୍ନ ବେଶଭୂଷା ଓ ଅର୍ଦ୍ଧନଗ୍ନ ତନୁଲତା ଆଜି ଖୁବ୍ ରୂପମନ୍ତ ଏବଂ ଲୋଭମୟ ହୋଇ ଉଠୁଛି — ମନ ନିହାତି ଚପଳ···। ନଗ୍ମା ବଡ଼ ବ୍ୟତିବ୍ୟସ୍ତ — କିନ୍ତୁ ଉତ୍କଣ୍ଠାରେ ଦରଦ । ପାଦ୍ରିଙ୍କ ଅନୁରୋଧ ଏଡ଼ି ଦେଇ ସିଏ ଫେରି ଆସିଥିଲେ ଘରକୁ — କିନ୍ତୁ···

# ଅସ୍ତ ଚନ୍ଦ୍ର

**ମେ**ଘମାଳାଙ୍କ କଣ୍ଠରେ ଅସ୍ପଷ୍ଟ ହୁଳହୁଳର ଝଂକାର···

ବେଦୀ ଉପରେ ଜ୍ଞାନଦା ଏବଂ ଅଶୋକ—ବନ୍ଧୁମାନଙ୍କ ସମାବେଶରେ ଘରଟି ପୂରି ଉଠୁଛି—ଶୁଭ-ବିବାହର ସ୍ପନ୍ଦନ ପ୍ରତ୍ୟେକଙ୍କ ପ୍ରାଣରେ ଅହେତୁକ ପୁଲକ ଢାଳି ଦେଉଛି—ଜ୍ଞାନଦା ଓଢ଼ଣୀ ତଳେ ହୁଏତ ଆତ୍ମବିଭୋର ହୋଇ ତୃପ୍ତିର ନୀଡ଼ ରଚନା କରୁଥିବେ—ଅଶୋକଙ୍କ ଅଧରରେ ଅଳସ-ସ୍ମିତ ରେଖା—

ଛୋଟ ପୁଅଟି ଅବୁଝା ହେବାରୁ ମେଘମାଳା ବାହାରକୁ ଯାଇ ବୁଝେଇବାକୁ ଚେଷ୍ଟାକଲେ—ଦିନସାରା ବୁଲି ବୁଲି ଅରୁଣ ଶୋଇ ପଡ଼ିଲା ମା'ଙ୍କ ବୁକୁର ଉଷ୍ମତା ପାଇ—କ୍ଲାନ୍ତିର ଅବସାନ ଲାଗି ।

ଆରାମ ଚେୟାରଟାରେ ଆଉଜି ବାଡ଼ି ବଗିଚାକୁ ଚାହିଁ ଥାନ୍ତି ମେଘମାଳା—ବଡ଼ ନୀରବ ଏବଂ ନିରୋଳାରେ ପୁଣି ମନେ ପଡ଼ିଗଲା ସେଇ କଥା- ଜ୍ଞାନଦାର ବିବାହ—ସିଏ ଆସି ନାହାନ୍ତି ବୋଲି କଏ କେତେ କଥା ଯେ ନକହୁଚି-ସବୁ ମୁଣ୍ଡପାତି ସହି ଯାଉଛନ୍ତି ମେଘମାଳ।—ଦୀର୍ଘ ତିନିବରଷ ହେବ, ସମସ୍ତ ସଂବଧ ଏଡ଼ିଦେଇ ମେଘମାଳାଙ୍କୁ ସେ ଭୁଲି ଯାଇଛନ୍ତି—ଏପରିକି ଆଜି ବଂଶର ବନ୍ଧନ ତୁଟାଇ ଦେଇଛନ୍ତି ।

ମେଘମାଳା ଲୁହ ପୋଛୁଥିଲେ···

ସନ୍ଦେହରେ ମଣିଷ ମଣିଷକୁ ଭୁଲ ବୁଝେ—ପ୍ରବାଣଙ୍କ ସଙ୍ଗେ ମେଘମାଳାଙ୍କର ଘଂଟେଇ ଦେଖି ଦୀପକ ବିବାହର ପୂର୍ବ ଦିନ ଗୁଡ଼ିକରେ ମେଘମାଳାକୁ ସନ୍ଦେହ କରିବାର ଅବକାଶ ପାଇ ନଥିଲେ—କାରଣ ମେଘମାଳାଙ୍କ ଅକ୍ଷତ ଯୌବନଶ୍ରୀ ତଳେ ସେ ନିଜକୁ ହଜାଇ ଦେଇଥିଲେ—ସେ ପ୍ରକୃତରେ ଚଞ୍ଚଳତା ବା ମନର କଳାକୁ ଯେ ଏତେ ଭଲ ପାଉଥିଲେ ସେ ବିଷୟ ଦିନେ ବି ମେଘମାଳା ବିଶ୍ଳେଷଣ କରି ପାରି ନଥିଲେ—କାରଣ ସେ ଦିନ ଥିଲା ବୟସର ଜୁଆର···

ପାଞ୍ଚ ବରଷ ପରେ ଦିନେ ହଠାତ୍ ଦୀପକ କୋଠରୀରେ ପ୍ରବେଶ କରି ଦେଖନ୍ତି ମେଘମାଳା ପ୍ରବାଣଙ୍କର ଖୁବ୍ ନିକଟରେ ବସିଛନ୍ତି । ଦୀପକଙ୍କ ପ୍ରବେଶରେ ଉଭୟେ ଆତ୍ମ ଅସଂଯତ ହୋଇଥିଲା ଭଳି ବୋଧ କଲେ । ସେଠାରୁ ସେ ଦିନ ଫେରି ଆସିଥିଲେ ଦୀପକ—

ଆଉ ଦିନେ ଦୀପକ ପାଇଲେ ଖଣ୍ଡେ ଚିଠି—ପ୍ରବାଣଙ୍କ ହାତ ଲିପି । ସେ ଲେଖାରେ ମେଘମାଳାଙ୍କର ଭଉଣୀ । ନିହାତି ମାମୁଲି ଲେଖା ଠିକ୍ ରକ୍ତ ସମ୍ବନ୍ଧର-ରୂପରେଖ— କିନ୍ତୁ ଦୀପକଙ୍କ ମନରେ ସନ୍ଦେହର ବିଷାକ୍ତ ଝଡ଼—ତାପରେ ଥରେ ଗୋଟିଏ ଗପ ପଢ଼ିବାକୁ ପାଇଲେ ଦୀପକ—ପ୍ରବାଣଙ୍କ ଲେଖା ଓଡ଼ିଆ ପତ୍ରିକାରେ । ସେ ଗପର ଆଧାର ଯେ ମେଘମାଳା ସେ ବେଶ୍ ଅନୁଭବ କଲେ—ସନ୍ଦେହ ଘନୀଭୂତ ହେଲା ।

ମଣିଷ ଥରେ ଭୁଲ ବୁଝିଲେ ଅସଂଖ୍ୟ ଦୁର୍ବଳତା ଜନ୍ମ ନିଅନ୍ତି—ଅବୈଧାନିକ ଭାବରେ ସେ ମେଘମାଳାଙ୍କୁ ଘରୁ ବାହାର କରି ଦେଇଛନ୍ତି—ତିନୋଟି ଛୁଆଙ୍କୁ ଧରି ମେଘମାଳା ନିଜ ବାପା

ଓ ମା'ଙ୍କ ସ୍ନେହର କୋଳରେ ଆଶ୍ରୟ ନେଇଛନ୍ତି—ତାଙ୍କର କାହାକୁ ଦୋଷ ଦେବାର ନାହିଁ—କାରଣ ସେ ଭଲପାଇ ବିବାହ କରିଥିଲେ—ଅନୁତାପ ଅଗ୍ନିରେ ଜଳି ପୋଡ଼ି ପାଉଁଶ ହେବାକୁ ଗଲେଣି—ଯୌବନର ସାୟାହ୍ନରେ ପାଠକଙ୍କ ଭଲ ପାଇବାର ଉପାଦାନ ଶେଷ ହୋଇ ଯାଇଛି—ମିଥ୍ୟା ଘଟଣାର ସୁଯୋଗ ନେଇ ସେ ଏଇ ପୃଥିବୀରେ ଖୋଜି ବୁଲିଲେଣି ନୂତନ-ତନ୍ୱୀ, ରୂପସୀ···

ମେଘମାଳା ପୁଣି ଲୁହ ପୋଛିଲେ···

ଇଚ୍ଛା ହେଉଥାଏ ଜ୍ଞାନଦାଙ୍କୁ ବେଦୀ ଉପରୁ ଉଠାଇ ଆଣିବା ଲାଗି—କିନ୍ତୁ ସେ ଅନୁଭବ କରୁଥାନ୍ତି—ଜ୍ଞାନଦାକୁ ନିଜର ସମସ୍ତ ଅଙ୍ଗ ଓ ମନର ଭାଷା ଯଦି ନଗ୍ନ ଭାବରେ ବାଢ଼ି ଦେବେ—ସେ ସମସ୍ତ ତିକ୍ତ ବୋଧ ହୋଇପାରେ ଜ୍ଞାନଦାକୁ କାରଣ ଠିକ ସେଇ ଭଳି ଗୋଟିଏ ଦିନ—ବାବା ଓ ମା ଯେତେ ବୁଝାଇଥିଲେ ମେଘମାଳା ଅଭିମତକୁ ଅବହେଳା କରିଥିଲେ। ସେ ଥିଲେ କଳ୍ପନା-ବିଳାସୀ—କଳ୍ପନାର ତୂଳିକାରେ ଆଶାର ମିନାରକୁ ସେ ଏତେ ସୁନ୍ଦର କରି ତୋଳି ପାରିଥିଲେ ଯେ ସେ ଭାବିଥିଲେ ଜୀବନଟା କେବଳ ସ୍ୱପ୍ନମୟ। ପାଠକଙ୍କ ସହିତ ଏ ରଙ୍ଗମଞ୍ଚରେ ଅଭିନୟ କରି କରି ସ୍ୱପ୍ନ ଭଳି ଜୀବନରେ ପୂର୍ଣ୍ଣଚ୍ଛେଦ ଦେବେ—ଜୀବନ୍ତ ଉପନ୍ୟାସ ଗଢ଼ି ଉଠିବ। ତେଲ ଲୁଣର ସଂସାର ନାୟିକାଙ୍କ ରୂପେ ଠିଆ ହେଉଥିଲି—କିନ୍ତୁ ପର ଅଧ୍ୟାୟରେ ସମସ୍ତ ଓଲଟା। କଳ୍ପନା କଳ୍ପନା ବାସ୍ତବ ବାସ୍ତବ; ଉଭୟେ ପରସ୍ପର ସୃଷ୍ଟିର ଆଦି କାଳରୁ ପୃଥକ୍।

ବିକଳାଙ୍ଗ ସ୍ମୃତି ରକ୍ତ ମାଂସହୀନ—ରୁକ୍ଷ—କେବଳ କଙ୍କାଳ ସାର। ବିଳାପର ଶେଷ ନାହିଁ—

ମେଘମାଳା ପୁଣି ଲୁହ ପୋଛୁଲେ···

ଭିତର ଘରୁ ମା ଡାକିଲେ; ମେଘମାଳା ! ପୁଅ ଏ ପର୍ଯ୍ୟନ୍ତ ଶୋଇଛ ? ବର କନ୍ୟାକୁ ବେଦୀରେ ବନ୍ଦେଇବାକୁ ସମସ୍ତେ ଅପେକ୍ଷା କରିଛନ୍ତି ।

ମେଘମାଳା ଧୀରେ ଅରୁଣକୁ ଶେଯ ଉପରେ ଶୁଆଇ ଦେଇ ଚାଲିଲେ ବେଦୀ ନିକଟକୁ—ସମୂହ ବନ୍ଦାଣରେ ପ୍ରତ୍ୟେକ ଅଞ୍ଜଳି ଭରି ପୁଷ୍ପ ଏବଂ ମୁକୁଳା କଣ୍ଠର ହୁଳହୁଳି ଡାକି ଦେଉଥାନ୍ତି ନବ ଦମ୍ପତିଙ୍କ ଲାଗି—ସେଥିରେ ଯୋଗ ଦେଇଥାନ୍ତି ମେଘମାଳା । ଶୁଭେଚ୍ଛା ସଙ୍ଗେ ସଙ୍ଗେ ମନରେ ଆଶଙ୍କାର ବାଦଲ ବଢ଼ି ଘନୀଭୂତ —ଠିକ ଧାରା ଶ୍ରାବଣର ବର୍ଷଣ ମୁଖର ଅମାବାସ୍ୟାର ଘନବାଦଲ ଘେରା ଆକାଶର ବୁକୁ ଭଳି—ମନ ତଳେ ଆଶା ଓ ଶୁଭେଚ୍ଛା ବଢ଼ି ନଷ୍ଟ ଭ—ମାଙ୍ଗଳିକାର ଶୁଭ ଧୂପରେ ଲୋତକ ଧାର ଶୁଖିଗଲା ।

ଯାପକ ମେଘମାଳାକୁ ଭଲ ପାଇଥିଲେ ଉପଭୋଗ ଲାଗି— କ୍ଷଣିକ ସୌଖିନ୍ ଲାଗି—ଜନତାର ଭୂରି ଭୂରି ପ୍ରଶଂସାକୁ ଭୁମି କରି—କିନ୍ତୁ ସେ ତନ୍ଦ୍ରା ଭାଜି ଯାଇଛି ଯୌବନର ଅଳସ ଲଗ୍ନରେ ।

—ଦୁଇ—

ଜ୍ଞାନଦାଙ୍କର ସାତ ମଙ୍ଗଳା—ମେଘମାଳା ତାଙ୍କ ମାମୁଁ ଝିଅ ଭଉଣୀ ଭରତି ସହ ଘର ସଜାଡ଼ିବାରେ ବ୍ୟସ୍ତ—ମନଖୋଲା ଦୁଇଟି ଜୀବନର ପାରିବାରିକ ଘଟଣା ବହୁଳ ଇତିହାସର ଆଲୋଚନା······

ଭରତି କହୁଥାନ୍ତି—"କ'ଣ କହିବିଲୋ, ତୋ ନନାଙ୍କ କଥା, ସେ କାହିଁକି ଯେ ମୋତେ ଏତେ ସ୍ନେହ କରନ୍ତି ମୁଁ ବୁଝେନି— ମନୋମତ ବିବାହ କରିବାର ସୁଯୋଗ ବା ପରିସ୍ଥିତି ନ ଥିଲା ।

ପିଲାଟି ଦିନରୁ ମୋ ବାବା ଏବଂ ତାଙ୍କ ବାବା ସବୁ ବନ୍ଦୋବସ୍ତ କରି ଦେଇଥିଲେ— ମୁଁ ତାଙ୍କୁ ଜମା ଦେଖି ନଥାଏ—କେବଳ ଶୁଣୁଥାଏ ସେ କୋଉଠି ପଢ଼ୁଥାନ୍ତି । ଯେଉଁ ଦିନଠାରୁ ଯୌବନର ପହିଲି ପରଶ ମୋ ଦେହରେ ବାଜି ମୋ ତନୁଲତା ଭରି କରିବାକୁ ଲାଗିଲା—ସେଇ ଦିନଠାରୁ ବାବା ଆଉ ମା ମୋତେ ଗୋଡ଼େ ଗୋଡ଼େ ଜଗିଥାନ୍ତି । ସ୍କୁଲ ଯିବା ତ ପୂର୍ବରୁ ବନ୍ଦ— କୌଣସି ଯୁବକ ସହିତ ଠିଆ ହୋଇ ପଦେ କଥା ହେବାର ସାହସ ବି ନଥିଲା । ଯେତେ ଆତ୍ମୀୟ ହୁଅନ୍ତୁ ପଛକେ—କ'ଣ କରିବେଲା, ଦିନ ଷୋଳଘଣ୍ଟା ଘରଟାରେ ଆବଦ୍ଧ ହୋଇ ରହିବାକୁ ହୋଇଥାଏ—କୌଣସି ଝିଅ ପିଲାଙ୍କ ସହ ବି ଜୋରରେ ଟିକିଏ ହସିଲେ ଯୋଉ ଗାଳି ସହିବାକୁ ହୁଏ, ସେ ସବୁ ଏବେ ବି ମନେ ଅଛି । ସିନେମା ବା ନଭେଲ ବହି ମୋ ଜୀବନରେ ସ୍ୱପ୍ନ ହୋଇଥିଲା । ମୋତେ ଅବଶ୍ୟ ଅଡୁଆ ଅଡୁଆ ଲାଗୁଥାଏ । କଅଁଳ ମନ, ନୂଆ ଆଖି—ସେଥିରେ ଏ ଅଭିନୟ ଭଲ ଲାଗୁଚି କେଉଁଠି...

ମାସକ ପରେ ମୋର ତାଙ୍କ ସହିତ ବିବାହ ହେଲା— ଅଜଣା ଅଶୁଣାର ସହିତ ମିଳନ—କେବଳ ଅନୁଭବୀ ହିଁ ଜାଣେ । ପ୍ରଥମ ପରିଚୟର ସ୍ମୃତି କେବେ ଭୁଲି ହେବନି—ସେ ପବିତ୍ରତା କେବେ ମୋ ଜୀବନରେ କେବେ ମଉଳିବନି—ମୁଁ ତାଙ୍କ ସ୍ୱାମୀତ୍ୱର ତୃପ୍ତିରେ ଆତ୍ମହରା ହୋଇ ମନରେ ତାଙ୍କୁ ସଦା ସର୍ବଦା ପୂଜା କରେ । ସିଏ ମତେ ଏବଂ ମୋର ପିଲାମାନଙ୍କୁ ଭରି ସ୍ନେହ କରନ୍ତି । ବାରିକ କହୁଥିଲା—ସିଏ ଆଜି ଆସିବେ ବୋଧେ—

ମେଘମାଳା ନୀରବରେ ସବୁ ଶୁଣିଯାଉଥାନ୍ତି—ଦୁଇଟି ଜୀବନର ପାର୍ଥକ୍ୟ ତାଙ୍କର ଆଖି ଆଗରେ ଚଳଚ୍ଚିତ୍ର ଭଳି ସଜୀବ ହୋଇ ଉଠୁଥାଏ । ସେ ଅଧୈର୍ଯ୍ୟ ହୋଇ ପଡ଼ିଲେ ।

ସାବିତ୍ରୀ ଅମାବାସ୍ୟା—

ସବୁ ଭଉଣୀ ହାତକୁ ଶଙ୍ଖା କଣିଲେ – କିନ୍ତୁ ମେଘମାଳାଙ୍କ ମନରେ ସୁଖ ନାହିଁ—ବୋଉ ବାଧ କରି ଦୁଇ ହାତକୁ ଷୋଳପଟ ପାଣିକାଚ କଣିଦେଲେ—ଅନେକ ବୁଝେଇ କହିଲେ,—ତୁ କାହିଁ ମନ ଖରାପ କରୁଚୁ ମା—ମୁଁ ଅଛି, ବାପା ଅଛନ୍ତି, ଭାଇ ଭଉଣୀ ସମସ୍ତେ ଅଛନ୍ତି— ତୋର କଅଣ ଅଭାବ ଯେ— ଆଜି ଗୋଟାଏ ଦିନ ଏଥିରେ ତୁ ଏତେ ମନ ଖରାପ କରି ବସିଚୁ ! ଠିକ୍ଏ ହସ ନାହିଁ—ଆଜି କ'ଣ ହୋଇଛି ମା— କିଏ କ'ଣ କହିଲା ?

ମେଘମାଳା ବୋଉଙ୍କ ମନରେ ଆଘାତ ଦେବାକୁ ନଯାଇ କହିଲେ—"ଅରୁଣଟା ଭାରି ଦୁଷ୍ଟ ହୋଇଛି, ତାର କଥା ଭାବୁଥିଲି —ସେ କ'ଣ ମଣିଷ ହେବନି—ବାବୁ ଏବଂ ବୁଢ଼ାଠାରୁ ମୁଁ ବେଶୀ ଅରୁଣକୁ ଭଲପାଏ—କିନ୍ତୁ, ସେ ଯୋଉ ଅବୁଝା ହେଉଛି—

ମା କହିଲେ ଏଇଥିପାଇଁ ଏତେ ଚିନ୍ତା—ଅରୁଣକୁ ମୋ ସହିତ ବାହାକରି ଦେବୁନି --

ମେଘମାଳାଙ୍କ ମନ କ୍ଷଣକ ଲାଗି ବଦଳି ଗଲା···

ପୌଷର ରବିବାର···

ମେଘମାଳା ଅରୁଣକୁ ପୋଖରୀ କୂଳରେ ବସେଇ ଦେଇ ଗାଧୋଉଥିଲେ—ହଠାତ୍ ମିଳିତ କଣ୍ଠର ଚିତ୍କାର ସଙ୍ଗେ ସଙ୍ଗେ କାନ୍ଦଣା ଶୁଣାଗଲା – ମେଘମାଳା ଏକା ରାହାକେ ଧାଇଁଗଲେ ଘଟଣା ସ୍ଥଳକୁ—

ଦେଖନ୍ତି ତ ପିଜୁଳି ଗଛ ମୂଳରେ ବାବୁ ଆଉ ବୁଢ଼ା ଅଚେତନ ଅବସ୍ଥାରେ—ଦେହ ବିବର୍ଣ୍ଣ – ପ୍ରତ୍ୟେକ ମଳିନ କିନ୍ତୁ ଲୁହଁ ଭରିଛନ୍ତି ତାଙ୍କ ରି ଆଡ଼େ—ଉଭୟଙ୍କ ଅଙ୍ଗରେ ନାଗସାପର କ୍ଷତ···

ମେଘମାଳାର କାନ୍ଦିବାର ଧୈର୍ଯ୍ୟ ନାହିଁ । ଆଖିର ଗହ୍ୱରରେ ଲୋତକ ନାହିଁ—ସେ ଜଡ଼···

ତେଣେ ପୋଖରୀ କୂଳର ସେ ସାଇର ପଧାନ ଘର ବୁଢ଼ୀର ପାଟି ଶୁଣାଗଲା "ଆରେ କଏ କୋଉଠି ଅଛ ଧାଇଁ ଆସରେ—ପିଲାଟାକୁ ଏକୁଟିଆ ଛାଡ଼ି ଦେଇ କେମିତି ଅଚେତା ହୋଇ ଘରେ ବସିଚ କଲେ—ପିଲାଟା ପାଣି ପିଇ ଆକଟା ମାକଟା ହୋଇ ଗଲାଣି ।"

ମେଘମାଳା ବୁଢ଼ୀର ପାଟି ଶୁଣିବା ସଙ୍ଗେ ତାଙ୍କର ମନେ ପଡ଼ିଲା ସେ ଅରୁଣକୁ ଛାଡ଼ି ଚାଲି ଆସିଥିଲେ—ପାଗଳୀ ଭଳି ଧାଇଁ ଯାଇଁ ଦେଖନ୍ତି ତ ପଧାନ ଘର ବୁଢ଼ୀ ଅରୁଣକୁ କୋଳରେ ଧରି ବସିଛି ।

ମେଘମାଳା କୋଳକୁ ଆଣି ଡାକିଲେ—ଅରୁଣ ! ଅରୁଣ ଟୋକେଟ ପତା ଦୁଇଟି ଟେକି ଥରେ ଚାହିଁଲା—ବୋଉକୁ ଶେଷଥର ପାଇଁ ଚାହିଁ ଅରୁଣ ଶୋଇ ପଡ଼ିଲା—ଅଦିନ ନିଦ—

···ଅଧ ରାତିରେ ଭଉଣୀଟି ଶବକୁ ଜୋର କରି ଛଡ଼େଇ ନେଲେ ମେଘମାଳାଙ୍କ କୋଳରୁ···

—ତିନି—

ମେଘମାଳା ଦିନ ମଧ୍ୟରେ ଏକାଧିକ ଥର ବାରିଆଡ଼କୁ ଯାଆନ୍ତି—କେବଳ ଗାଁ ମୁଣ୍ଡ ମଶାଣିକୁ ଚାହିଁ ଚାହିଁ ଫେରି ଆସୁ-ଛନ୍ତି । ମା ଡାକର ସାତ ଅଳିଅଳି ଅଳି ନାହିଁ—ମନେ ହେଉଛି ସତେ ଯେପରି ତାଙ୍କ ଜୀବନରେ ସେ ସୌଭାଗ୍ୟ କେବେ ଦେଖା ଦେଇନ ।

ହାତର ଶଙ୍ଖାରେ ଆଖି ଫେରାଇ ଆଣିଲେ ବୁକୁରେ କୋହ ଏବଂ ପତା ଧାରରେ ଲୁହ ଜମି ରହେ—ମେଘମାଳା ଚିନ୍ତା କରନ୍ତି ସେ କାହିଁକି ବଞ୍ଚିବେ—ତାଙ୍କର ଆଉ କେଉଁ କର୍ତ୍ତବ୍ୟ ଅବଶିଷ୍ଟ ରହିଛି—ଝଡ଼ ଝଞ୍ଜାମୟ ପଥରେ କେଉଁ ଶାନ୍ତି ଲାଗି ଭଗବାନ ଏତେ ଦୁଃଖ ଦିଅନ୍ତି—କିଛି ବୁଝି ପାରନ୍ତିନି ମେଘମାଳା । ସର୍ବହରା ହୋଇ କେଉଁ ଆଶାକୁ କେନ୍ଦ୍ର କରି ଯେ ସେ ଘାଣ୍ଟି ହେଉଛନ୍ତି—ଇତିହାସ ସାକ୍ଷ୍ୟ ଦିଏନି—ଭବିଷ୍ୟତ ଯେ କ'ଣ ହୋଇପାରେ—

ବଞ୍ଚିବାର ନିଶା ନାହିଁ—ପୃଥିବୀ ତିକ୍ତ ବୋଧ ହେଉଛି । ଅଙ୍ଗର ପରିଧାନ ଲାଗି ପରିଷ୍କାର ଶାଢ଼ୀଟିଏ ବି ବ୍ୟବହାର କରୁ ନାହାନ୍ତି । ମୁଣ୍ଡବାଳ ଅସଂଯତ ଏବଂ ଅଲରା । ଖିଆ ପିଆରେ ଠିକ୍ ନାହିଁ । ଘରେ ନିହାତି ଅନୁରୋଧ କଲେ ବୋଉଙ୍କ ମନ ବୁଝିବା ଲାଗି ଦିନ ମଧ୍ୟରେ ଦୁଇଥର ଭାତ ଥାଳି ନିକଟରେ ବସି ପଡ଼ନ୍ତି । କିନ୍ତୁ ପ୍ରକୃତରେ ଖାଇ ପାରନ୍ତିନି । ପିଲାମାନଙ୍କ କଥା ସଦାବେଳେ ମନେପଡ଼େ । ପର୍ବ ପର୍ବାଣୀରେ କାନ୍ଦି କାନ୍ଦି ବାୟାଣୀ ଭଳି ହୋଇ ଯାଆନ୍ତି । ଦେହରେ ଆଉ ମାଂସ ନାହିଁ । କେବଳ କେତେ ଖଣ୍ଡି ଅସ୍ଥିକୁ ସମ୍ବଳ କରି ତାଙ୍କ ଜୀବନ ବର୍ତ୍ତିକା ଲିଭି ପାରୁନି । ଆଖିରୁ ଲୁହ ବି ଶୁଖି ଆସିଲାଣି । ବୁକୁର କୋହ ମନ୍ଥର ହୋଇ ଆସିଲାଣି । କାହା ସହିତ କଥା ବାର୍ତ୍ତା ନାହିଁ । ନୀରବରେ ସବୁବେଳେ ଠା ଠାଏ ହୋଇ ବସୁଛନ୍ତି । ଯେତେବେଳେ ଦେଖୁଛନ୍ତି ଘରେ ସମସ୍ତେ ଶୋଇ ପଡ଼ିଛନ୍ତି ବା କୁଆଡ଼େ ଯାଇଛନ୍ତି—ଲୁଚି ଲୁଚି ଯାଇଁ ସେଇ ବାଡ଼ିଆଡ଼ ମଶାଣୀକୁ ଚାହିଁ ରୁହନ୍ତି । ରାତିରେ କିନ୍ତୁ ମୁହୂର୍ତ୍ତେ ଦିନେ ହେଲେ ଶାନ୍ତିରେ ଶୋଇ ପାରନ୍ତିନି । ଦିନେ ଦିନେ ନିଦରୁ ଅସମ୍ଭବ ଭାବରେ ପୁଅମାନଙ୍କ ନାଁ ଧରି ଚିତ୍କାର କରି ଉଠନ୍ତି । ସମସ୍ତ ତପ୍ତ ଦହନ ତାଙ୍କ ଜୀବନର କେବଳ ଅଭିଶାପ—

## —ଚାରି—

ଦେଖୁଁ ଦେଖୁଁ ଚାରି ବରଷ ଅତୀତରେ ମିଳାଇଗଲା । ଜ୍ଞାନଦାଙ୍କ ବିବାହ ପୁରୁଣା ହେଲାଣି । ଜ୍ଞାନଦା ଫେରିଛନ୍ତି ଅନୁଭୂତି ନେଇ ।

× × × ×

ମେଘମାଳା ପଶୁଥିଲେ ତାପରେ···

—ଜ୍ଞାନଦା ଗୋଟିଏ ଟୋକା ଝିଅ ଭଳି ହୋ' ହୋ' ହୋଇ କାନ୍ଦି ଉଠିକହିଲେ—ଚନ୍ଦ୍ରାର ସେ ଘରୋଇ ଶିକ୍ଷକ ହେଲେ । ଚନ୍ଦ୍ରାର କ୍ରମେ ଆମ ଘରକୁ ଆସିବା ବୃଦ୍ଧି ପାଇଲା ମୋର ପ୍ରତ୍ୟେକ କଥା ତାଙ୍କୁ ଭଲ ଲାଗେନି । ମୋତେ ଥଟ୍ଟା ପରିହାସ କରି କୁହେ—ତୁମେ ମଫସଲୀଙ୍କ ଭଳି କଣ କଥା ବାର୍ତ୍ତା କରୁଛ । ବେଶଭୂଷା ନିହାତି ପୁରୁଣା—ସାରେ ତୁମକୁ ଭଲ ପାଆନ୍ତି ?

ଜ୍ଞାନଦାଙ୍କ ହୃଦୟ ଜଳିଯାଏ । ଚପଳ ହୋଇ ସେ କୁହନ୍ତି—ତୁମେ ସାର୍‌ଙ୍କୁ ପଚାରୁନା । ଚନ୍ଦ୍ରା ଜିଭ କାମୁଡ଼ି ପକାନ୍ତି । ବିଏ ପଢ଼ୁଛନ୍ତି ସେ କ'ଣ ବୁଝି ପାରୁ ନାହାନ୍ତି, ନାରୀର ଆତ୍ମକଥା—ମନ ବିଦ୍ରୋହୀ ହୋଇ ଉଠେ । କିନ୍ତୁ ଉପାୟହୀନ ହୋଇ ଜ୍ଞାନଦା ନୀରବ ରୁହନ୍ତି ।

ଦିନେ କଲେଜ ସମୟ ହୋଇ ଯାଇ ଥାଏ—ମୋତେ ସେ କହିଲେ ଜ୍ଞାନଦା ପାଣି ଗ୍ଲାସ୍ ଟାଏ ଆଣିଲ । ଭୃତ୍ୟର କର୍ତ୍ତବ୍ୟ ଭଳି ମୁଁ ଅନୁନୟରେ ପାଣି ଗ୍ଲାସେ ହାତରେ ଧରି ସେ ଘରର ପରଦା ଟେକି ଦେଇ ଦେଖେ ତ, ଚନ୍ଦ୍ରାଙ୍କ ଗଣ୍ଡରେ ଚୁମା ଦେଉଛନ୍ତି ଅଶୋକ । ପ୍ରଫେସର ଏବଂ ଛାତ୍ରୀର ସମ୍ପର୍କ । ଉଭୟେ କିମିତି ଯେ ଏତେ ବିବେକହୀନ କର୍ମ ସାଧନ କରି ଦୁନିଆ ଆଖିରେ ଅନ୍ଧ ପୁଟୁଳୀ ଦେଇ ସଂଦେହକୁ ଫାଙ୍କି ଦେବାର ସାହସ କରୁଛନ୍ତି । ସେଇ କଥା ଭାବି ଭାବି ମୁଁ ଫେରି ଆସିଥିଲି···

ମୁଁ ଏବେ ଦେଖୁଛି ପ୍ରତି କଥାରେ ସେ ମୋ ଉପରେ ବିରକ୍ତ ହେଉଛନ୍ତି । ମୋ ପ୍ରତି ତାଙ୍କର ସ୍ନେହ ନାହିଁ, ଏପରି କି ଦୟା ନାହିଁ । ମୋତେ ଦିନେ କହିଲେ, ତୁମେ ମୋତେ ସନ୍ତୁଷ୍ଟ କରି ପାରୁନା । କହିଲି—କେଉଁଥିରେ ଯେ ସନ୍ତୁଷ୍ଟ ହେବ ବୁଝିପାରୁନି । ସେ କହିଲେ ତୁମେ ପାରିବନି । ସେ ସାମର୍ଥ୍ୟ ତୁମର ନାହିଁ— ଶ୍ରୀହୀନ ସ୍ତ୍ରୀ ଅବୟବ ଓ ଶିଥିଳ ମନକୁ ନେଇ ତୁମେ କାହିଁକି ଯେ ଆତ୍ମହତ୍ୟା ନ କରି ବଞ୍ଚିଛ ମୁଁ ଭାବି ପାରେନି···

ସାଇନସ୍ ଲାବୋରଟେରୀରୁ ସେ ଅନେକ ଥର ବିଷାକ୍ତ ଦ୍ରବ୍ୟ ଆଣି ମୋତେ ଦେଇ କହନ୍ତି, ତୁମେ ଏହାକୁ ଖାଇ ମୋତେ ଭୁଲିଯାଅ ମୋତେ ଭଲପାଇବା ତୁମର ଭୁଲ ହୋଇଛି, ଅନୁତାପ କରିବ କାହିଁକି ? ଜୀବନ୍ତ ଦଗ୍ଧିଭୂତ ହେବା ଅପେକ୍ଷା ବିଦାୟ ପସନ୍ଦ କରନି କି ?

ମୁଁ କେବଳ ବାବଲୀର ମୁହଁ ଚୁହିଁ ଚୁହିଁ ଦିନ କାଟେ । ଆଖି ଆଗରେ ସେ ତନ୍ଦ୍ରା ସହିତ ଯାହାସବୁ କରି ଯାଉଥିବେ କୌଣସି ସ୍ତ୍ରୀ ସହିବା ଅସମ୍ଭବ । ବୁକୁକୁ ପଥର କରି ସବୁ ଦେଖିଯାଏ ।

ଜ୍ଞାନଦାଙ୍କ ଲୁହ ପୋଛି ଦେଇ ଦେଇ, ମେଘମାଳା ଅନୁତାପ କରୁଥାନ୍ତି । ତାଙ୍କ ଭଲପାଇବାର ମନେ ବୃତ୍ତି ଯେ ଜ୍ଞାନଦାଙ୍କ ଉପରେ ପ୍ରଭାବ ବିସ୍ତାର କରିଥିଲା ସେଇଆ ତିଳ ତିଳ କରି ଅନୁଭବ କରି ଦୁଃଖୀ ହେଲେ । କିନ୍ତୁ, ଉପାୟହୀନ । ଦୁର୍ବଳ ଏବଂ ଉଚ୍ଛୃଙ୍ଖଳ ମୁହୂର୍ତ୍ତଗୁଡ଼ିକ ଏଡ଼ି ନପାରି ଜୀବନ ବ୍ୟାପୀ ଯେ, କି ପ୍ରକାର ସମସ୍ୟାର ସମ୍ମୁଖୀନ ହେବାକୁ ହୁଏ ବର୍ତ୍ତମାନ ମେଘମାଳା ଏବଂ ଆଂଶିକ ଭାବରେ ଜ୍ଞାନଦା ଅଙ୍ଗେ ନିଭାଉଛନ୍ତି···

—ପାଞ୍ଚ—

ସେମେ ମେଘମାଳା ଜ୍ଞାନଦାଙ୍କ ପୁଅ ବାବଲୁକୁ ସ୍ନେହ କରି ଷଚବତ୍ସଲ ମନକୁ ବୁଝାଉଛନ୍ତି—ଜ୍ଞାନଦା ଏବଂ ମେଘମାଳାଙ୍କ ବତ୍ସଳ ସ୍ନେହ ତଳେ ହସି ହସି ବଡ଼ ଅଳିଅଳରେ ବଢ଼ିବାକୁ ଲାଗିଚି ବାବଲୁ ।

ହଠାତ୍ ଦିନେ ବାବଲୁ କାନ୍ଦି ଉଠିଲା—ବଡ଼ ଉତ୍କଟ ଚିତ୍କାର—ମାମୁଁ ମୋ ଗଳାକୁ କାମୁଡ଼ି ଦେଉଚି—

କୁମାର ପାଗଳ—ଏକ ସପ୍ତାହ ହେବ ସମ୍ପୂର୍ଣ୍ଣ ପାଗଳ—ମହାବିଦ୍ୟାଳୟର ଛାତ୍ର ସେ—କିନ୍ତୁ ସୁଚରା ସହିତ ମିଶିବାରେ ବାଧା ଜନ୍ମିବାରୁ ସେ ପାଗଳ—

ସେଇ ଏକମାତ୍ର ଭାଇ ମେଘମାଳା ଏବଂ ଜ୍ଞାନଦାଙ୍କର—କିନ୍ତୁ...

ବାବଲୁର ଭୟାର୍ତ୍ତ ଚିତ୍କାରରେ ସଙ୍ଗେ ସଙ୍ଗେ ଧାଇଁଗଲେ ଜ୍ଞାନଦା ଆଉ ମେଘମାଳା—ଛୋଟ ଗଳାଟି ଫୁଲି ଯାଇଚି—ପାଖରେ ଠିଆ ହୋଇଚି କୁମାର—ଖୁବ ହସୁଚି ସେ—ପୁଣି ଝୁହୁଁଚି ବଲ ବଲ କରି ।

× × ×

ପାଖ ଏକମାସ ହେଲା ବଡ଼ ଡାକ୍ତରଖାନାରେ ବାବଲୁ ଚିକିତ୍ସିତ—ଜ୍ଞାନଦା ଏବଂ ମେଘମାଳା ସେଇ କଟେଜରେ ଚବିଶ ଘଣ୍ଟା ଅଖିଆ ଅପିଆ ସେବା କରୁଛନ୍ତି ବାବଲୁର—ଡାକ୍ତର ଆଶା ଦେଉଛନ୍ତି—କିନ୍ତୁ...

ଧୈର୍ଯ୍ୟ ରହୁନି ଦୁଇ ଭଉଣୀଙ୍କର—ଅନେକ ଦିନ ହେଲା କଷ୍ଟ ସହୁଚି ବାବଲୁ । ଘା ସେପ୍‌ଟିକ୍ ହୋଇ ବାବଲୁର ଦେହକୁ ଗ୍ରହି ହେଉନି—ବାବଲୁ ଶୁଖିଲା ଦେଖା ଯାଉଚି—ତା ଉପରେ

ଢଦ୍ରେଟି ହସ ନାହିଁ—କଣ୍ଠରେ ଅଳ ନାହିଁ—ସେ ଖାଲି ଭାଷାହୀନ ଆଖିରେ ଚାହୁଁଚି···

ବାବା ଏବଂ ମା' କେତେ ବୁଝାଉଛନ୍ତି ତଥାପି ମନ ବୁଝୁନି । ମେଘମାଳା ଆଉ ଜ୍ଞାନଦା ଅବୁଝା—ବାବଲି ସତେ ବଞ୍ଚିବ ! !

···ବହୁ ଦୂରେ—କୁମାର କାଙ୍କେର ପାଗଳା ଗାରଦରେ ଆଜି ତାର ଅତି ଆଦରର ଗଜଲକ୍ଷ୍ମୀ ସୂଚନା କଥା···

---

# ଭାଉଜଙ୍କ ଅନୁରୋଧ

**ମୁଁ** କବିତା ଲେଖେ······

ନନ୍ଦିତା ସ୍ୱର ଯୋଜନା କରନ୍ତି । ନନ୍ଦିତା ଶିକ୍ଷିତା—ବେତାର ଶିଳ୍ପୀ ଏବଂ ମହାବିଦ୍ୟାଳୟର ଅଧ୍ୟାପିକା ସେ···

ନନ୍ଦିତାଙ୍କର ପ୍ରୋଗ୍ରାମଥିବା ଦିନ ମୁଁ କଟକ ସେଣ୍ଟର ଖୋଲି, ରେଡ଼ିଓ ନିକଟରେ ବସି ଶୁଣେ ନନ୍ଦିତାଙ୍କ କଣ୍ଠରୁ ମୋର କବିତା ଏବଂ ନନ୍ଦିତାଙ୍କ ଛନ୍ଦଭରା ଲଳିତ କଣ୍ଠର ସଙ୍ଗୀତ ।

ଦିନେ ରେଡ଼ିଓରୁ ନନ୍ଦିତାଙ୍କ ସଙ୍ଗୀତ ଶୁଣୁଚି—ଭାଉଜ ସେ କୋଠରୀରେ ପ୍ରବେଶ କରି ପ୍ରଶ୍ନ କଲେ—କିଏ, ନନ୍ଦିତା ଦେବୀ ଗାଉଛନ୍ତି ?

ମନା କଲି···

କିନ୍ତୁ କିଛି ସହିତ ତାଙ୍କର ବହୁତ ଦିନରୁ ପରିଚୟ ଅଛି—ସେ ବିଶ୍ୱାସ ଯିବେ କପରି—ଗୀତଟି ଶେଷ ହେବା ପରେ ପରେ ଶୁଣିଲେ, 'ଏ ପର୍ଯ୍ୟନ୍ତ ନନ୍ଦିତାଙ୍କର ପଲ୍ଲୀସଙ୍ଗୀତ ଶୁଣୁଥିଲେ—ବର୍ତ୍ତମାନ ଅଲ୍ ଇଣ୍ଡିଆ ରେଡ଼ିଓରୁ ଓଡ଼ିଆରେ ସମ୍ବାଦ ଶୁଣନ୍ତୁ—'

ଭାଉଜ ହସି ହସି କହିଲେ—ତୁମେ ମୋତେ ଭୁଲାଇବାକୁ ଚେଷ୍ଟା କରୁଚ ନୁହେଁ ? କିନ୍ତୁ ଭାଉଜ କ'ଣ ତୁମମାନଙ୍କ ଭାବ ଅନୁଭବ କରି ପାରେନି ବୋଲି ଭାବୁଚ—ମୁଁ ଭଲ ଭାବେ ଜାଣେ ତୁମେ ନନ୍ଦିତାଙ୍କୁ ଭଲ ପାଅ ଏବଂ ନନ୍ଦିତା ମଧ ତୁମକୁ ଭଲ ପାଆନ୍ତି—ଏଥିରେ ତୁମକୁ ବା ନନ୍ଦିତାଙ୍କୁ ଦୋଷ ଦେବାର କିଛି ନାହିଁ—ଉଭୟଙ୍କ ବୟସରେ ଏ ତ ନୂଆ କଥା ନୁହେଁ । କେହି ହୁଏତ ଏହାକୁ ଯୁବକସୁଲଭ ଚପଳତା ବୋଲି ଆଖ୍ୟା ଦେଇ ପାରନ୍ତି—ମୁଁ ଅବଶ୍ୟ ସେ ରୂପ ଦେଇ ପାରୁନି

ନକହି ନକହି ବହୁତ କହିଲେଣିତ…

ଭୟ ଲାଗୁଚି କି ? ମୁଁ ଭାଇଙ୍କି କହିବନି ମ—ସେଇ ତୁମଠାରୁ…

ଜୀବନର ଅଳସ ଲଗ୍ନ ଗୁଡ଼ିକରେ ଭାଉଜଙ୍କଠାରୁ ଶସ୍ତା ଉପନ୍ୟାସ ଶୁଣିଲେ ମନ ଟିକିଏ ଆଶ୍ୱସ୍ତ ହୁଏ କିନ୍ତୁ ଭାଉଜଙ୍କ ଅନୁରୋଧଟି ରକ୍ଷା କରି ହେଉନି—ସେଇଠି ରହିଚି ମୋର ଦୁର୍ବଳତା—ସେ ସର୍ବଦା ଗାଳି ଦେଉଛନ୍ତି—ମୁଁ ଦିନ ମଧ୍ୟରେ ଅସଂଖ୍ୟ ଥର ଝୁଲୁ ଝୁଲୁ ଝିଙ୍କି ପଡ଼ୁଚି—ହାତରୁ ନାନା ପଦାର୍ଥ ଖସି ପଡ଼ୁଚି—ବର୍ତ୍ତମାନ ବୋଧେ ସେଇ ବିଷୟ ନେଇ ପଚାରି ପାରନ୍ତି—ମିଛରେ କାଲି କହି ଦେଇଚି—'ହଁ'—ଅନୁରୋଧକୁ ସମ୍ମାନ ଦେଖାଇବି—ସେଇଥିପାଇଁ ସେ ବୋଧେ ଆସିଛନ୍ତି । ଗୋଟିଏ ନିରୀହ ଶିଶୁ ଭଳି ତାଙ୍କର ମନ୍ତବ୍ୟ ଶୁଣୁଥାଏ…

ହଠାତ୍ ଭାଉଜ ଆରମ୍ଭ କଲେ—ମୋତେ କେନ୍ଦ୍ର କରି ଯେଉଁ ଗପଟି ଲେଖିବାର ଥିଲା, ଏତେ ଦିନକେ କାଲି ଲେଖିଚ ବୋଲି ସ୍ୱୀକାର କରିଚ—କେମିତି ହୋଇଚି—ଆଣ ପଢ଼ିବା । ମୋର ତେଣେ ବହୁତ କାମ ଅଛି—ଭାଇ ବସ୍ତେ ଯିବେ । ତେଣୁ

ତାଙ୍କ ପାଇଁ ବର୍ତ୍ତମାନଠାରୁ ଘଣ୍ଟାଏ ପର୍ଯ୍ୟନ୍ତ ବ୍ୟସ୍ତ ରହିବାକୁ ହେବ ।

ଅସୁବିଧାରେ ପଡ଼ିଗଲି । ଉପାୟହୀନ ହୋଇ କିଛି ଭାବି ପାରିଲି ନାହିଁ କ'ଣ କହିବି—ବଡ଼ ସାହସ ଧରି କହିଲି, ଗପଟି ଭଲ ହୋଇଛି—ତୁମ ଜୀବନ କାବ୍ୟକୁ ଉପନ୍ୟାସ ଆକାରରେ ରୂପ ଦେବାକୁ ମୋତେ ଖୁବ୍ କମ୍ ସମୟ ଲାଗିଲା । ଲେଖାଟି ମୁଁ ଏ ପର୍ଯ୍ୟନ୍ତ ଯେତେ ଗଳ୍ପ, କବିତା ଲେଖିଛି ସବୁଠାରୁ ସୁନ୍ଦର ଭାବ ଓ ଭାଷା ବହୁଳ ହୋଇଛି—ଜୀବନ୍ତ ଭୂମିକା ଗଳ୍ପଟିର ଉପଜୀବ୍ୟ ହୋଇଛି କି ନା—। ମୋର କେତେକଜଣ ଲେଖକ ବନ୍ଧୁ ଲେଖାଟି ପଢ଼ି ଭାରି ପ୍ରଶଂସା କରିଛନ୍ତି, ମୋ ଲେଖାର ନାୟିକାଙ୍କ ଚରିତ୍ରଟିକୁ । ବର୍ତ୍ତମାନ ପଢ଼ିବାକୁ ବୋଧେ ସମୟ ହେବନି—ମୁଁ ଟ୍ରଙ୍କ ଭିତରେ ଲୁଚାଇ ରଖି ଦେଇଛି ତୁମ 'ନାଁ' ଅଛି—ଭାଇ କାଲେ ଦେଖିବେ···ସେ ବମ୍ବେ ଯିବା ପରେ ପଢ଼ିବାକୁ ଦେବି···ଗାଡ଼ି ସମୟ ହେଲାଣି, ଭାଇ ବୋଧେ ଯିବାପାଇଁ ପ୍ରସ୍ତୁତ ହେଉଥିବେ—ତୁମେ ଯାଅ ମୁଁ ଲେଖାଟି ଉଠାଉଛି···

ଭାଉଜ କି ଏ ଭୁଲଭୁଲରେ ବିଶ୍ୱାସ କରିବା କଥା—ସେ କହିଲେ, ତୁମ ଭାଇ ଏବେ ବମ୍ବେ ଗଲେ କେତେ ନ ଗଲେ କେତେ—ମୋର ବର୍ଷ ଅନେକ ଦିନର ଅନୁରୋଧ ଆଜି ବାସ୍ତବ ଆକାରରେ ଦେଖିବାକୁ ଚାହେଁ—ଅନୁଭୂତି ସହିତ ତୁଳନା କରି ତୁମକୁ ପୁରସ୍କାର ଦେବି—ଲେଖକଙ୍କ କଳାର ଚର୍ଚ୍ଚା କରିବା ଉଚିତ—ଭଲ ହୋଇଥିଲେ, ଯାହା ଖର୍ଚ୍ଚ ହେଉନା କାହିଁକି ଭାଇ ରାଜି ନ ହେଲେ ବି ମୁଁ ନିଜେ ଲେଖାଟି ଛପାଇବି ।

ଛଳନା କଲି—ନୂଆବୋଉ ତୁମ ବାହୁଅ ଦିନର କେତେ ଗୁଡ଼ାଏ ଘଟଣା ଲେଖିଛି—ଏବଂ ବିବାହ ପର ପହିଲି ଦିନ

ଗୁଣ୍ଡିଚର ଅସ୍ପଷ୍ଟ ଅଭିନୟ ମୋର ଯାହା ସବୁ ମନେ ଅଛି, କୌଣସି ଦୃଷ୍ଟାନ୍ତ ମୋ ଲେଖମାର ବୁକୁତଳେ ଲୁଚି ରହି ପାରିନ—ସେ ସବୁ ପଢ଼ିଲେ ତୁମେ ମୋତେ କାଲେ ଧରେନ୍ତ ହେବ—ତେଣୁ ସାହସ ହେଉନି—ଲେଖାଟି ଦେଖାଇବା ଲାଗି । ନିହାତି କଞ୍ଚା ସତ କଥା କିନା—ମଫସଲିଆଙ୍କ ଭଳି ଲୁଗା, ନଇଁ ନଇଁ ଚାଲି—ଥିର ଥିର କଥା, ଠାର, ଅନ୍ତର୍ଗୁହାଣୀ, ଗାଉଁଲି କାହାଣୀ କେଉଁ କଥା ହେଲେ ବାକି ନାହିଁ—ଏବେରକି ତୁମେ ଶରତ ନନାଙ୍କୁ ବିବାହ କରିବା ପୂର୍ବରୁ ଆଜି କାହାକୁ ଇଚ୍ଛା କରିଥିଲ କି ନା ତା ମଧ୍ୟ ଲେଖିଚି—କେତେ ଚିଠି ପତ୍ରର ମନଭାର ବିନିମୟ—ସବୁ କିଛି ବଡ଼ ନଗ୍ନ ଭାବରେ ଆତ୍ମପ୍ରକାଶ କରିଚି—ଅବଶ୍ୟ ବୈବାହିକ ଜୀବନର ଦ୍ୱିତୀୟ ଅଧ୍ୟାୟ ପର୍ଯ୍ୟନ୍ତ ପରିବେଶ ବ୍ୟକ୍ତିତ୍ୱ ଠିକନଥି ଭାବରେ ସ୍ଥାନ ପାଇଛି—ତୁମ ଜୀବନ ସହିତ ସଶ୍ଳିଷ୍ଟ କୌଣସି ମୁହୂର୍ତ୍ତ ଅକ୍ଷରର ଇଥର ପୃଷ୍ଠା ଛଡ଼ି ମିଳେଇ ଯାଇ ପାରିନି—ବା ହଜି ଯାଇନି—କିନ୍ତୁ ନିଆଁବୋଳ, ସଙ୍କୋଚ ଲାଗୁଚି—ଆଜ ମଧ୍ୟ ଭୟ ହେଉଚି ତୁମର ଯେଉଁ ଆଶା ଓ ଆକାଙ୍କ୍ଷା ନେଇ ତୁମେ ଲେଖା ପ୍ରତି ଆଗ୍ରହ ପ୍ରକାଶ କରି ପଢ଼ିବାକୁ ଅଧୈର୍ଯ୍ୟ ହୋଇ ପଡ଼ିଚ ସେ କଳ୍ପନାରେ ଆଘାତ ଲାଗିପାରେ ସେଥିଲାଗି—ଗଳ୍ପଟି ବର୍ତ୍ତମାନ ପଢ଼ିବାକୁ ଦେବା ଔଚିତ୍ୟ ନୁହେଁ—ଆଜିମଧ୍ୟ ଲେଖାଟି ସ୍ପର୍ଶ ହୋଇଚି, ରଚନାରରେ ପଡ଼ି କିଛି ଲାଭ ନାହିଁ—ଅତଏବ ସମସ୍ତ ଲେଖା···

ଭାଉଜଙ୍କର ଏକା ଜିଗର—ଲେଖା ଦେଲେ ଖରାପ ହେଉନା କାହିଁକି ସେ ପଢ଼ିବେ । ସେ ତାଙ୍କ ଅନ୍ତର ରୂପବନ୍ତ ସ୍ୱାସ୍ଥ୍ୟ ଦେଖିବାକୁ ଚାହାନ୍ତି । ଉତ୍କଣ୍ଠିତ ତୃପ୍ତିର ସୀମନ୍ତରେ ଏବଂ ଲେଖକର ପୂର୍ଣ୍ଣଚ୍ଛେଦରେ ସିନ୍ଦୁର ଦେବେ—ସେ କଳାର ନୀରବ ଉପାସିକା । ସେ ତାର ଆରାଧନା କରିବେ···

କମ୍ବଳ—ନୂଆବୋଉ ସତରେ ଏ ପର୍ଯ୍ୟନ୍ତ ଯାହା ସବୁ କମ୍ବଳ ପୃଷ୍ଠାରେ ମିଛ— ତୁମଠାରୁ ଗାଳି ଶୁଣିବାକୁ କାହାକୁ ଭଲ ଲାଗୁଚି—ତୁମର କୌଣସି ଖରାପକଥା ବା ଲୋକହସା ପରିସ୍ଥିତିକୁ ମୁଁ ପଦାରେ ପକେଇଲେ ମୋତେ ଲାଜ ଲାଗିବ ନା ? ତୁମ ବ୍ୟକ୍ତିତ୍ୱର ତ ପ୍ରଭାବ ଅଛି । ଲେଖାଟି ନିହାତି ବାସ୍ତବ ହୋଇଛି—କିନ୍ତୁ, ଅପରକୁ ଦେଖେଇଲା ଭଳି ଗାଳ୍ପିକ ଛଟା ନାହିଁ । ତା ନ ଥାଇ ମୋଟେ ଉପଭୋଗ୍ୟ ହେବନି—ବଡ଼ ଶୁଷ୍କ ଏବଂ ନୀରସ ବୋଧ ହେବ ! ତୁମକୁ ତ ଥଟାରେ କିଛି କହି ଆସେନି—ଭଉଣୀ ମାନଙ୍କ ଆଗରେ ଯାହା ସବୁ କୁହ ସେମାନେ ପଦେ କଥାକୁ ଘୋଷି ହେଉଥିବେ ଯେ ମଣି॰ ଶାନ୍ତିରେ ମୁହୂର୍ତ୍ତିଟିଏ ବି ବସି କିଛି ଭାବି ପାରିବେନି । ଏ ଯୁଗ ସତେ କ'ଣ ହେଲା ହେ—ତୁମ ଭଉଣୀମାନେ ଯେପରି ହେଲେଣି—ମୋତେ ଜଣା ଯାଉଛି ଇତିହାସ, ସମାଜ ସଂସ୍କୃତି ଏପରି କି କିମ୍ବଦନ୍ତୀ ସବୁ ଯେପରି ସେମାନଙ୍କ ଆଗରେ ଖେଳନା—ଅଭିନୟ କ'ଣ ଦେଖିବ ଗୀତ କ'ଣ ଶୁଣିବ—ଅତ୍ୟାଧୁନିକ ସାଜସଜ୍ଜା ଫର୍ଣ୍ଣି ଫ କିଲାମୀ ଇତ୍ୟାଦି ଇତ୍ୟାଦି କେଉଁଥିରେ କମ୍ ଯେ—ଖଜୁରିଗଛ ଯେଉଁ ଆଡ଼କୁ ଚାହିଁଲେ ପାହାଚ ପାହାଚ । ମଣିଷକୁ ଟିକିଏ ଲେଖିବାକୁ ଦେଉ ନାହାନ୍ତି—ପ୍ରଶଂସା କରି ନ ଲେଖିଲେ ତ ମୁହଁ ଏଡ଼େ କରି—ଗୋଟିଏ ଶତାବ୍ଦୀର ଅଭିମାନ । ସତେ ଯେପରି ମୁଁ ଅପରାଧ କରିଚି—ଆଉ ମଧ୍ୟ ନାୟିକା କରି ଗଳ୍ପ କବିତା ଲେଖିଲେ ଭଲ ହୁଅନ୍ତା—ଖାଲି ବାବାଙ୍କ ଲାଗି ମୋ ଲେଖମାରୁ ରକ୍ଷାପାଉଛନ୍ତି—ନଚେତ୍ ମୁଁ ତ ସେମାନଙ୍କଠାରୁ ସହଜରେ ମୋ ଲେଖା ପାଇଁ ଯଥେଷ୍ଟ ଖାଦ୍ୟ ସଂଗ୍ରହ କରି ପାରୁଥାନ୍ତି—।

ଭାଉଜ ଅନ୍ଧାରେ ପଡ଼ଲା ବୃପୁଡ଼ାଟାଏ ଦେଲେ—ଅବଶ୍ୟ କଷ୍ଟ ହେଲାନ—ତାଆଁଙ୍କ ହାତ କନା, ଏ ବଳିଷ୍ଠ ମନ ଏବଂ ଖୁବ୍ ବଳଲ୍ ବଳଲ୍ ସୁଠାମ ରଙ୍ଗିନ୍ କଲ୍ପନା ଅବୟବର କୌଣସି ଅଂଶ ସଂକ୍ରମିତ ବା ଅସୁସ୍ଥ ହେଲାନ—ମୁଁ ଚେଷ୍ଟା କରୁଥାଏ—ଯେ କୌଣସି ପ୍ରକାରେ ମନ ବଦଳାଇ ରକ୍ଷା ପାଇଯିବା ଲାଗି—।

ଭାଉଜ କହିଲେ, ନହାତ ନର୍ଦ୍ଦୋଷୀ ତୁମେ, ନୁହେଁ ? ମୋ ଭଉଣୀମାନଙ୍କ ନାଁରେ ଏମିତି ଗପ ଓ କବିତାଗୁଡ଼ାଏ ଲେଖୁଛ ଯେ ସେମାନେ ତୁମ ଘରକୁ ଆଉ ଆସିବାକୁ ମୋଟେ ବାହାରୁ ନାହାନ୍ତି । —ଏଇମିତି ଲେଖନ୍ତି ! ସିପ୍ରା ତୁମର ଗୋଟିଏ ଗପଲାଗି କାନ୍ଦି କାନ୍ଦି ଦିନେ ଅଖିଆ ଅପିଆ ଶୋଇଚି । କେବଳ ଜମା'ଙ୍କ ମୁହଁକୁ ତୁମକୁ କିଛି ନ କହି ଛୁଡ଼ି ଦେଉଛନ୍ତି । ନଚେତ୍...

ନଚେତ୍, ମୋତେ ଭଲ ପାଇବାକୁ ଆରମ୍ଭ କରନ୍ତେଣି ନୁହେଁ କି ?

ନାଁ ତାଙ୍କୁତ ଆଉ ବର ମିଳୁ ନାହାନ୍ତି—ଯୁଆଙ୍କର ଘରକୁ ସମସ୍ତେ ଗୋଡ଼ ଟେକି ବସିଛନ୍ତି ଆସିବାକୁ—ତୁମ ଭାଇଙ୍କ ଭାଗ୍ୟ ଭଲ ମୁଁ ଭୁଲରେ ତାଙ୍କୁ ବିହାହ କରିଦେଲି । କହିଲ ଦେଖି—ତୁମେ ଜାଣ ନା ସଭ୍ୟତା କେଉଁଥିରେ ହେଲେ ଉତ୍କୃଷ୍ଟ ?

କହିଲି, ନୂଆବୋଉ ନିଜ ଘର ଆଭିଜାତ୍ୟ ଛଳେହେଲେ ବଖାଣନ—ଅତ୍ୟାଧୁନିକତା ଦେଖାଉଚ—ସେ ନମୁନାକୁ ମୋ ସ୍ମୃତି ଉପହାସ କରୁଚି । ଅତ୍ୟାଧୁନିକ ଦେଖାଉଚ—ତୁମେ ପସି ନାକରେ ନୋଥ, ମୟୂରବସା ଗୁଣା, ହାତରେ ତାଡ଼, ଗୋଡ଼ରେ ପାହୁଡ଼ ଖୋସାରେ ଚଉଁରିମୁଣ୍ଡି, ଝୁମ୍ପାଲଗା ଫୁଟିକିଆ ରୁପାର କଣ୍ଠା—କପାଳରେ ଆଉର ଟିକିଲି ଆଉ କେତେ କ'ଣ...ଏଇନା କହୁଛ ଯେ ମୋ ପାଖ ଛୁଡ଼ ପଳେଇବ—ଆଜିକାଲି ଭଉଣୀମାନେ

କଲେଜରେ ପଢ଼ିଲେ—ମଟର ଡ୍ରାଇଭିଙ୍ଗ ଶିଖିଲେ—ଶତାବ୍ଦୀର ସହିତ ପାଦ ମିଳାଇ ଚାଲିଲେ, ନଇଲେତ ଜଙ୍ଗଲରେ ଜଙ୍ଗଲି ହୋଇ ରହିଥାନ୍ତେ...

ତୁମ ବଂଶର ଏହି ଗୁଣ ଗଲାନି—ଭାଇ ଯେମିତି ତୁମେବି ସେଇମିତି—କାହାକୁ ଭଲ କହିବ—ନଚାଉଁଲି ମଣିଷକୁ ଚଢ଼େଇବାକୁ ଚେଷ୍ଟା କରିବେ—ତୁମ ସାଥୀରେ ବସି ଗପ କରିବାକୁ ମୋର ସମୟ ନାହିଁ—ମୁଁ ଯିବି, ତୁମେ ଲେଖାଟି କେଉଁଠି ରଖିଚ ଆଣ—କାଲି ଘଣ୍ଟାଏ ଯାକ ବସି ଲେଖୁଥିଲ—ପଚାରିଲାରୁ କହିଲ ଯେ—'ନୂଆବୋଉ ତୁମର ଗପଟି ଲେଖୁଚି'—ସବୁ ଘଣ୍ଟାଏ ନନ୍ଦଣାଙ୍କ ବିଷୟରେ ବା ଅନ୍ୟ କୌଣସି ପ୍ରଣୟିମାଙ୍କୁ ନେଇ ପଦେ—କାଲି କେମିତି ଭାଉଜ କଥା ମନେ ପଡ଼ିଯାଇଚି—ଯା ହେଉ ତା ମୋର ଭାଗ୍ୟ—ହଁ, ମୁଁ ଯିବି ଯେ—ତୁମକୁ ମୋ ରାଣ—ଲେଖାଟି ଆଣ— ।

ଗୁପ୍ତ ରହସ୍ୟ କାଳେ ଜଣା ପଡ଼ିଯିବ—ସେଇ ଆଶଙ୍କାରେ ନୀରବରେ ବସି ଜଡ଼ ଭଳି ଚାହିଁଥାଏ...

...ଭାଉଜ ଟ୍ରଙ୍କ୍ ଏବଂ ଆଲମୀରା ଖୋଜି ଖୋଜି କ୍ଳାନ୍ତ ହୋଇ ପଡ଼ିଲେଣି—ପ୍ରତ୍ୟେକ ଲେଖାରେ ତାରିଖ ଅଛି—କିନ୍ତୁ ଗତ କାଲିର ଲେଖା କାହିଁ ।

ମୋତେ ବାରମ୍ବାର ପ୍ରଶ୍ନ କରୁଛନ୍ତି—କ'ଣ ଯେ କହିବି ଭାବି ପାରୁ ନ ଥାଏ—

ଖୋଜି ଖୋଜି ଶେଷକୁ ମୋ ଲେଦର ହ୍ୟାଣ୍ଡବ୍ୟାଗରୁ ପାର୍ଶ୍ୱ ଅଣୀ ପୃଷ୍ଠାର କାଲିକାର ସଦ୍ୟ ଲେଖାଟିଏ ବାହାର କରି ରକ୍ତ ଅଧର ପ୍ରାନ୍ତରେ ସ୍ମିତ ରେଖାଟିଏ ଆଙ୍କି—ପୁଣି ପ୍ରଶ୍ନ କଲେ—

ଏ ତ ଗପ ନୁହେଁ—ଉପନ୍ୟାସ—ନଦ୍ଧତାକୁ ନେଇ···ଏଇ କ'ଣ ମୋର ଅନୁରୋଧ···? ? ?

ଅପଦସ୍ତ ହୋଇ ପଦ୍ଧଏ କହିଲ—ବୋଧେ···
ଲଜ୍ଜ ହସି ହସି ଚାଲିଗଲେ···

ମୁକୁଳା ମନର ଉଚ୍ଛୁଳା ଢେଉରୁ ମନେ ହେଲ—
ସତେ ଯେପରି ତାଙ୍କର ଅନ୍ତରର ସ୍ପନ୍ଦନ ମନେ ପଡ଼ୁଛି··

---

# ସେ କ'ଣ ପ୍ରେରଣା...?

ଚଣ୍ଡୀ ମନ୍ଦିର···

ଆଭୂମି ପ୍ରଣାମ ସମ୍ପାଦନ କରି ନିମିଳିତ ନେତ୍ର ଖୋଲିଲେ ଚନ୍ଦ୍ରକାନ୍ତ—ସମ୍ମୁଖରେ ତନ୍ୱୀ, ରୂପବତୀ ତାପସୀ ଆନତା—ମା ଚଣ୍ଡୀଙ୍କ ଲାଗି ଦୁଇଟି ପ୍ରାଣରେ ପୂଜା ଉପଚାର—ଭକ୍ତିର ବିପୁଳ ପ୍ଲାବନ—ସେଥିରେ କୌଣସି ଆସକ୍ତି ବା ପ୍ରତିଦାନର ସୂଚୀପତ୍ର ନାହିଁ—ବଡ଼ ପବିତ୍ର ଏବଂ ମହତ୍ ଚିନ୍ତାଧାରା ସଙ୍ଗେ ଆଶାର କରବୀ ବିଦ୍ୟମାନ—

ଗୁରୁବାରର ସାନ୍ଧ୍ୟ ଜନଗହଳି ଠେଲି ଚନ୍ଦ୍ରକାନ୍ତ ବାହାରି ଆସିଲେ ରାଜପଥ ଉପରକୁ—ଦୁଇ ଧାଡ଼ିରେ ଅଗଣିତ ଭିକ୍ଷା ଥାଳ—ଅସଂଖ୍ୟ ଭିକ୍ଷୁ ପରିବାରର ମିନତି—ଚନ୍ଦ୍ରକାନ୍ତ ପ୍ରତି ଥାଳରେ ପ୍ରସାଦ ବାଣ୍ଟି ବାଣ୍ଟି ଧୀର ପଦକ୍ଷେପରେ ଶୂନ୍ୟ ହସ୍ତରେ ଚଣ୍ଡୀଛକ ଅତିକ୍ରମ କରି ହଠାତ୍ ଅଲକ୍ଷ୍ୟ ଭାବରେ କାହିଁକି ଯେ ପୃଷ୍ଠଦେଶକୁ ଦୃଷ୍ଟି ଫେରାଇଲେ ସେ ଜାଣନ୍ତିନି—ଦେଖିଲେ ସେହି ଅପରିଚିତା ଆଗତ ଯୌବନା ପ୍ରତି ଥାଳରେ ପ୍ରସାଦ ବାଣ୍ଟି ବାଣ୍ଟି ଆସୁଛନ୍ତି—

ବିଜୁଳିବତୀର ଅସ୍ପଷ୍ଟ ରୋଷଣୀ ତଳେ ନିଷ୍ପ୍ରଭ ଦେଖା ଯାଉଥାଏ ଝରଣାଙ୍କ ମୁଖମଣ୍ଡଳ—ସମବେଦନା ଏବଂ ଦୟାର୍ଦ୍ର ହୃଦୟ ଧାରସିକ୍ତ—ଗତି ମନ୍ଥର—ଚନ୍ଦ୍ରକାନ୍ତ ବୁଝିପାରିଲେନି ଝରଣାଙ୍କ ସ୍ୱାଗତିକା ତାଙ୍କ ପ୍ରାଣକୁ କାହିଁକି ଏତେ ଉଦବୁଦ୍ଧ କରି ପକାଇଲା—ଭଉଣୀହୀନ ପ୍ରାଣର ମାମୁଲି ପ୍ରତିବିମ୍ବ ନା ଆଉ କିଛି ବୁଝି ପାରିଲେନି ଚନ୍ଦ୍ରକାନ୍ତ—ତଥାପି ଅନେକ ଦିନରୁ ସେ ତାଙ୍କର ଆଖିର ଅଚିହ୍ନା ଏବଂ ଅତି ଆଦରର ଭଉଣୀ···

ଦୂର ଦିଗ୍‌ବଳୟରେ ମିଶି ଯାଉଥିବା ଭଳି ପ୍ରାସାଦମାନ ସେଇ ସୁପ୍ରଶସ୍ତ ଚକ୍‌କଣ କଳା ମଚ ମଚ କ୍ୟାଣ୍ଟୋନ୍‌ମେଣ୍ଟ ରୋଡ଼ରେ ଉତ୍କଳର ସ୍ମୃତିପୀଠ ବାରବାଟୀର ଉପକଣ୍ଠରେ ପହଞ୍ଚିଲେ ଚନ୍ଦ୍ରକାନ୍ତ—ଇତିହାସର ପୃଷ୍ଠା ତଳେ ଐତିହ୍ୟ ଶୋଇ ଯାଇଥିବା ଭଳି ମନେ ହେଲା—ଷ୍ଟାଡିୟମର ଆଭିଜାତ୍ୟ ଓ ଅତ୍ୟାଧୁନିକ ଯୁବକ ଯୁବତୀଙ୍କ ଆମୋଦ ପ୍ରମୋଦର ସ୍ପନ୍ଦନ ସଙ୍ଗେ ଅନ୍ଧାରରେ ରାଜଧାନୀର ମଶାଣିକୁ ଚାହିଁ ପାରିଲେନି ଚନ୍ଦ୍ରକାନ୍ତ—ପ୍ରେତାତ୍ମାର ଚିତ୍କାର—ତାଙ୍କ କର୍ଣ୍ଣ ଗହ୍ୱରରେ ମାଡ଼ି ରଚନା କଲା—କ୍ଷୀପ୍ର ବେଗରେ ଭାରତ ବିଖ୍ୟାତ କମଲା ସର୍କସର ମୁଖଶାଳା ସମୀପରେ ଦର୍ଶକମଣ୍ଡଳୀ ମଧ୍ୟରେ ମିଶିଗଲେ ଚନ୍ଦ୍ରକାନ୍ତ ।

ପେଣ୍ଡାଲର ସମ୍ଭାର ଓ ବାଦ୍ୟ ଆକର୍ଷଣୀରେ ଚଣ୍ଡୀ ମନ୍ଦିରର ସ୍ମୃତି ହଜିଗଲା—ଅପଲକ ନେତ୍ରରେ ଚାହିଁ ରହିଲେ ଚନ୍ଦ୍ରକାନ୍ତ—ଏକ ବଙ୍ଗୀୟ କଳାବତୀଙ୍କ ଆଡ଼କୁ—ଦୋଳି ଓ ଅସ୍ତ୍ର ନିକ୍ଷେପର କାରୁକାର୍ଯ୍ୟ ତାଙ୍କୁ ଆତ୍ମବିଭୋର କରି ପକାଇଲା—ଅର୍ଦ୍ଧନଗ୍ନ ଏବଂ ବଳିଷ୍ଠ ତନୁଲତା ଓ ଅସଂଯତ କେଶଗୁଚ୍ଛ ତାଙ୍କ ବପୁସରେ ଉଷ୍ମତା ଢାଳିଦେଲା—ସିଏ ଚଷମାର ଧୂଳିରେଣୁ ପୋଛି ପୋଛି ଅନିଚ୍ଛା ସତ୍ତ୍ୱେ ବାହାରି ଆସିଲେ ପୁଣି ରାଜପଥକୁ—

ଅଳ୍ପଦୂର ଅଗ୍ରସର ହୋଇ ଜନତାର ପାଦ ସଙ୍ଗେ ପାଦ ମିଳାଇ ଚନ୍ଦ୍ରକାନ୍ତ ପହଞ୍ଚିଲେ ନାଗସଙ୍ଘ ସଦନର ଅଟ୍ଟାଳିକା ପ୍ରାଙ୍ଗଣରେ—ହସ୍ତ ଶିଳ୍ପର ବିପୁଳ ସମ୍ଭାର—ପ୍ରଦର୍ଶନୀର ଆମୋଦ ପ୍ରମୋଦ ବଡ଼ ଉପଭୋଗ୍ୟ—ପ୍ରଦର୍ଶନୀର ବସ୍ତୁମାଳାରେ ଯେତେ ବୈଶିଷ୍ଟ୍ୟ ନାହିଁ ପ୍ରଦର୍ଶନୀ ଯିବାର ପ୍ରବୃତ୍ତିରେ ତତୋଽଧିକ ଜୀବନ ନିହିତ । ଚନ୍ଦ୍ରକାନ୍ତ ଗୋଟିଏ ରୁମାଲର ସଦ୍ୟ ପ୍ରସ୍ଫୁଟିତ ପୁଷ୍ପଗୁଚ୍ଛ ତଳେ 'ଭୁଲନା' ଲେଖା ପଦଟି ଦେଖି ତାଙ୍କ ବୁକୁ ଭରି ହେଲା । ତନ୍ନ ତନ୍ନ କରି ଆବିଷ୍କାର କଲେ ଚନ୍ଦ୍ରକାନ୍ତ ଜଣେ ଶିଳ୍ପୀଙ୍କର ନାମ—ମାଳମା··· । ସାକ୍ଷାତ୍ ହେବାର ଉପାୟ ନାହିଁ—ମଣ୍ଡପରେ ସେଠାରୁ ଦୃଷ୍ଟି ଫେରାଇଲେ ଚଳଚ୍ଚିତ୍ର 'ଭାଇଭାଇ'ର ଫଳକ ଉପରେ—ଅଭିନେତ୍ରୀଙ୍କ ଅଭିନୟ ଅତି ସୁନ୍ଦର ଏବଂ ଚିତ୍ତ ଉଲ୍ଲାସକ—ସେଠାରୁ ମଧ୍ୟ ନିଷ୍କ୍ରାନ୍ତ ହେଲେ ଚନ୍ଦ୍ରକାନ୍ତ । ନୂତନତାର ସମାବେଶ—ଦୂର ପାହାଡ଼ ଭଳି ବର୍ଣ୍ଣ ବିହ୍ୱଳ ଏବଂ ରୂପମନ୍ତ—ଅନ୍ତର୍ଦ୍ୱନ୍ଦ୍ୱ ବିଷାକ୍ତ ବୋଧହେଲା—ଚନ୍ଦ୍ରକାନ୍ତ ଏକାକୀ ରାସ୍ତା ଧାରେ···ଧାରେ···

ମନେ ପଡ଼ିଲା ବେତାର କେନ୍ଦ୍ରର ସାଂସ୍କୃତିକ ସପ୍ତାହର ଅଭିନନ୍ଦନ—ଅସଂଖ୍ୟ କଳାପ୍ରିୟ ଯୁବକ ଯୁବତୀ ବୃଦ୍ଧ ଓ ଆନନ୍ଦ ମୌଚନାଙ୍କ ସମାବେଶ—ନାଗ ମହଲର 'ଚନ୍ଦ୍ରିକା' ନାଟକର ଅଭିନୟ ଏବଂ କବି ସମ୍ମିଳନୀ—ସବୁଦିନ ଅପେକ୍ଷା ଦର୍ଶକ ଗୃହ ଭରପୂର—ଶୈଳବାଳାଙ୍କ ଭୂମିକା ଶାନ୍ତିଲତା, ସାଧନା, ସୁନନ୍ଦା, ଶିକ୍ତା ପ୍ରଭୃତିଙ୍କ ନୃତ୍ୟ ଓ ସଙ୍ଗୀତ ଚନ୍ଦ୍ରକାନ୍ତଙ୍କ ପ୍ରତିରକ୍ତ ବିନ୍ଦୁରେ ଅଦ୍ଭୁତ ଉତ୍ତେଜନା ଓ ସ୍ୱାକ୍ଷର ରେଖି ଦେଲା—ଚନ୍ଦ୍ରକାନ୍ତ ଦର୍ଶକମଣ୍ଡଳୀ ସଙ୍ଗେ ଅସଂଖ୍ୟ କରତାଳି ବାଡ଼ିଦେଲେ—କିନ୍ତୁ ହରିହ ଅସମାପ୍ତ—କବି ସମ୍ମିଳନୀର କବିତା ଆବୃତ୍ତିରେ

ଶେଫାଳୀଙ୍କ କବିତାଟି ଚନ୍ଦ୍ରକାନ୍ତଙ୍କ ଜୀବନ କାବ୍ୟସଙ୍ଗେ ସମାନ୍ତରାଳ —ତେଣୁ ଶେଫାଳୀଙ୍କ ଲାଗି ମାୟାମମତା ବଳିଷ୍ଠ ହେଲା—ଉତ୍ସବ ଆସରର ସାମ୍ନାଙ୍କରେ ଚନ୍ଦ୍ରକାନ୍ତ ବାହାରିଲେ - ନିଜର ନୀରବ ଏବଂ ନିସ୍ପନ୍ଦ କୋଠରୀକୁ—ଅଜଣାତ ପଡ଼ି ରହିଲା ପ୍ରତି ମୁହୂର୍ତ୍ତର ଆବରଣ ତଳେ—ବଡ଼ କ୍ଳାନ୍ତ ଅବୟବ ଓ କଳ୍ପନାର କୃଷ୍ଣସାର— ସୁନନ୍ଦା ତନୁର ଅକ୍ଷତ କାରୁକାର୍ଯ୍ୟରେ ଆଶ୍ଚର୍ଯ୍ୟ ହେଲେ—ତାଙ୍କ ସୁଢଳ ଯତ୍ନ ଓ ତତ୍ପରତା ଲାଗି ପ୍ରଶଂସା ବାଢ଼ିଲେ—କିନ୍ତୁ ଏ ଶତାବ୍ଦୀରେ ସୁନ୍ଦରୀ ହେବା ମଧ୍ୟ ପାପ—

ଗୋଟିଏ ଦିନର ପରିକ୍ରମା ଶେଷ ହେଲା—ମନର ପୃଥିବୀରେ ଜ୍ୟାମିତିକ ବିଶ୍ଳେଷଣ—ସାମୟିକ ଆସକ୍ତି ବଡ଼ ବିଷାକ୍ତ —କେଉଁ ମୁହୂର୍ତ୍ତ ଯେ କି ରୂପରେ ଅଭିନୟ କରୁଛି ସେ ଚନ୍ଦ୍ରାକର କୌଣସି ବୈଜ୍ଞାନିକ ମନ୍ତବ୍ୟରେ ପହଞ୍ଚି ପାରୁନାହାନ୍ତି—ନିଜକୁ ଅପର ସହିତ ତୁଳନା କରି ବ୍ୟକ୍ତିତ୍ୱର ସମତା ଓ ଉତ୍କୃଷ୍ଟତାରେ ମଧ୍ୟ ବିବେକର ରୁଗ୍ଣ ଏବଂ ନଗ୍ନ ବିକାଶ ଜନ୍ମ ନେଉଛି— ଅପର ପାର୍ଶ୍ୱରେ ଆତ୍ମସମର୍ପଣର ଦ୍ୱିଧା ନାହିଁ । ପ୍ରତି ମୁହୂର୍ତ୍ତ ଉପଭୋଗ୍ୟ ଏବଂ ଆପେକ୍ଷିକ—ଯୌନ କ୍ଷୁଧା, ବୟସର ଦୁର୍ବଳତା ମଧ୍ୟ ଆତ୍ମପ୍ରକାଶ କରୁଚି—ଶତ ପ୍ରଚେଷ୍ଟା ଜଳି ଯାଉଛି— ଚନ୍ଦ୍ରକାନ୍ତ ସଂଯମ ନୀତି ଅକ୍ଷୁଣ୍ଣ ରଖି ପାରି ନାହାନ୍ତି—ଅବଶ୍ୟ ଏ ପର୍ଯ୍ୟନ୍ତ କୌଣସି ପ୍ରଣୟିନୀର ଚନ୍ଦ୍ରାଜଡ଼ିତ ଆଖିର ଭାଷା, ମାଂସଳ ମନର ସ୍ପନ୍ଦନ ବା ଗୁପ୍ତ ଲେଖାର ଦଲିଲ ତାଙ୍କର ନାହିଁ—ସେ କାହାର ଗଣ୍ଡିରେ ସ୍ୱାକ୍ଷର କରି ନାହାନ୍ତି···

ଚନ୍ଦ୍ରକାନ୍ତ ଅନାବୃତ ଆକାଂକ୍ଷାର ହଙ୍ଗାମାର ପ୍ରଭାବରୁ ମୁକ୍ତି ଲାଗି ଗୋଟିଏ ପାଠ୍ୟପୁସ୍ତକ ଧରି ବସିଲେ—ସୁସଜ୍ଜିତ ଟେବୁଲ୍ ନିକଟରେ—ପରୀକ୍ଷା ସମ୍ମୁଖରେ ଠିଆ ହୋଇଛି—

ବାବା ଅନେକଥର ବିରକ୍ତ ହେଉଛନ୍ତି—ଚନ୍ଦ୍ରକାନ୍ତ କର୍ତ୍ତବ୍ୟରେ ଅବହେଳା କରୁଛନ୍ତି—କିନ୍ତୁ ଚନ୍ଦ୍ରକାନ୍ତ ବିସ୍ମିତ ସେଥିରେ ଯେପରି ତାଙ୍କର କୌଣସି ତ୍ରୁଟି ନାହିଁ—ସମସ୍ତ ଏ ସଭ୍ୟତାର—ପଢ଼ାରେ ମନ ଲାଗୁନି ··

ଚନ୍ଦ୍ରକାନ୍ତ ବାହାର ଝରକା ନିକଟକୁ ଯାଇ ପୂର୍ଣ୍ଣିମାର ଜ୍ୟୋସ୍ନାଢୋଳା ପୃଥିବୀର ପ୍ରତି ଇଞ୍ଚକୁ ଲକ୍ଷ୍ୟ କଲେ—ବାବାଙ୍କୁ ଭୁଲାଇବା ଲାଗି କେବଳ ମାଧିଆକୁ ବଡ଼ ପାଟିରେ ଡାକଲେ—"ମାଧିଆ, ମୋ କେମେଷ୍ଟ୍ରି ବହିରେ କଭର ପକେଇ ଦେଇଚୁ"—ସବିନୟେ ମାଧିଆ ଉତ୍ତର ଦେଲା—"ମଲାଟ ପକେଇ ଦେଇଚି ବାବୁ—ବହି ନେବ ?" ଚନ୍ଦ୍ରକାନ୍ତ ନିର୍ଦ୍ଦେଶ ଦେଲେ ଆଣିବା ଲାଗି ।

ବହିଟି ଚନ୍ଦ୍ରକାନ୍ତଙ୍କ ହାତରେ ଦେଇ ମାଧିଆ ଦଣ୍ଡାୟମାନ—ପ୍ରଶଂସା ଟିକିକଟେ ପାଇଁ—ଗ୍ଲୁକର ଜୀବନର ତୃପ୍ତି ଯେଉଁଥିରେ । ତାର ଜ୍ୱଳନ୍ତ ପ୍ରମାଣ ଧରି ମାଧିଆ ଉଭା ହୋଇଛି—ଯନ୍ତ୍ରଭଳି ଆଶା ଓ ଆଶଙ୍କା ଆଖି ଆଗରେ ଭସି ଯାଉଛି···

ମାଧିଆକୁ ଅସମ୍ଭବ ଭାବରେ ପ୍ରଶ୍ନ କଲେ ଚନ୍ଦ୍ରକାନ୍ତ—ଏ କଭର କାଗଜ କେଉଁଠାରୁ ଆଣିଚୁ ? ମାଧିଆ ଭୟଭୀତ—ତା' ମନରେ ସନ୍ଦେହର ଇନ୍ଦ୍ରଧନୁ—ଚନ୍ଦ୍ରକାନ୍ତଙ୍କର ବାରମ୍ବାର ପ୍ରଶ୍ନ—ମାଧିଆ ଦୋଷୀର ରୂପାୟନରେ ନୀରବ—କାରଣ ସେ ବଜାରରୁ ଲୁଗା ବନ୍ଧା ହୋଇ ଆସିଥିବା ଲେଖା କାଗଜରେ ମଲାଟ ପକେଇ ଦେଇଚି—ସେଇଠି ତାର ଭୁଲ । ସେ ମନେ ମନେ ଅନୁତାପ କରୁଚି—ଭବିଷ୍ୟତ ବଡ଼ ନିଷ୍ଠୁର—ସେ ହୁଏତ ଗ୍ରେଟ ବାବୁଙ୍କ ବିରକ୍ତିରେ ସେଠା ଦାନା ପାଣି ଛାଡ଼ି ଅନ୍ୟ କୌଣସିଠାରେ ଦାସତ୍ୱ

ଅନ୍ୱେଷଣରେ ବାହାରି ପାରେ—ଦୁଃଖର ଝଡ଼—ମାଧିଆ ନିସ୍ତବ୍ଧ…

ଚନ୍ଦ୍ରକାନ୍ତ ଅନୁଭବ କଲେ ମାଧିଆର ପ୍ରତିକ୍ରିୟା । ସେ ନରମି ଯାଇ କହିଲେ—ମାଧିଆ ମୁଁ ରାଗିବିନି—କହ ଏ କାଗଜ କେଉଁଠୁ ପାଇଲୁ ?

ମାଧିଆ ଥରା କଣ୍ଠରେ ଆହତ ଭଳି ଉତ୍ତର ଦେଲା—ବାବା ବଜାରରୁ ଜେମାଙ୍କ ଲାଗି ଶାଢ଼ୀ ବାନ୍ଧି ଆଣିଥିଲେ—ବେଶୀ ମଇଳା ହୋଇ ଥିଲା—ଦୁଇ ପରସ୍ତ କରି ମଲାଟ ପକେଇ ଦେଲି ।

ଚନ୍ଦ୍ରକାନ୍ତ କିଛି ସମୟ ନୀରବ ରହି ଚାପରେ କହିଲେ—ତୁ…ଯା… । ମାଧିଆ ଚାଲିଗଲା—ଚନ୍ଦ୍ରକାନ୍ତ ବହିର କଭରଟି ଖୋଲି ପଢ଼ିଲେ—ଝରଣାର ଡାଏରୀ…

ତା୫।୫।୫୭ ଗୁରୁବାର…

ମୁଁ ପ୍ରତି ଗୁରୁବାର ଯେଉଁ ଅଚିହ୍ନା ଭାଇଙ୍କୁ ସାକ୍ଷାତ ହୁଏ ତାଙ୍କୁ ଆଜି ଦେଖିନି—ମୋ ମନର ବିକ୍ଷିପ୍ତତା ଦେଖି ବାପା ଏବଂ ବୋଉ ମୋତେ ନାନା ପ୍ରଶ୍ନ କରିଥିଲେ— ଝରଣା, ଆଲୋ ମା, କ'ଣ ହୋଇଚି ତୋର—କାଇଁ କିଛି କହୁନୁ ? ମୋତେ ଖାଲି କାନ୍ଦ ଲାଗିଲା—ମୁଁ କିଛି କହିପାରି ନଥିଲି । ଘରେ ମଧ ଆଜି ମନ ହେଉନି—ଏ ପ୍ରକୋଷ୍ଠରେ ତାଙ୍କର ଛବିଟି ଆଙ୍କି ହୋଇ ଯାଉଛି—ସିଏ କ'ଣ ମୋତେ ଚିହ୍ନନ୍ତି ? ମୁଁ କାହିଁକି ଏତେ ଭାବୁଛି…

ତା୧୨।୫।୫୭ ଗୁରୁବାର…

ଆଜି ମୁଁ ଏକାକୀ ଚଣ୍ଡୀମନ୍ଦିରରେ ଅଜଣା କିନ୍ତୁ ମୋ ଆଖି ଓ ମନର ପରିଚିତଙ୍କ ସହିତ ସାକ୍ଷାତ ହେଲି—କିନ୍ତୁ ସେ

ମୋ ଆଡ଼କୁ ଟିକଏ ଚାହିଁଲେନି—ଭାରି ଦୁଃଖରେ ଘରକୁ ଫେରିଲି—ସପ୍ତାହକର ଆଶା ଧୂଳି ଧୂସରିତ ହୋଇଗଲା—ମୋର କୌଣସି କର୍ତ୍ତବ୍ୟ କରି ପାରିନି—ଦିନଟି ବଡ଼ ତିକ୍ତ ଏବଂ ଯନ୍ତ୍ରଣା-ଦାୟକ···

ତା୧୯-୪-୫୭, ଗୁରୁବାର···

ଆଜି ମନ ଭାରି ହାଲୁକା ଅଛି । ତାଙ୍କ ସହିତ ଦେଖା ଏବଂ ଆଖିର କେଇପଦ କଥାଭାଷା ଭାରି ଭଲ ଲାଗିଲା—ଭଗବାନ ତାଙ୍କର ମଙ୍ଗଳ କରନ୍ତୁ···

ତା୨୭-୪-୫୭ ଗୁରୁବାର···

ଆଜି ସ୍କୁଲ ପରୀକ୍ଷା ହଲ୍‌ରେ ତାଙ୍କ କଥା ମନେ ପଡ଼ିଲା—ପରିଚିତ ବନ୍ଧୁ ବା ନିଜ ଭାଇଙ୍କ ନିକଟକୁ ଯେଉଁ ପତ୍ର ଲେଖିବାର ଥିଲା, ସେଥିରେ ମୁଁ ତାଙ୍କୁ ଭାଇ ବୋଲି ସମ୍ବୋଧନ କରି ଚିଠିଟି ଲେଖିଚି, ଚିଠିରେ ନିଶ୍ଚୟ ଭଲ ମାର୍କ ପାଇବି । କାରଣ ମୋ ମନକୁ ଲେଖାଟି ଭଲ ହୋଇଚି । ସଞ୍ଜିରେ ମଧ୍ୟ ତାଙ୍କ ସହିତ ଦେଖା ହେଲା—ସିଏ କାହାକୁ ଚାହିଁ ହସୁଥିଲେ—ମୋତେ ଦେଖି ସଙ୍ଗେ ସଙ୍ଗେ ନରମି ଗଲେ ଠିକ୍ ବଡ଼ ଭାଇ ଭଳି—ସେ ମତେ ସ୍ନେହ କରନ୍ତି—ମୁଁ ତାଙ୍କୁ ଭୁଲି ପାରିବିନି ।

ତା୨-୭-୫୭ ଗୁରୁବାର···

ଆଜି ମୋର ବନ୍ଧୁ ସୁଚିତ୍ରା ମୋତେ ସନ୍ଦେହ କରି ପଚାରିଲା, ତୁ ଗଲା ଗୁରୁବାର ଦିନ ସେ ଯେଉଁ ଯୁବକଙ୍କୁ ଚାହିଁଥିଲୁ ସେ ତୋର ଚିହ୍ନା କି ? ମୁଁ ମନା କଲି । କବିତା କହିଲା, ସେ ତାର ପ୍ରଣୟୀ ହୋଇଥିବେ । ମମତା ପ୍ରଶ୍ନ କଲା, ତୁ କାହିଁ ଏତେ ଚଣ୍ଡୀ

ମନ୍ଦିରକୁ ଯାଉନଲେ ? ମୁଁ ଯେତେ ଯାହା କହିଲି କେହି ବୁଝିଲେନି —ସେମାନେ ବୋଧେ ଠିକ୍ କରି ନେଇଛନ୍ତି ମୁଁ ତାଙ୍କୁ ପ୍ରେମ କରେ—ବାସ୍ତବିକ ଭାରି ଦୁଃଖ ଲାଗିଲା—କାହାକୁ କିଛି ନ କହି ନୀରବ ରହିଲି—ଆଜି ସନ୍ଧ୍ୟାରେ ବି ମନ୍ଦିରରେ ତାଙ୍କ ସହିତ ଦେଖାହେଲା । ସିଏ ପ୍ରସାଦ ବାଣ୍ଟି ବାଣ୍ଟି ଯାଉଥିଲେ ବଡ଼ ଆନନ୍ଦରେ । ମୋତେ ଭାରି ଭଲ ଲାଗିଲା—ତାଙ୍କପରେ ମୁଁ ମଧ୍ୟ ପ୍ରସାଦ ବାଣ୍ଟି ବାଣ୍ଟି ଯାଉଥିଲି—ତାଙ୍କର ଭୂରି ଭୂରି ପ୍ରଶଂସା ପ୍ରତ୍ୟେକଙ୍କଠାରୁ ଶୁଣି ଖୁସି ହେଲି—ଅତିଥି ଗୃହିଣି ସେ ନୁହିଁ ନାହାନ୍ତି—ଦିନଟି ଭଲରେ କଟିଲା !

ତା ୯-୬-୫୬ ଗୁରୁବାର···

ମୋ ବିବାହ ପ୍ରସ୍ତାବ ନେଇ ବାବା ଏବଂ ବୋଉ ଆଜି କଥାବାର୍ତ୍ତା ହେଉଥିଲେ—ଏଇ ବର୍ଷ କୁଆଡେ ମୋର ବିବାହ ହେବ । କେଉଁଠି ମୁଁ ଜାଣେନି—ବଡ଼ ଦୁଃଖ ଲାଗୁଚି—ଦେହ ଅସୁସ୍ଥ ଭଳି ବୋଧ ହେଉଛି—ସ୍ୱାଧୀନତା ହରାଇବାକୁ ହେବ—ମୁଁ ତ ଆଉ ଚଣ୍ଡୀମନ୍ଦିର ଯାଇ ପାରିବିନି—ତାଙ୍କ ସହିତ ଦେଖା ହେବନି । ମନ୍ଦିରକୁ ନ ଗଲେ ସେ କ'ଣ ମୋ ବିବାହରେ ମୋତେ ବିଦାୟ ଦେବାକୁ ଆସିବେନି ? ସିଏ କ'ଣ ମୋତେ ସ୍ନେହ କରନ୍ତି ନି ? ସିଏ ମୋତେ ନ ଚିହ୍ନନ୍ତୁ ପଛକେ—ଗାଳି ଦେଲେ ଦେବେ—ଦୁଃଖ ନାହିଁ—ବିବାହକୁ ତାଙ୍କୁ ନିମନ୍ତ୍ରଣ କରିବି—କିନ୍ତୁ ନାଁଟି ଜାଣେନି —ବାସ୍ତବିକ୍ ଭାରି ଦୁଃଖ ଲାଗୁଚି—ତାଙ୍କ ନାଁଟି କ'ଣ ? ? ?

···ଚନ୍ଦ୍ରକାନ୍ତ ଭାବୁଛନ୍ତି—ସିଏ କ'ଣ ସୁରେଖା ? ଯାହା ସହିତ ପ୍ରତି ଗୁରୁବାର ତାଙ୍କର ଦେଖାହୁଏ—ବଡ଼ ସରଳ ନମ୍ର

ଏବଂ ପବିତ୍ର ହୃଦୟ, ରୂପବତୀ ଓ ଗୁଣବତୀ ସେ ଅପରିଚିତା ତାପସୀ ହେଉଛି ଝରଣା···? ? ?

ଗଭିର ସ୍ପୃହିକୁ ବାରମ୍ବାର ପ୍ରଶ୍ନ କରୁଛନ୍ତି ଚନ୍ଦ୍ରକାନ୍ତ—ସେ ଝରଣା···ଯାହାକୁ ମୁଁ ସ୍ନେହକରେ···

---

# ନୂତନ ସୂର୍ଯ୍ୟ

ହୃଦୟ ବଡ଼ ଚଞ୍ଚଳ ହୋଇ ଉଠୁଛି—ମୁହୂର୍ତ୍ତକ ମଧ୍ୟରେ ଜୀବନର ସମସ୍ତ କ୍ଲାନ୍ତ ଲିଭିଯିବ—ବୁକୁର ଦରଦ ମରିଯିବ—ଅନେକ ପରିବର୍ତ୍ତନ ଜନ୍ମନେବ ପୃଥିବୀ ପୃଷ୍ଠରେ···

···ପୁଣି ଥରେ ବିଦ୍ୟୁତ୍ ଆଲୋକ ତଳେ ବିଷାକ୍ତ ଗ୍ଲାସକୁ ନିରୀକ୍ଷଣ କଲେ ଲେଖକ । ବାସ୍ତବିକ ସେ ଭେଷଜର ସୃଷ୍ଟି ଉଚିତ ହୋଇଛି—ତାର ଯେଉଁ ମମତା ତାହା କୌଣସି ହୃଦୟବାନ୍ ବ୍ୟକ୍ତି ଏଡ଼ିଦେବା ସହଜ ନୁହେଁ—ଆଃ, କି ଆକର୍ଷଣୀ ସତେ···

ପକେଟରୁ ଚଟି ଖଣ୍ଡିକ କାଢ଼ି ଟିକି ଟିକି କରି ଚିରି ପକାଇଲେ ଲେଖକ—ଜୀବନଟା କ'ଣ କେବଳ ପାଞ୍ଚ ହଜାର ଟଙ୍କା ଆଉ ଫରେନ୍ ଡିଗ୍ରୀର ଶସ୍ତା ମୋହ···?

ବଞ୍ଚିବାର ଏ କ'ଣ ଏକମାତ୍ର ପନ୍ଥା···?

ବଡ଼ ବ୍ୟସ୍ତବ୍ୟସ୍ତ ହୋଇ ଗବାକ୍ଷ ନିକଟକୁ ଚାଲିଗଲେ ଲେଖକ—ସ୍ୱଚ୍ଛ ନୀଳ ଆକାଶର ନିସ୍ତବ୍ଧ ମଧ୍ୟରେ ଦଶମୀର ଜହ୍ନ ଅତି ଉପଭୋଗ୍ୟ ହୋଇ ଉଠୁଛି···କିନ୍ତୁ—

ବୁଝିଥିବା ଦୁଏତ ଭୁଲ ବୁଝିଥିବ—ସେ ଆଜ ଗୃହକର୍ତ୍ତାଙ୍କ ଆସକ୍ତି ଭାଙ୍ଗି ଦେଇଛନ୍ତି—ଯୌତୁକର ଆଭିଜାତ୍ୟ ତାଙ୍କ ନିକଟରେ ତୁଚ୍ଛ ମନେ ହେଉଛି—ସେ ସେଥିରେ ଭୁଲ ପାରୁନାହାନ୍ତି ।

ଶେଷ ଜବାବ ଦେବାକୁ ହେବ । କି ଜବାବ ଦେବେ ? କେଉଁଥିଲେ ଅନ୍ଧ ସମାଜ ସନ୍ତୁଷ୍ଟ ହେବ ଏବଂ ଗୃହକର୍ତ୍ତାଙ୍କ ଜଗରର ପରିସମାପ୍ତି ହେବ—ସେ ବିଷୟ ଚିନ୍ତା କରି କରି ମୁଣ୍ଡ ବଡ଼ ଗୋଳମାଳ ହୋଇ ଗଲାଣି ।

ଏ ଦୁର୍ବଳତା କାହିଁକି ? ସମାଜର ଏ ଯେଉଁ ଅହମିକା—ଏଥିରେ ମୁକ୍ତ ନାହିଁ—ଅଛି କେବଳ ଅସ୍ପୃଶ୍ୟ ଅସ୍ପୃଶ୍ୟ ଭଗ୍ନୀଙ୍କର ଚଖାଶ୍ରୁ ଏବଂ ବ୍ୟଭିଗୃହର ଓ କଳୁଷତା···

ଅଭିଭାବକ କ'ଣ ଏପର୍ଯ୍ୟନ୍ତ କିଛି ଉପଲବ୍ଧି କରିପାରୁନାହାନ୍ତି ! ଦେଶସାରା ପ୍ରସାରିତ ହେଉଛି କେବଳ ଯୌତୁକର ଲୀଳା ଓ ମୋହ—ଏହା ଦୁର୍ବଳର ସମ୍ବଳ ହୋଇପାରେ—କିନ୍ତୁ···

କେବଳ ପାଞ୍ଚହଜାର ଟଙ୍କାପାଇଁ ନିଜକୁ ବନ୍ଦୀ କରି ଦେବାକୁ ହେବ ସତ···କିନ୍ତୁ, ସେ ଟଙ୍କାରେ ଆଉ କେହି ନିଜର ଭବିଷ୍ୟତକୁ ବନ୍ଦୀ କରି ଦେଉ ନାହାନ୍ତି ? ସେ ଚିନ୍ତା କରିବାକୁ କାହାର ଅବକାଶ ଅଛି କି ନା ସନ୍ଦେହ···

ଅନେକ ପ୍ରଶ୍ନର ସମାଧାନ କରିବାକୁ ହେବ । ରାତି ଏକାର୍ଦ୍ଧରୁ ଊର୍ଦ୍ଧ୍ୱ ହେଲାଣି—ତଥାପି ନିଦ୍ରା ତାଙ୍କୁ ଛୁଇଁ ପାରୁନି—ତାଙ୍କ ନିକଟରୁ ଫେରି ଯାଉଛି—

ବଜାରର ଦୋକାନଗୁଡ଼ିକରୁ ବୋଧେ ବତ୍ତି ଲିଭି ଗଲାଣି—କୋଠରୀରେ ବିଦ୍ୟୁତ୍ ଆଲୋକ ଅତି ଶୁଭ୍ର ହୋଇ ଉଠୁଥିବାପରି ବୋଧ ହେଉଛି—ମନର ଉତ୍କଣ୍ଠା ସଙ୍ଗେ ଗ୍ଲାସ ମଧ୍ୟରେ ତରଳ ଭେଷଜର କାନ୍ତି ପୂର୍ବାପେକ୍ଷା ବଢ଼ି ଚାଲିଛି—ଆଉ ବିଳମ୍ବ କରି ହେବନି···। ସଂକୀର୍ଣ୍ଣ . ଜୀବାଣୁଗୁଡ଼ାଙ୍କର ଦଂଶନଜ୍ୱାଳାରୁ ମୁକ୍ତି ପାଇବାପାଇଁ ଏହାର ଶୀତଳ ସାନିଧ୍ୟହିଁ ଯଥେଷ୍ଟ ହେବ···

ଲେଖକ କାହାପାଇଁ କ'ଣ ପଦେ ଲେଖିବାକୁ ଯାଉଛନ୍ତି—ପ୍ୟାଡ୍ ଖୋଲି ଦେଖିଲେ ସଞ୍ଜୁଙ୍କ ଚିଠିଟି ରହି ଯାଇଛି—ଆସନ୍ତା-କାଲି ଉତ୍ତର ପାଇବେ ବୋଲି ସେ ସ୍ୱପ୍ନ ଦେଖୁଥିବେ—ତାଙ୍କ କଳ୍ପନା ଅବଶ୍ୟ ଅବାସ୍ତବ ନୁହେଁ—ସତ, ମାତ୍ର ଦୁନିଆର ତେଜ କେବେ ସମାନ ହୋଇ ନ ପାରେ—ତା' ବର୍ତ୍ତମାନ ଲେଖକ ଅନୁଭବ କରୁଛନ୍ତି···

ସଞ୍ଜୁଙ୍କ ଶେଷ ଚିଠିଟି ଶେଷଥର ପାଇଁ ପଢ଼ି ନେବାକୁ ହୃଦୟ କାହିଁକି ଉଦ୍‌ବେଳିତ ହେଲା—ସେ ତାହା ଜମା ଚାପି ପାରିଲେନି—

ସଞ୍ଜୁ ଲେଖିଛନ୍ତି···

କାଜିବଜାର,
କଟକ

ପୂଜ୍ୟ ଭାଇ··· ରାତି···

ତୁମ ଚିଠି ପାଇଲେ ମୁଁ ବଡ଼ ଆତ୍ମହରା ହୋଇ ପଡ଼େ। ତୁମେ ମୋ ପାଇଁ ତୁମର ଆଭିଜାତ୍ୟକୁ ଯେ ବଳି ଦେଇ ପାରିଛ, ସେ ବିଷୟ କଳ୍ପନା କଲେ ମଥା ଉନ୍ନତ ହୋଇଯାଏ—ଖାଲି

ଭଉଣୀବୋଲି ସ୍ୱୀକାର କଲେ ହେବନାହିଁ—ଭଉଣୀର ସମସ୍ତ ସୁଖ ଦୁଃଖରେ ଭାଗି ହେବାକୁ ପଡ଼ିବ—ତୁମକୁ ଆଉ ମୋତେ କେନ୍ଦ୍ର କରି କଏ କେତେ କଥା ଭାବୁଛନ୍ତି···। ସେ ସୌଭାଗ୍ୟ ମୋର ବା କାହିଁ ? ମୋ ମନୋନୀତ ଭାଉଜକୁ ଗ୍ରହଣ କରିବେତ ? ମୋର ବହୁତ ସାଙ୍ଗ ପିଲା ଅଛନ୍ତି— କହିଲେ ସେମାନଙ୍କ ମଧ୍ୟରୁ କାହାକୁ ହେଲେ ବାଛିବ--ମର ଜଗତରେ ସମସ୍ତେ ସନ୍ଦେହୀ, କେହି ଯଦି ଆମ ଦୁହିଁଙ୍କର ପବିତ୍ର ବନ୍ଧନ ଏବଂ ସମ୍ବନ୍ଧକୁ ଭୁଲ ବୁଝନ୍ତି ତା ହେଲେ ମୋର ମୃତ୍ୟୁ ନିଶ୍ଚିତ—ତୁମେ ବିଶ୍ୱାସ କରି ପାରିବନି, ତୁମକୁ ମୁଁ ଏତେ ଭଲପାଇ ବସିଛି ଯାହାର କି ଅନ୍ତ ନାହିଁ—ତେଣୁ ତୁମଠାରୁ ଖଣ୍ଡେ ଚିଠି ନପାଇଲେ ମୃତପ୍ରାୟ ହୋଇଯିବି । ଏ ପର୍ଯ୍ୟନ୍ତ ଘରେ କାହା ହାତରେ ଚିଠି ପଡ଼ିନି । ଗୁଙ୍କର ହାତରେ ପଡ଼ିଥିଲା । ମୁଁ ପଇସା ପତର ଦେଇ ହାତରେ ରଖିଛି ଆଉ ଭଗବାନଙ୍କୁ ପ୍ରାର୍ଥନା କରୁଛି କେହି ଯେପରି ନପାଆନ୍ତି । ମୁଁ ଘରେ ସାମାନ୍ୟ ଗାଳି ଶୁଣିପାରେ—କିନ୍ତୁ ଭାଇ, ତୁମେ ହୁଏତ ବିଶ୍ୱାସ କରିପାରିବନି ଯେ ତୁମର ସ୍ନେହ ଡୋରରେ ଏପରି ଆବଦ୍ଧ ହୋଇ ଗଲଣି ଯେ ତୁମଲାଗି ମୁଁ ଅକାତରରେ ଅକୁଣ୍ଠିତ ଚିତ୍ତରେ ହସି ହସି ସବୁ କିଛି ସହି ଯାଇପାରେ—ଏପରିକି ମୁଁ ତୁମଲାଗି ମୋର ଜୀବନଟା ମଧ୍ୟ ଦେଇ ପାରେ—ତୁମେ ମୋତେ ଏ ବିଷୟରେ ପରୀକ୍ଷା କର—ମୁଁ ମିଛ କହୁନି—ଅରେ ଦସ ଲେଖିଛି—ମର ଜଗତରେ ବାସ କରୁଥିବା ପର୍ଯ୍ୟନ୍ତ ତୁମକୁ ଭୁଲି ପାରିବନି···

ଭାଇ, ମୁଁ ତୁମର ଏଇ କେତେଦିନ ନିରୁତ୍ତରରେ ସମ୍ପୂର୍ଣ୍ଣ ମୋର ଆଶାର ସୌଧକୁ ଚୂରମାର କରି ଦେଇଥିଲି । କଲେଜରୁ

ଫେର ହଠାତ୍ ତୁମ ଚିଠିଟି ପାଇ ମୁଁ ଯେ ମୋର ଏହି କ୍ଷୁଦ୍ର ହୃଦୟରେ ଗଭୀର ଆନନ୍ଦ ଅନୁଭବ କରୁଛି, ତାହା ତୁମ ପରି ନିଷ୍ଠୁର ହୃଦୟହୀନ ଭାଇ ନିକଟରେ ତୁଚ୍ଛ ବୋଧ ହୋଇ ପାରେ କିନ୍ତୁ ମୋ ନିକଟରେ ତାର ମୂଲ୍ୟ ଅକଳନୀୟ । ତୁମର ଚେହେରା ସୁନ୍ଦର ଓ କୋମଳ । ମାତ୍ର ତୁମର ହୃଦୟ ସୁନ୍ଦର ଓ କୋମଳ ନୁହେଁ—ପୁରୁଷ ନାରୀର ହୃଦୟ କପରି ବା ବୁଝିବ ! ଏହି କେତେ-ଦିନ ବିଚ୍ଛେଦ ମଧ୍ୟରେ ମୁଁ ମରଣାନ୍ତକ ଯନ୍ତ୍ରଣା ଭୋଗ କରୁଛି—କଲେଜ ହଷ୍ଟାରେ ବେଳେ ବେଳେ ତୁମ କଥା ମନେ ପଡ଼ିଲେ ମୋର ଉନ୍ନତ ମସ୍ତକ କ୍ରମେ ମୋର ହୃଦୟ ପଟ୍ଟରେ ଆଙ୍କି ହୋଇ ଥିବା ତୁମର ସୁଅଙ୍କିତ ଛବି ନିକଟରେ ଅବନତ ହୋଇଯାଏ—କେବଳ ତୁମର ଦୟା ପାଇଁ—କିନ୍ତୁ ପର ମୁହୂର୍ତ୍ତରେ ମୋର ମନ ବିଦ୍ରୋହୀ ହୋଇ ଉଠେ—କେବଳ ଅଭିମାନର କାଳିମା ମୋ ମୁହଁକୁ ଆଲୋଡ଼ିତ କରି ପକାଏ - ସେତେବେଳେ ମନେହୁଏ, ଭାଇ ସତେ କେଡ଼େ ନିଷ୍ଠୁର—ସେ କ'ଣ ତାଙ୍କର ଏ ଗରିବ ଭଉଣୀର ହୃଦୟ ବେଦନାକୁ ଅନୁଭବ କରି ପାରନ୍ତି ନାହିଁ···

ସତରେ ଭାଇ, ମୋର ଯଦି ଶକ୍ତି ଥାଆନ୍ତା, ତେବେ ତୁମକୁ ମୋର ଅନ୍ତର ଚିରି ଦେଖାଇ ଦିଅନ୍ତି ଯେ ମୋର ଅନ୍ତର ମନ୍ଦିରର ଅଧୀଶ୍ୱର କେବଳ ତୁମେ—ତୁମର ପ୍ରତିବିମ୍ବହିଁ ମୋର ଚିର ପୂଜ୍ୟ—ଚିର ଆରାଧ୍ୟ···

ଆଜି ପୁଣି ଥରେ ଲେଖୁଛି— ଭାଇ, ତୁମ ଲାଗି ସଂସାରର ସବୁଠାରୁ ବଡ଼ ଦଣ୍ଡ ଆସିଲେ ସୁଦ୍ଧା ମୁଁ ହସି ହସି ବରଣ କରିବି —ଆଜି ଖୁବ୍ ବଢ଼ି ବଢ଼ି ଲେଖି ଦେଉଛି—କ୍ଷମା ଦେବେ—

ତୁମର ଧନ ଅଛି, ବୁଦ୍ଧି ଅଛି ଏବଂ ବିଦ୍ୟା ଅଛି । ତେଣୁ ଏ ସବୁର ପ୍ରୟୋଗରେ ତୁମେ ଗୋଟିଏ ହୃଦୟକୁ ଛିନ୍ନ କରି ଅନ୍ୟ ହୃଦୟ ସୁସଜ୍ଜିତ କରିପାର...

ଆଉ ଅଧିକ ପଢ଼ି ପାରିଲେନି ଲେଖକ—ଚିଠିଟି ହାତରୁ ଖସି ପଡ଼ିଲା । ଦୁଇ ଆଖିରୁ ଅବିଶ୍ରାନ୍ତ ଲାଗି ରହିଲା ଦୁଇଧାର ଅଶ୍ରୁ—ସେ ପ୍ରକୃତରେ ଅଶ୍ରୁ ନୁହେଁ—ବରଂ ରକ୍ତ କହିଲେ ଠିକ୍ ହେବ । ବିବାହ ଜୀବନର କ୍ଷଣିକ ଖିଆଲ ନୁହେଁ...ଜାଣୁ ଜାଣୁ ବିରାଟ ଭବିଷ୍ୟତର ଦୁର୍ବହ ଝଂଜାକୁ ଅଭିନନ୍ଦନ କରି ହେବନି— ବରଂ...

ଆଖି ଆଗରେ ନାଚି ଉଠିଲା ସେହି ବିଷାକ୍ତ ଭେଷଜ— କିନ୍ତୁ ହୃଦୟର କୋହ ଚୁପି ହେଲାନି—ଭୁସ୍ କିନା ଯାଇ ତୁଳିତଳ୍ପ ଚକ୍ରପୋଷ ଉପରେ ମୁହଁ ମାଡ଼ି ଶୋଇ ପଡ଼ିଲେ—ନିଦ ଲାଗି ଯାଇଛି—ଲେଖକ ହୁଏତ ଜାଣନ୍ତିନି ତାଙ୍କ ଘଡ଼ିରେ ସ୍କୁଲ ଦେବାର ସମୟ ଗଡ଼ି ଗଲାଣି—

ପ୍ରଣବ ନିଜ ଘଡ଼ିକୁ ଗୁହାଁରି କହିଲେ— କିରେ ଆଜି କଲେଜ ଯିବୁନି କି ? ସାତଟା ପନ୍ଦର ହେଲାଣି—ନିଦ ଭାଙ୍ଗୁନି ?

ଏହା କହି ସେ ଟେବୁଲ ଉପର ଗ୍ଲାସଟାକୁ ବାହାରି ପାଇପ୍‌ରେ ଭଲ କରି ଧୋଇ ଟ୍ୟାବେଲ୍‌ଟ ପାଟିକୁ ଉଆଇଁ ପାଣି ଢୋକେ ପିଉଛନ୍ତି...

ନିଦ ଭାଙ୍ଗିଗଲା—ଲେଖକ ପାଟି କରି ଉଠିଲେ—ଆରେ ଗ୍ଲାସଟା କିଏ ନେଲା...? ? ?

ପ୍ରଣବ ପାଇପ ମୂଳରେ ଥାଇ ନମ୍ର ସ୍ୱରରେ ଜବାବ ଦେଲେ—କିଛି ମନେ କରିବୁନି, ଏଥିରେ କ'ଣ ଥିଲା ମୁଁ ଜାଣେନି —ଢାଳି ଦେଇଛି···

—ଦୁଇ—

ଚିତ୍ରଲେଖା ଉପହାସ କରୁଛନ୍ତି···

ସେ ସଞ୍ଜୁଙ୍କ ସାନ ଭଉଣୀ ଏବଂ ତାଙ୍କ ସହିତ ଲେଖକଙ୍କର ମଧୁର ସମ୍ପର୍କ—

ଚିତ୍ରଲେଖା କହୁଛନ୍ତି—ନନା, ତୁମେ ପୁଣି ଏତେ ଅବୁଝା ହୁଅ—ବାପରେ ! ସେତେବେଳେ ତୁମ ଅବସ୍ଥା ଯିଏ ଲକ୍ଷ୍ୟ କରିଥାଆନ୍ତା ସେ ନିଶ୍ଚୟ କହିଥାନ୍ତା ତୁମେ ପାଗଳ—ଆଉ ଅଯଥା କଥା କ'ଣ କହିବି —ସେ ବି ତୁମରି ପରି···

ଚିତ୍ରଲେଖାଙ୍କ ମଜାଳିଆ କଥା ଶୁଣିବା ସଙ୍ଗେ ଅତୀତ ସ୍ମୃତି ତାଙ୍କ ମାନସପଟରେ ସଜୀବ ହୋଇ ଉଠୁଥାଏ—ଅବୁଝା ମନର କ୍ଲାନ୍ତି ମରି ଯାଇଛି । ପରିଶ୍ରମର ସାଧନା ସାର୍ଥକ ହୋଇଛି । ସବୁଜ ସ୍ୱପ୍ନ ବାସ୍ତବ ରୂପ ଓହ୍ଲାଇ ଆସିଛି—ମନ ସୁସ୍ଥ ଏବଂ ସବଳ··· ଅତୀତର ଝଡ଼ ଝଂଜାମୟ ଶ୍ମଶାନର ପାଉଁଶ ଗଦା ଉପରେ ଠିଆ ହୋଇଛି ତାଜମହଲ···ମମତାଜ ଓ ସାହାଜାହାନ ତାଜମହଲ ନୁହେଁ, ସଞ୍ଜୁ ଓ ଲେଖକଙ୍କ ନିବିଡ଼ ମମତା ଓ ସୁନ୍ଦର ସଂସାରର ତାଜମହଲ

ଲେଖକ ମନେ ମନେ ହସୁଥାନ୍ତି ବୋଧେ··ଅଧରରେ ସ୍ମିତ ହସର ଅଳସ ଲାଗି ରହିଥାଏ—

ଚିତ୍ରଲେଖା କହି ଚାଲିଥାନ୍ତି ଅନେକ ମଜା କଥା···

ଲେଖକ ଉ କଲେ—ସଞ୍ଜୁ କ'ଣ ଆଣୁଚି ପରା ··ଚିତ୍ରଲେଖା ଚାଲି ଯାଉଛି ଯେ ତାର କେମେଷ୍ଟ୍ରି କ୍ଲାସ ଅଛି—

ନବା କହି ଦେଇଗଲା—ମା ନିଜେ ଜଳଖିଆ ନେଇ ଆସୁଛନ୍ତି···

କିଛିକ୍ଷଣ ପରେ ସଂଜୁ ମାଁ ଜଳଖିଆ ନେଇ ଆସି ଗୋଟିଏ ଟେବୁଲ ଉପରେ ସଜେଇ ରଖି ଦେଲେ ।

ଚନ୍ଦ୍ରଲେଖା ଓ ଲେଖକ ଜଳଖିଆ ଖାଉଥିବା ସମୟରେ ସଂଜୁ ପଚାରିଲେ —ଚନ୍ଦା, ସୁଷମା ଦିଲ୍ଲୀରୁ ଫେରିନି କି ?

ଚନ୍ଦ୍ରଲେଖା କହିଲେ—ସେ ଆଜି କାର୍ଯ୍ୟବ୍ୟସ୍ତ ରହି ଆସି ପାରିଲା ନି । କାଲି ଆସିବ ବୋଲି କହିଛି···ମୁଁ କାଲି କଲେଜରୁ ଫେରିଲାବେଳେ ସଙ୍ଗରେ ନେଇ ଆସିବି ।

କ୍ଲାସ ସମୟ ହୋଇ ଯାଇଥିବାରୁ ତରତରରେ ଖିଆ ଶେଷ କରି ଚନ୍ଦ୍ରଲେଖା ଚାଲିଗଲେ···

ଠିକ ଯେପରି ସଂଜୁ ହିତେନ ବହି ଧରି ଯାଉଥିଲେ—ଚନ୍ଦ୍ର-ଲେଖା ଚାଲିଥାନ୍ତି—ଅସ୍ପଷ୍ଟ ହୋଇଯାଉଥାଏ ପଣତର ଫୁଲ ଗୁଡ଼ିକ··

ଲେଖକ ଚିନ୍ତାକଲେ—ସୁନନ୍ଦା ଗାୟିକା, ସାଧନା ନୃତ୍ୟ ଶିଳ୍ପୀ··ସୁଚନ୍ଦା ସୁନ୍ଦରୀ—ରାଜେଶ୍ୱରୀ ମେଧାବୀ ଛାତ୍ରୀ··ଚମ୍ପକ ବଲ୍ଲରୀ ବେତାର ଶିଳ୍ପୀ—ବନଜ ଲେଖିକା—ସୁଷମା ସୁଅଭିନେତ୍ରୀ —ମିନାକ୍ଷୀ ସୁଗୃହିଣୀ—ଉଷା ଆଧୁନିକା—ପୁଷ୍ପା ଲଜକୁଳୀ—ଶିଳା ସରଳା—ଶେଫାଳୀ ସବିଷ୍ଟୁ—ଯୁଥିକା କୁଟୀରଶିଳ୍ପରେ ସୁଦକ୍ଷ ଏବଂ ସ୍ମିତା ସହୃଦୟା—ଏ ସମସ୍ତ ଅଳଙ୍କାରରେ ବିଭୂଷିତା ଚନ୍ଦ୍ରଲେଖା—ସାକ୍ଷାତ ସ୍ୱର୍ଗପୁରୀର ଚନ୍ଦ୍ରଲେଖା ଏଇ ପୃଥିବୀ, ଏଇ ଆକାଶ ଏବଂ ଏଇ ବାୟୁମଣ୍ଡଳର ଚନ୍ଦ୍ରଲେଖା···

ସଂଜୁ ଦୁଃଖରେ କହିଲେ, ଚନ୍ଦାର ଭବିଷ୍ୟତ ଯେ କ'ଣ ଭାବି ହେଉନି—

# ଚଳ ପାହାଚ

ଲେଖକ କିଛି ସମୟ ନୀରବ ରହିବା ପରେ କହିଲେ—ସେଇ ବିଷୟ ନେଇ ବର୍ତ୍ତମାନ ମୁଁ ଚିନ୍ତା କରୁଥିଲି—ତୁମେ ଲାଗି ପଡ଼ିନ ସଞ୍ଜୁ—ଚିତ୍ରଲେଖାର ବିବାହ ନିଶ୍ଚୟ ହେବ—ଉପଯୁକ୍ତ ପାତ୍ରରେ ହେବ ଏବଂ ଶୁଭଲଗ୍ନରେ ମଧ୍ୟ ହେବ—ଏଥିରେ ବିବ୍ରତ ହେବାର କ'ଣ ଅଛି—

ନିଜର ଜୀବନ କାବ୍ୟ—ଯାହାକି ଅଭୁଲା, ଅତୁଠା ଏବଂ ଅଲଭ୍ୟ—ସେଇ ସ୍ମୃତି ବୋଧେ ସଞ୍ଜୁଙ୍କ ଆଶା ଓ ଭରସାକୁ ଧୂଳି ଧୂସରିତ କରି ପକାଇଲା—ସେ ନିହାତି ଦୁର୍ବଳ ହୋଇ ପଡ଼ିଲେ—ସ୍ୱପ୍ନର ତୁଳିକାରେ କଳ୍ପନାକୁ ସୁଶ୍ରୀ କରିବାର ସାମର୍ଥ୍ୟ ତାଙ୍କର ନଥିଲା···

ସଞ୍ଜୁ ଆହତ ଗଳାରେ ଉତ୍ତର ଦେଲେ, ବାବା ତ କୋଟିପତି ନୁହନ୍ତି···। ସେଇଥିଲାଗି ଅତୀତରେ ଜଳି ପୋଡ଼ି ଦଗ୍‌ଧୀଭୂତ ହେବାକୁ ପଡ଼ିଥିଲା—ଆଜି ଚିତ୍ରଲେଖା କଥା ଭାବିବାକୁ ହେଉଛି କାଲି ପୁଣି ଆଉ କାହା କଥା···

ସଞ୍ଜୁଙ୍କ ଲୋତକ ଧୂଆ ପତା ଦୁଇଟି ଦେଖି ଲେଖକଙ୍କ ଦନ୍ତ ଟିକିଏ ଦବିଗଲା—ଠିକ୍ ଗୋଟିଏ ଟ୍ରେଞ୍ଚ ଶିଶୁର କଅଁଳ ବୁକୁର ଦୁର୍ବଳତା ପରି···ପର ମୁହୂର୍ତ୍ତରେ ଲେଖକ ଆରମ୍ଭ କଲେ—

ଯୌତୁକ କଥା କହୁଛ ତ··· ତୁମର ଯେଉଁ ଇତିହାସ ମନେପଡ଼ି ତୁମେ ଅଧୈର୍ଯ୍ୟ ହୋଇ ପଡ଼ୁଛ ଠିକ୍ ସେଇ ଘଟଣା ଭଳି ଆଉ କାହାକୁ ଅଯଥା ଲୋତକ ଢାଳିବାକୁ ହେବନି—ଚିତ୍ରଲେଖାର ବିବାହରେ ଯୌତୁକର ଲୋଡ଼ା ପଡ଼ିବନି—ସେଥିଲାଗି ତୁମକୁ ମେତେ ବା ବାବାଙ୍କୁ ମୁଣ୍ଡ ଖେଳାଇବାକୁ ପଡ଼ିବନି— ଚିତ୍ରଲେଖାର ବ୍ୟକ୍ତିତ୍ୱହିଁ ହେବ ତାର ବିବାହର ଯୌତୁକ···

ଶତାବ୍ଦୀ ସଙ୍ଗେ ସଭ୍ୟତା, ସମାଜ ଓ ଯୁଗର ପରିବର୍ତ୍ତନ—ଅଭିନବ ରୁଚି ଏବଂ ଉନ୍ନତ ଦୃଷ୍ଟିକୋଣର ସୃଷ୍ଟି ହେଉଛି ପ୍ରତ୍ୟେକ ଦିନର ନୂତନ ସୂର୍ଯ୍ୟତଳେ—ଏଇ ଚିର ଅଭିଳଷିତ, ପୂଜ୍ୟ ଏବଂ ଅଭିନନ୍ଦନୀୟ ନୂତନ ସୂର୍ଯ୍ୟଙ୍କ ଶିଖା ତଳେ ପ୍ରଣାମ କରି ଯଜୁ...

---

# କବି ଓ ମାନସୀ

ଦେଖୁଚ...

କଅଣ...?

ଆକାଶକୁ ଚାହିଁଲି...

କାହିଁ କିଛିତ ନାହିଁ...!

କିଛି ଦେଖି ପାରୁନି...

ମାନସୀ ବିରକ୍ତ ହୋଇ ଉତ୍ତର ଦେଲେ—ତାହାର କାମ ନାହିଁ, ସବୁବେଳେ ଖାଲି ଆକାଶ, ବୃକ୍ଷଲତା, ପଶୁ ପକ୍ଷୀ ଏବଂ ନଦୀ ଘାଟ ପ୍ରଭୃତିରେ ଚାହିଁ ଚାହିଁ କଳ୍ପନା କେନ୍ଦ୍ରରେ ସ୍ୱପ୍ନ ଦେଖି ଜୀବନର ଛନ୍ଦ ଭୁଲି ପ୍ରକୃତିର ଛନ୍ଦ ତୋଳିବ—

କହିଲି—ମାନସୀ ତୁମେ କ'ଣ ଭାବୁଚ ପ୍ରକୃତିର ଜୀବନ ନାହିଁ ?

ମାନସୀ ପୁଣି ବିରକ୍ତିରେ କହିଲେ, ଥାଉ ତାର ଜୀବନ... ଯେଉଁ ଜୀବନ ଶାନ୍ତି ଓ ତୃପ୍ତି ଦିଏନି, ସେ କି ଜୀବନ ? ତା କବିର ଆଧାର ବା ବିଳାସର ଉପାଦାନ ହୋଇପାରେ; କିନ୍ତୁ ମୋର ନୁହେଁ...

ଟିକିଏ ନରମ କଣ୍ଠରେ କହିଲି—ମାନସୀ ପୂନିଅ ଜହ୍ନଟି ସୁନ୍ଦର ଦେଖା ଯାଉନି ? ଆଜିର ମହୁଆ ଜୋଛନା, ନିକଟ ବୃକ୍ଷ

ଲତା, ଘର ବାହୁଡ଼ା ପକ୍ଷୀର ଅସ୍ପଷ୍ଟ ଡାକଜ, ଆମ ଗୃହପଛର ଲଜୁଆ ବଜନତା ଆଜି ତା ମଧ୍ୟରେ ତୁମେ ଓ ମୁଁ—ଏଇ ଛବିଟିକୁ ନେଇ ଗୋଟିଏ ସୁନ୍ଦର କବିତା ଲେଖା ଯାଇପାରନ୍ତାନି ?

ମାନସୀ ଅନୁରୋଧ ଭରା କଣ୍ଠରେ କହିଲେ—କହିଲ ଦେଖି, କେବଳ ଜୀବନ ଦର୍ଶନରେ ନିଜକୁ ଭୁଲିଯିବା କ'ଣ ଉଚିତ ? କବିତା ନ ଲେଖିଲେ ହୁଅନ୍ତାନି—ଯିଏ କବିତା ନଲେଖୁଚି ସିଏ କ'ଣ ଚଳୁନି···

କହିଲି—ତା'ହେଲେ ଅନାଦରରେ କବିତା ମରିଯିବ ସିନା—?

ମାନସୀ ଆହତ ଗଳାରେ କହିଲେ– ମରୁ ସେ କବିତା—ମୁଁ ଅବାସ୍ତବକୁ ସମର୍ଥନ କରି ପାରିବିନି···

ଆଶ୍ଚର୍ଯ୍ୟ ହେଲି । ଏକ ପରିବର୍ତ୍ତନ—କବିତାରେ ଦୁହିଁଙ୍କର ପରିଚୟ ଏବଂ କବିତାରେ ଦୁହିଁଙ୍କର ସମ୍ବନ୍ଧ ବଳିଷ୍ଠ—ସେଇ କବିତାକୁ ଅବହେଳା କରିବାକୁ ମାନସୀର ଅନୁରୋଧ···

କେତେ ଶୀଘ୍ର ମନରୁ ଲିଭିଗଲା ଅତୀତ । କବିତା ପେଟରେ ଆଧାର ଦେଇଛନ୍ତି ସେଇ—କବିତା ବଞ୍ଚିଛି ତାଙ୍କର ମାତୃତ୍ୱରେ ଲପରି ଅନୁଭବ କରିପାରୁ ନାହାନ୍ତି— । ସେଇ କଥା ଭାବି ଉତ୍ତେ ନୀରବରେ ବସିଗଲି ।

× × × ×

ଆଜି ଦିନେ···

ଦେଖିଲି···ମାନସୀ ଗୋଟିଏ ପତ୍ରିକା ପଢ଼ୁଛନ୍ତି···ମନ ହାଲ୍କା ଏବଂ ମୁକୁଳା ଅଛି ତାଙ୍କର ବନ୍ଧୁ ବନଜଙ୍କ ସହିତ ସେଦିନ ଆକସ୍ମିକ ଭାବରେ ଦେଖା ହୋଇଥାଏ—ବନଜଙ୍କ

କାବ୍ୟର ପ୍ରଭାବ ତାଙ୍କ ଉପରେ ଝଡ଼ ସୃଷ୍ଟି କରିଚି କି ନା କଳ୍ପନା କରି ପାରିଲିନି—କିନ୍ତୁ ଦେଖିଲି—ଉଚ୍ଚସ୍ୱରରେ ଗୋଟିଏ କବିତାଂଶ ପୁନଃପୁନଃ ଆବୃତ୍ତି କରୁଛନ୍ତି—

"ତୁମ ଲାଗି ସିନା ସମାଜକୁ ଛାଡ଼ି
ମାନେନି ବଂଶ କଥା,
ତୁମ ପାଇଁ ସିନା ବହିଛି ସେ ଏବେ
ଲଜ୍ଜିତ ଗୁରୁ ବ୍ୟଥ—
ତେବେ ତୁମେ କାହିଁ ଶଙ୍କିତା ଏତେ
ଦେବାକୁ ଆଲୋକ ମୋତେ
ତେବେ ତୁମେ କାହିଁ ମାରିବ ରୁହ ଗୋ
ନ ନେଇ ପ୍ରଣୟ ରଥେ... ।
ମନେ ମନେ ଯଦେ ଗୁନ୍ଥୁ ଥାଅ ହେ
ବରମାଲ୍ୟ ଗୋଟି ଗୋଟି
ଲୋଡ଼ା ଆଜ କିନ୍ତୁ......"

ଧୀରେ ଧୀରେ ତାଙ୍କ ଆଡ଼କୁ ପାଦ ପକାଇ ପଛପଟରୁ ଆସ୍ତେ ଆଖି ଦୁଇଟି ବୁଜି ଦେଲି—

ମାନସୀ ପ୍ରଶ୍ନ କଲେ...କିଏ...ଏ...?

କହିଲି—ମୁଁ...

ମାନସୀ ଲାଜୁଆ ହୋଇ ପୁଣି ପ୍ରଶ୍ନକଲେ—ତୁମେ...?

କହିଲି—ହିଁ...ମୁଁ...

ହାତ ଦୁଇଟି କୋହଲ ହୋଇ ଆସିଲା—ମାନସୀଙ୍କର ମନ ପରିବର୍ତ୍ତନରେ ଭରି ଖୁସି ଲାଗିଲା – ସୁଯୋଗ ଜୀବନରେ ଖୁବ୍ କମ୍ ସମୟ ଆସେ—ତେଣୁ, ବିଶେଷ ହେଳା ନ କରି କହିଲି— ମାନସୀ,

କବିତାରେ ଯଦି ଗୋଟିଏ ନୂଆ ମାଡ଼ ଖୋଲି ଦିଏ—ତୁମେ କ'ଣ ସେଇଥିରେ ମୋ ସଙ୍ଗେ ରହିବାକୁ ଭଲ ପାଇବ ?

ମାନସୀ କିଛି ସମୟ ବସି କଣ ଭାବିଲେ ଅନୁଭବ କରି ପାରିଲେନି···

ପୂରନ୍ତା ଓଠରେ ସ୍ମିତ ରେଖାଟିଏ ଆଙ୍କି ମାନସୀ ପ୍ରଶ୍ନ କଲେ—ସେ ମାଡ଼ରେ ବିଜୁଳି ପଙ୍ଖା ଲାଗି ପାରିବତ ?

କହିଲି - କବିତା ମାଡରେ ବିଂଶ ଶତାବ୍ଦୀର ଉନ୍ନତ ବିଜ୍ଞାନ ଯୁଗରେ ମଧ୍ୟ···ନିଜେ ରୂପସୀ କବିତା ସ୍ୱର୍ଗଚ୍ୟୁତାର ପରିଚାରିକା ଭଳି ଆଶ୍ଳିଷ୍ଟ କରେ । ଚିର ମଳୟ ବି ତା'ର ସାଥେ ସାଥେ ଥାଏ— ବିଜୁଳି ପଙ୍ଖାର ଆବଶ୍ୟକତା ବୋଧ ହୁଏନି ।

ପୁଣି ପଚାରିଲେ···ଧାରା ଶ୍ରାବଣ ଏବଂ ବୈଶାଖୀର ଝଡ଼ରେ ଝଡ଼ି ପଡ଼ିବାନିତ ?

କହିଲି—ମାନସୀ କବିତା ମାଡରେ, ଧାରା ଶ୍ରାବଣରେ ତନୁ ସିକ୍ତ ହେବାର ଆଶଙ୍କା ନଥାଏ—ଆଉ ମଧ୍ୟ ବୈଶାଖୀର ଅଗ୍ନି-ଝଡ଼ ଅନୁଭୂତ ହୁଏନି । କବିତା—ଆଧାରରେ ପେଟର କ୍ଷୁଧା—ମରିଯାଏ ଏବଂ ମନର କ୍ଷତ ବି ଲିଭିଯାଏ—ଛନ୍ଦଭରା ଜୀବନ କାବ୍ୟ ଶୋଭାମୟ ଏବଂ ଲୋଭମୟ ହୁଏ—ସେଇଥିରେ ପୃଥିବୀ ମଧ୍ୟ ଆତ୍ମବିଭୋରା ହୋଇଥାଏ ।

ମାନସୀ ପ୍ରଶ୍ନ କଲେ—ତା' ହେଲେ କଣ କବିତା ମାଡରେ ଆମର ଖାଦ୍ୟରେ ଉପମା ଓ ଯମକ ପର୍ଯ୍ୟବସିତ ହେବ ?

କେତେ ଅବୁଝା ପ୍ରଶ୍ନ ସତେ ! କି ସମାଧାନ କରିବି ? କହିଲି—ମାନସୀ, କବିତାର କ୍ଷୀର ପିଇ ତୁମେ ତୁମର ଖାଦ୍ୟ ଭୁଲିଯିବ ।

ମାନସୀ କହିଲେ—କୋମଳ ଏବଂ ସବୁଜ ଘାସ ତଳେ କଣ୍ଟକ ବି ଥାଏ—ଆଉ ମଧ୍ୟ ମଶାରିବିହୀନ ସେ ଘାସର ଗାଲିଚା

ଉପରେ ଆମେ କ'ଣ ଆମ ଜୀବନର ସମସ୍ତ ସୁଖର ଋଜନୀ ବଢାଇ ଦେଇ ପାରିବା ?

ମୋ ସନ୍ଧିତ ଅନେକଦୂର ଆଗେଇ ଆସିବା ପରେ କେଉଁ ଅନୁଭୂତିରୁ କବିତା ମାଉଡ଼କୁ କାଉଳ ରୂପ ଦେଇ ମାନସୀ ମୋ ସର୍ଥରେ ଅତ୍ୟାଧୁନିକାର ଭୂମିକାରେ ଯୁକ୍ତ କରୁଛନ୍ତି, ବୁଝିବାକୁ ଚେଷ୍ଟା ନ କରି କହିଲି—ମଶକର ଦଂଶନ କବିତା ମାଉରେ ନଥାଏ—କବିତାର ଶେଯ ତଳେ ଶ୍ୟାମଳ ଘାସର ଗାଲିଚ୍ଚ ତଳ ଭଳି କଣ୍ଟକ ବି ନଥାଏ—ତୃପ୍ତିର ଜୁଆରରେ ତନ୍ଦ୍ରା ଜୀବନର ସମସ୍ତ ଅଳସ ଲଗ୍ନରେ ଅନାହୂତା ହୋଇ ଆସେ ଏବଂ ଅଳକାପୁରୀର ନର୍ତ୍ତକୀ ଭଳି ଅଭିନୟ କରି ମଧୁସଙ୍ଗୀତ ମୂର୍ଚ୍ଛନାରେ ବିମୁଗ୍ଧ କରି ଯୌବନଭରା ପୁଷ୍ପରେ ଶେଯ ସଜାଇ ଦିଏ—ପରା ଆପେ ଆପେ ଶାନ୍ତିରେ ଭରି ହୋଇଆସେ ।

ଶେଷ ପ୍ରଶ୍ନଟି ସ୍ୱତଃ ନାରୀଭିର ଆତ୍ମକଥା—ଅଳଙ୍କାର ନାରୀର ଭୂଷଣ—ତା ବା କିଏ ନ କହେ—ଉପାଣିଆ ସ୍ୱପ୍ନିଳ ସୁର ଓ ସାକୀର ଯୁଗରେ ଅଙ୍ଗର ସାଜ ସଜା କାହାକୁ ବା ଭଲ ନ ଲାଗେ—ଦେଖାଣିଆ ବ୍ୟକ୍ତିଗତ ପଦ୍ଧତି ବସ୍ତ୍ର କାହାକୁ ବା ଆତ୍ମତୃପ୍ତି ନ ଦିଏ—ଯେଉଁ ଦରବାରରେ ଦେହିକ ମୁଖରେ ବାଡ଼ି ମଣିଷ ସଙ୍କୋଚହୀନ ଏବଂ ଗୌରବାନ୍ୱିତ ହେଇ ଭୁଇଁରେ ମାନସିକ ତୃପ୍ତିର ସ୍ଥାନ କାହିଁ··· ?

ସେ କହିଲେ—ତୁମେ ମତେ ଅନେକ ଥର କହିଚ, କବିତାର ଭୂଷଣରେ ମୋ ତନୁକୁ ସୁନ୍ଦର ଭାବରେ ସଜେଇ ଦେବ—କିନ୍ତୁ, ଯାହା କୁହନା କାହିଁକି, କବିତାର ଅଳଙ୍କାରରେ ଜୀବନବ୍ୟାପୀ ମୁଁ ଶାନ୍ତି ପାଇ ପାରିବନି ଏବଂ କୁସୁମ-ପରାଗ ମୁଖରେ ବୋଲି କଉଟେକ୍ସର ରଙ୍ଗ ମନରୁ ଯିବନି—

ଆଉ ଗୋଟିଏ କଥା—କୋଇଲିର କୁହୁ ଝଙ୍କାର ବା ଗୀତିକାରେ ମୁଁ ରେଡ଼ିଓକୁ ଭୁଲି ପାରିବିନାହିଁ···

ମୁଁ ଟିକଏ ଅନ୍ୟମନସ୍କ ହେବାରୁ ମାନସୀ ମାରିବ ରହିଲେ—ତାଙ୍କ ଅଭିମାନ ମୋତେ ଖୁବ ଆଘାତ ଦେଲା— ମାତ୍ର ମମତାରେ ଚେତନା ଦେବାକୁ ଚେଷ୍ଟା କଲି···

ଗୋଟିଏ ଗ୍ଲେଟଛୁଆ ଭଳି ମାନସୀ ତାଙ୍କ ମନକଥା ଲାଜସଙ୍କୋଚ ସବୁ କାଟି ଉଜାଡ଼ି ଦେଇ ପୁଣି କହି ଚାଲିଛନ୍ତି ଅନେକ କଥା— ସେ ନବବଧୂଙ୍କରେ ମୋ ମନଟା କାହିଁକି ଟିକଏ ଦବିଗଲା—ମୋ ଜୀବନ ସହିତ ଜୀବନକୁ ମିଶାଇ ଦେଇ କିଏ କାହିଁକି ଅପୂର୍ବ ଏବଂ ଅନସ୍ଥିତ ମଣିଷ ଜୀବନର ସ୍ୱାଦରୁ ବଞ୍ଚିତ ହୋଇ ଅନୁତାପ କରିବ—ନିଜର ଭିନ୍ନ ଦୃଷ୍ଟିକୋଣ ଲାଗି କେତେ କ'ଣ ଭାବିଲି, ସବୁ ମନେ ନାହିଁ । ତାଙ୍କ ସୁଡ଼ୌଳ କଳ୍ପନାର ବୁକୁରେ ଆଘାତ ନ ଦେଇ କହିଲି — ତୁମେ କୁହ କାହାକୁ ନେଇ ବଞ୍ଚିବ ଏବଂ ତୁମର ଉପଭୋଗ୍ୟ ଉପାଦାନର ସୂଚୀପତ୍ର ବା ନମୁନା କ'ଣ ?

ସେ ଅଳି କଲାଭଳି କହିଲେ, ଅନେକ କଥା—ସତେ ଯେପରି ସେହି ମୁହୂର୍ତ୍ତରେ ଏଇ ପ୍ଲାଷ୍ଟିକ ଦୁନିଆ ବଜାରରୁ ମୁଁ ତାଙ୍କ ବାଞ୍ଛିତ ମୁକ୍ତାବଳୀ ସବୁ କିଣି ଆଣିବି···

ମନ ଦେଇ ଶୁଣୁଥାଏ ··

ସେ କହି ଚାଲିଥାନ୍ତି, ମୋ ଲାଗି ଗୋଟିଏ ଇଟା ଓ ଚୂନର ଘର ତୋଳି ଦିଅ—ସିମେଣ୍ଟ ଗୁଡ଼ ମଜଭୁତ ହୋଇଥିବ । ପୋର୍ଟିକୋ ଆଉ ପାର୍କପେଟ ପ୍ଲାନ ଥାଇ ଘରଟି ଶୀତ ଉତ୍ତାପ ନିୟନ୍ତ୍ରିତ ହୋଇଥିବ । ଗୃହକୁ ସବୁ ଗିଳିବ ତ ଗିଳୁ; କିନ୍ତୁ ମୋ ଘରେ ନଅନ ଲାଇଟ ଧାଡ଼ି ଧାଡ଼ି ହୋଇ ଶୋଭା ପାଇବ । କଳ୍ପନା ରଥ ଭୁଲିଯାଇପାରେ, କିନ୍ତୁ ଗ୍ୟାରେଜରେ ସେଲ୍‌ଫ୍ ଷ୍ଟାର୍ଟ୍ କାର ଆଉ ମୁଁ

ସ୍ବପ୍ନେ ଆଧୁନିକତାର ଉପାଦାନ ଯେତେ ସେ ସବୁରେ ମୋ ଭଣ୍ଡାର ଭରି ଉଠିବ । କ'ଣ କହୁଚ······ ?

ଶେଷ ବାକ୍ୟରେ ପୂର୍ଣ୍ଣଚ୍ଛେଦ ନଦେଉ ନଦେଉ ମୁଁ ଅନୁଭବ କଲି ମାନସୀ ମୋ ବୁକୁ ଉପରେ ତାଙ୍କ ଅବୟବର ଗୋଟିଏ ଭାଗ ଢାଳିଦେଇ, କଥା ପ୍ରସଙ୍ଗରେ ଆନମନା ହୋଇ ମୋ ସାର୍ଟ୍ ବୋତାମ ଖୋଲି ପୁଣି ବୋତାମ ଦେଉଛନ୍ତି ଏବଂ ମୋ ଗ୍ରୁଡ ପକେଟରୁ ଛୋଟ ଛୋଟ କାଗଜଗୁଡ଼ିକ କାଢ଼ି ପୁଣି ରଖି ଦେଉଛନ୍ତି······

ପଚାରିଲି, ମାନସୀ ତୁମର ଆଜି କ'ଣ ଲୋଡ଼ା ?

ଯେଉଁ ସଭ୍ୟତାରେ ମାନସୀର ବିଳାସ ମୁଖ୍ୟ ଏବଂ କବି ଗୌଣ—ସେଇ ଛଳନାମୟୀ ସଭ୍ୟତାରେ ମାନସୀ ନିଜକୁ କବିର ମାନସୀ ବୋଲି ପରିଚୟ ଦେଇ କହିଲେ—ତୁମେ ପୂରଣ କରିବ-ବୋଲି, ଶପଥ କରି ମୁଁ କହିବି···

କିଛି ଭାବି ପାରିଲିନି···

ଏ କି ଉତ୍ତର··· !!

ମାନସୀ ପ୍ରଶ୍ନକଲେ, ତୁମେ କ'ଣ ମୋ ଅନୁରୋଧ ରଖିବ ?

କହିଲି—ମାନସୀ ତୁମର କେଉଁ ଅନୁରୋଧକୁ ଅବହେଳା କରିଛି କହିଲ ?

ମାନସୀ ତାଙ୍କର ଅଳସ ଗଣ୍ଡଟି ମୋ ବୁକୁରେ ଆଉ ଟିକିଏ ଜୋରରେ ଜଡ଼ାଇ ଦେଇ ବିନମ୍ର ଭାବରେ କହିଲେ— ରାଗିଲେକି···?

ମୁଁ ତାଙ୍କର ମୁକୁଳିତ ଛୋଟ ଛୋଟ କୁଞ୍ଚିତ କଳା ବାଳ ଗୁଡ଼ିକ ସଜେଇ କବେରୀର ଗନ୍ଧହୀନ ସେଇ ଲୋଭମୟ ଚେରିଗର୍ମା ଫୁଲଟି ଯତ୍ନ କରି ନେଇ ତାଙ୍କ ଅଜଣାରେ ଉନ୍ମତ୍ତ ବକ୍ଷ

ଏବଂ ରକ୍ତିମ ଗଣ୍ଡରେ ଦୁଷ୍ଟ ଆଖି ଦୁଇଟି ଫେରାଇ ଆଣୁ ଆଣୁ ଧାରାପଡ଼ିଲ । ତାଙ୍କ ଅଧରର ଶିହରଣ ଦେଖି ମୋ ଅଧରରେ ବେଳା ଭୂଇଁରେ ହସର ଜୁଆର···

କହିଲି ମାନସୀ ମୁଁ କେବେ ରାଗେ··· ?

ମାନସୀ ମୋର ହାତ ଦୁଇଟି ଧରି ପକାଇ କହିଲେ, ଏ ହେଉଛି ମୋ ଜୀବନର ଶେଷ ଅନୁରୋଧ । ତୁମେ ଆଉ କବିତା ଲେଖିନ । ମୁଁ ଚାହେଁ ବାସ୍ତବ, କିନ୍ତୁ ଅବାସ୍ତବ ନୁହେଁ—ମୁଁ ଚାହେଁ ଉପଭୋଗ କିନ୍ତୁ ଅନୁଭବ ନୁହେଁ—ମୁଁ ଚାହେଁ ବାସ୍ତବ କବିତା କିନ୍ତୁ କବିର କବିତା ନୁହେଁ—ମାନସୀ କହି ଚାଲିଥାନ୍ତି······

ଦୂର ଚକ୍ରବାଳରେ ଆଖି ରଖି ଅସ୍ତଗାମୀ ସୂର୍ଯ୍ୟ ଓ ପ୍ରକୃତିର ବିଚ୍ଛେଦ କ୍ରନ୍ଦନ ଶୁଣୁଥାଏ—ମନରେ ସୃଷ୍ଟି ହେଉଥାଏ ପ୍ରତିକ୍ରିୟା । ଦୁଇଟି ଜୀବନର ଦୁଇଧାରା ମୁଁ ଅନୁଭବ କରୁଥାଏ—ଚିର ଏବଂ କ୍ଷଣିକ ମଧ୍ୟରେ ଅସଂଖ୍ୟ ସ୍ମୃତି ଭାସି ଚାଲିଥାଏ । ଅନନ୍ତ କାଳର ବକ୍ଷାକ୍ତ ଢେଉ ତଳେ ପୃଥିବୀ ବୁକୁରେ ଶତ ଆଶାର ମିନାର ଓ ଅଭିଳାଷ ଧୂଳିରେ ମିଶିଯାଏ—କବି ମରିଯାଏ-ମାନସୀବି ମରିଯାଏ—କିନ୍ତୁ, କବିତାର ନୀଡ଼ ଭାଙ୍ଗେନି - କବିତା ନୀଡ଼ରେ ସୃଷ୍ଟିର ଯେତେ ଉପଭୋଗ୍ୟ ବସ୍ତୁ ସମସ୍ତ ରୂପାୟିତ ଓ ରୂପମନ୍ତ ହୁଅନ୍ତି—ସେଇ ନୀଡ଼ରେ ଜନ ସମୁଦ୍ର ହାହାକାର ଚିତ୍ତରେ ଅଶେଷ ତୃପ୍ତି ପାଆନ୍ତି, ସେଇ ନୀରବ ଲିପିକାରୁ । ତା ବୋଧେ ମାନସୀ କଳ୍ପନା କରି ପାରୁନାହାନ୍ତି । ଜୀବନର ସାର୍ଥକତା କେଉଁଠି କିପରି ଯେ ବୁଝି ପାରୁ ନାହାନ୍ତି, ସେଇକଥା ଚିନ୍ତା କରି ଅନୁତାପରେ ଦୁଃଖ କରୁଥାଏ ତାଙ୍କ ଅବୁଝା ମନଲାଗି···

ମାନସୀ କହି ଚାଲିଥାନ୍ତି···

କିନ୍ତୁ, ମୁଁ ମାନସୀଙ୍କ ମନର କବିତା ଓ ମୋ କବିତାର ତାରତମ୍ୟ ତୁଳନା କରିବା ସଙ୍ଗେ ସଙ୍ଗେ ନିଜର କବିତାଟି ପଢ଼ି ପଢ଼ି ମୋ ମନରେ ବିଶ୍ଳେଷଣ କରୁଥାଏ ମାନସୀଙ୍କ 'ପ୍ରିୟ' ବୋଲି ସମ୍ବୋଧନର ଯଥାର୍ଥତା···

---

# ବିନିଦ୍ର ରଜନୀ

ମେଡ଼ିକାଲ କଲେଜର ପୁରାତନ ଛାତ୍ରାବାସ । ରୁମ୍ ନମ୍ବର ଅଣତିରିଶ ।

···ଟେବୁଲ ଲ୍ୟାମ୍ପ ତଳେ ଖଣ୍ଡେ କାଗଜ ପାଖକୁ ଲାଗି ପାର୍କରପେନ୍ । ସୁବ୍ରତ ଖଣ୍ଡେ ପୋଷ୍ଟ କାର୍ଡ଼ ପଢ଼ି ଟେବୁଲ ଡ୍ରଏର ମଧ୍ୟରେ ରଖୁଛନ୍ତି ପୁଣି ବାହାର କରୁଛନ୍ତି···

ହଁ, ଉତ୍ତର ଦେବାକୁ ପଡ଼ିବ । କାଲି ସକାଳୁ କ୍ଲାସ, ମଧ୍ୟାହ୍ନରେ ବିଶ୍ରାମ, ଅପରାହ୍ନରେ ଭ୍ରମଣ—ତେଣୁ ସମୟର ବଡ଼ ଅଭାବ । ପୁଣି, ଭାବଚନ୍ତି ଲେଖିବାକୁ ହେବ—ଯେ କୌଣସି ପ୍ରକାରେ ଏହି ରାତି ଭିତରେ ଶେଷ କରିବାକୁ ହେବ । ସାନ୍ଧ୍ୟ ଭ୍ରମଣ ସମୟରେ R M Sରେ ପକେଇ ଦେଲେ ଚଳେ ।

କ'ଣ ଲେଖିବେ ? ତାହା କି ଭଳି ଉତ୍ତର ହେବ ? ଟିକିଏ ନିର୍ବିଘ୍ନ ଚିତ୍ତରେ ବସିପଡ଼ି ଘରକଥା ଭାବିବାକୁ ଲାଗିଲେ । ବଡ଼ ଚିନ୍ତାମଗ୍ନ ହୋଇ, ବେଳକୁ ବେଳ ଭାବନାରେ ମନ ଗୋଳମାଳ ହୋଇ ଉଠିଲା— ମସ୍ତକରେ ହାତ ଦେଇ ଆରାମଚେୟାର ଉପରେ ଟିକିଏ ଆଉଜି ପଡ଼ିଲେ···

ଆରେ ରାତି ଆସି ଦୁଇଟା ! ସମୟ କେତେ ଶୀଘ୍ର ଚାଲି-ଗଲା ? ନିଦ ଲାଗୁନି ସତ ପୁଣି ସକାଳୁ ଉଠିବାକୁ ପଡ଼ିବ—ତାଙ୍କୁ

ଜିଷ୍ଟସ୍ତ ଏଇନା ଲେଖିବାକୁ ହେବ···ଜବାବ ଦେବାକୁ ହେବ··· ଶେଷଥର ପାଇଁ—

ତାଙ୍କର ମନେ ପଡ଼ିଲା ଅତୀତ କଥା—ପ୍ରବେଶିକା ପରୀକ୍ଷା ପୂର୍ବରୁ ମେଡ଼ିକାଲ 5th Year ପର୍ଯ୍ୟନ୍ତ ସେ କେତେ ଯେ ବିବାହ ପ୍ରସ୍ତାବ ଘରୁ ଏବଂ ବନ୍ଧୁ ଗହଣରୁ ଶୁଣିବାକୁ ପାଇଛନ୍ତି, ତାହାର ସଂଖ୍ୟା ନାହିଁ—ତଥାପି ଗୋଟି ଗୋଟି ହୋଇ ସବୁ ମନେ ଅଛି—ସମୟେ ସମୟେ ସେ ବିରକ୍ତ ହୋଇ ପଡ଼ୁଥିଲେ କେବଳ ପ୍ରସ୍ତାବ ଶୁଣି ଶୁଣି ··

ସାଆନ୍ତାର ଦଳବେହେରାଙ୍କ ଲୋକ ଆସିଥିଲା, ଗଙ୍ଗପଡ଼ାରୁ ଖବର ଆସିଥିଲା ବଡ଼ପୋଖରିଆ ଝିଅର ବାପା ନିଜେ ଆସିଥିଲେ । ଗ୍ରେଟିଯୋଡ଼ ପ୍ରସ୍ତାବରେ ମଉସା ଭାଗ ନେଇଛନ୍ତି··· କଣାସ ବିଷୟରେ ଭଲ ଲୋକ ବଳୟାରସିଂହ ପ୍ରତ୍ୟେକ ଦିନ ଧାଇଁଛନ୍ତି, କୁଜଙ୍ଗ, ବାଣପୁର, ବାରିପଦା, ବାଲିଅନ୍ତା, ଆଠଗଡ଼, କୁହୁଡ଼, ରାମଚଣ୍ଡୀ ପ୍ରଭୃତିରୁ ବହୁତ ପ୍ରସ୍ତାବ ଆସିଥିଲା—ଅନେକଙ୍କୁ ମନା କରା ହୋଇଛି ଏବଂ ଅଳ୍ପ କେତେକଙ୍କୁ କିଛି କୁହା ହୋଇନି ···ଏହିପରି ଦିନ ମଧ୍ୟରେ ଏକାଧିକ ପ୍ରସ୍ତାବ ଆସିଥିବା କଥା ସୁବ୍ରତ ଘରୁ ନୂଆବୋହୂଙ୍କଠାରୁ ଶୁଣିବାକୁ ପାଆନ୍ତି—

ଘରେ ମଧ୍ୟ ସେ ବିଷୟରେ ନାନା ମନ୍ତବ୍ୟ ପ୍ରକାଶ ପାଏ —କେଉଁଠାରେ ଝିଅଟି ଭଲ—କେଉଁଠାରେ ଝିଅଟି ସୁନ୍ଦରୀ, କେଉଁଠାରେ ଝିଅଟି ଗୁଣବତୀ—କେଉଁଠାରୁ ବହୁତ ଧନ ମିଳିବ କେଉଁଠାରେ ଜାତି ମିଳିବ—କେଉଁଠାରେ ଗୌରବ ମିଳିବ—ଏହିପରି ନାନା ମନ୍ତବ୍ୟ ଶୁଣାଯାଏ—କିନ୍ତୁ ସମାଧାନ କେହି କରି ପାରନ୍ତିନି···

ସେ ମଫସଲ ବିବାହ ପ୍ରସ୍ତାବ ବ୍ୟତୀତ ବାହାରୁ ବଡ଼ ବଡ଼ ସହର କଟକ, ପୁରୀ, ବାଲେଶ୍ୱର ଏବଂ ବ୍ରହ୍ମପୁର ପ୍ରଭୃତିର କେତେ ବଡ଼ ଅଫିସରମାନଙ୍କର ଲୋକ ମଧ୍ୟ ଏକାଧିକ ଥର ଧାଇଁଛନ୍ତି । କାହାର ଝିଅ ବି. ଏ. ପରୀକ୍ଷା ଦେଇଛନ୍ତି ତ କାହାର ଝିଅ ଆଇ.ଏ, ପାଶ କରିଛନ୍ତି ବା କେଉଁ ଅଫିସରଙ୍କ ଝିଅ ବିଶେଷ ପଢ଼ି ନାହାନ୍ତି ସତ କିନ୍ତୁ ସେ ବଡ଼ଘରେ ଚଳି ଉଚ୍ଚ ଶିକ୍ଷିତଙ୍କ ମନ ବେଶ ନେଇ ପାରିବେ । ସମୟେ ସମୟେ ମଧ୍ୟ ତାଙ୍କ ସହାଧ୍ୟାୟୀମାନଙ୍କ ବିଷୟରେ ପ୍ରସ୍ତାବ ଘର ପର୍ଯ୍ୟନ୍ତ ଗ୍ଭଲି ଯାଇଛି...

ଏତଦ୍‌ବ୍ୟତୀତ ନାରୀଜଗତର ବିଶିଷ୍ଟ ଲେଖିକା, ଉତ୍କଳ ନାଟ୍ୟକଳା ମନ୍ଦିରର ଶିଳ୍ପୀଗ୍ଭତୁରୀ ନିପୁଣା ରେଡ଼ିଓ ଷ୍ଟେସନର ଭଲ ଗାୟିକା ଏବଂ ରଙ୍ଗମଞ୍ଚର ନାୟିକାମାନଙ୍କ ମଧ୍ୟରୁ କେତେକଙ୍କ ପ୍ରସ୍ତାବ ଯେ ବାଦ ପଡ଼ିଛି ତା ନୁହେଁ ।

ଏ ସମସ୍ତ ପ୍ରସ୍ତାବରେ ସୁବ୍ରତଙ୍କ ନନା କେତେ ବେଳେ ବିଗ୍ଭର କରନ୍ତି ତ କେଉଁଠାରୁ ଗୁଡ଼ାଏ ଧନ ମିଳିଲେ ପୁଅକୁ ବିବାହ ଦେବେ— କେତେବେଳେ ଭାବନ୍ତି ଧନ କ'ଣ ହେବ, ଗରିବ ଘର ଦେଖି ପଲ୍ଲୀରୁ ଗୋଟିଏ ବୋହୂ ଆଣିବେ ଯେ ଗୁଣର ହୋଇଥିବ କେବେ କେବେ ବିଗ୍ଭରନ୍ତି ନା ଉଚ୍ଚ ଶିକ୍ଷିତାଟିଏ ବୋହୂ କରିବା ଭଲ ହେବ—କିନ୍ତୁ ଭୟ କରନ୍ତି କାଳେ ସେ ଘରେ ଚଳି ପାରିବ କି ନା ବା କାହାକୁ ଖାତିର କରିବ କି ନା —ତଥାପି ବିଗ୍ଭରନ୍ତି ନା ସୁବ୍ରତକୁ ପଗ୍ଭରି ଯାହା କିଛି କରିବାକୁ ହେବ । ତେଣୁ ସେ ଉତ୍ତର ଗ୍ଭହିଁଛନ୍ତି—

କି ଉତ୍ତର ଦେବେ ଭାବିପାରୁ ନାହାନ୍ତି ସୁବ୍ରତ । ନିକଟ ସିଟ୍‌ର ପ୍ରଫେସର୍‌ ବିରକ୍ତ ହେଲେଣି—ତାଙ୍କ ଶୋଇବାରେ ଉତ୍ପାତ ହେଉଛି । ଲାଇଟ୍‌ଟା ଲିଭାଇ ଦେବାକୁ ହେବ—ତଥାପି ଗାଁ

ପାଖ ବନ୍ଧୁ ତାଙ୍କ କଥା ଏଡ଼ି ଦେଇ ହେବ ଯେ କିନ୍ତୁ କ'ଣ ଲେଖିବେ ସେ, କି ସମାଧାନ କରିବେ—

ବିବାହ ତିଥିଗୁଡ଼ାକ ଯେତେ ନିକଟ ହୋଇ ଆସୁଛି, ନାନା ଆଡ଼ୁ ତାଙ୍କୁ ବହୁତ ଲୋକ ଦେଖିବାକୁ ଆସୁଛନ୍ତି—ଅବଶ୍ୟ ପ୍ରତ୍ୟେକ ଜଣେଇ କରି ଆସୁନାହାନ୍ତି ତଥାପି ତାଙ୍କ ହାବଭାବ ଭଙ୍ଗିଦଏ ସେମାନେ ବର ଦେଖି ଆସିଛନ୍ତି ଆରେ ଭୁଲ ଲେଖିଦେଲି ଯେ, ବର କିଏ ? ସୁବ୍ରତ !! ନା ନା ସେ ଏତେ ଗୁଡ଼ିଏ କନ୍ୟାଙ୍କର ବର କିପରି ହେବେ ? ହେଲେ ଅବା ଜଣଙ୍କର ହୋଇପାରନ୍ତି··· କିନ୍ତୁ···

ମନେ ପଡ଼େ ତାଙ୍କର ପ୍ରଥମାବସ୍ଥାରେ କେତେ ଝିଅ ରହି ରହି କିଏ କୁଆଡ଼େ ବିବାହ ହୋଇ ଗଲେଣି—କେବେ ଦେଖାହେଲେ ପ୍ରାୟ ଅଧିକାଂଶଙ୍କୁ ସନ୍ତାନମାନଙ୍କ ସହ ଦେଖିଛନ୍ତି—ସେମାନଙ୍କୁ ଦେଖିଲେ ତାଙ୍କର ଭକ୍ତିଭାବ ଆସେ—ଶିଶୁମାନଙ୍କ ପ୍ରତି ସ୍ନେହ ଜାତ ହୁଏ—ପାଖକୁ ଆଣିବାକୁ ଇଚ୍ଛା ହୁଏ କିନ୍ତୁ ଭାବନ୍ତି ସତେ ଯେପରି ସେ ଅଧିକାର ତାଙ୍କର ନାହିଁ—ସେ ମେଡ଼ିକାଲ୍ ମଧ୍ୟରେ ସେହିପରି ନାନା ଦୃଷ୍ଟାନ୍ତର ସମ୍ମୁଖୀନ ହୋଇଛନ୍ତି—

ଏଇମିତି ଭାବି ଭାବି ରାତି ପାହିବାକୁ ବସିଲାଣି—ତା ହେଲେ ସେ କ'ଣ ଲେଖି ପାରିବେନି ? ବୋଉ ବାରମ୍ବାର କହନ୍ତି—ସାଇର ସମସ୍ତେ କହନ୍ତି, ଗାଁରେ ଗଣ୍ଡା ଗଣ୍ଡା ନୂଆବୋହୂ, ସେମାନେ ମଧ୍ୟ କହନ୍ତି ଆଉ ସାନ ଭଉଣୀ ଇନ୍ଦୁ, ବିନୁ, ବିଦୁ ଓ ଗୁନା ପ୍ରଭୃତି କହନ୍ତି—ନନା, ତୁମେ କେବେ ବିଭା ହେବ ଆମକୁ ବାଟଜଗା ପାଉଣା ମିଳିବ, ଆମେ ନୂଆବୋହୂଙ୍କଠାରୁ ସିଲେଇ, ଡାକ୍ତରୀ ଏବଂ ଗୀତ ଶିଖିବୁ, ପୁଣି ପଡ଼ିଶା ଘର ବୁଢ଼ୀ ଥଟ୍ଟାରେ ଯାଉ ଆସୁ କହନ୍ତି 'ଆରେ ହେ ସୁବ—ଆଉ କେଉଁଦିନ ବାହା

ହେବୁ ବା ? ତୋର ସାଥୀର ଦିନ୍ନି ଭୁରି ଗୁରଣ୍ଠା ଛୁଆର ବାପ ହେଲେଣି ଆଉ କ'ଣ ବୁଢ଼ା ହେବୁ କରେ ? ମୁଁ ଟିକଏ ଖିରି ପିଠା ଖାଆନ୍ତି ବୋଲି ଆଶା ରଖିଛି ଯେ—ଆଉ ହୋଇ ପାରିବନି —ବଅସ ତ ଆସି ତିନି କୋଡ଼ି ସତର ହେଲାଣି ଆଉ କଣ ବେଳ ଅଛି—ଟିକଏ ନାତୁଣୀ ବୋହୂକୁ ଦେଖି ଥାଆନ୍ତି—କଏ କଣ ଦବ ନା ନବ ?

ସବୁକଥା ମନେ ପଡ଼ୁଛି—ନାନା ଅଯଥା କଥା ମଧ୍ୟ ବାଦ୍ ଯାଉନି— କେତେ ଥର ନୂଆବୋହୂମାନଙ୍କଠୁଁ ଶୁଣିଛନ୍ତି, ତୁମେ ବୋଧେ ନିଜେ କୁଆଡ଼େ ଠିକ୍ କରି ନେଇଛ ନା ? ଏ ତ ଯୁଗ ହେଲାଣି ନ କରିବା କାହିଁକି । ସେ ସବୁ ସୁବ୍ରତ ଯନ୍ତ୍ରଭଳି ଶୁଣି ଯାଆନ୍ତି—କିଛି ଭାବି ପାରନ୍ତିନି—କେବଳ ଆଶ୍ଚର୍ଯ୍ୟ ହୁଅନ୍ତି—ଏ ପ୍ରକାର ସନ୍ଦେହ କାହିଁକି ଉଠୁଛି··· ? ପ୍ରକୃତରେ ସେ କ'ଣ ଦୋଷ କରିଛନ୍ତି ନା ଭୁଲ୍ କରୁଛନ୍ତି... ?

ଆଜି ପଦକରେ ସେ ଲେଖିଦେବେ ସେ ଆଉ ଏତେଗୁଡ଼ାଏ କଥା ଶୁଣିବାକୁ ଚାହାନ୍ତିନି— ତେବେ କାହା ନାଁ ଲେଖିବେ ? ପଲ୍ଲୀ ଝିଅର ନାଁ ନା ଟାଉନ୍ର ? ଝିଅ ଗୁଡ଼ିକଙ୍କର ନାଁ ମନେ ପକାଇଲେ-ଅଳକା, ଶୋଭନା, ସ୍ନେହ, ଭାନୁ, କଣୋସା ଇତ୍ୟାଦି ଅସଂଖ୍ୟ ନାଁ ମନେ ପଡ଼ିଲା—ସେ କେଉଁଟିକି ବି ଠିକ୍ କରି ପାରିଲେନି···

ବଡ଼ ବିରକ୍ତରେ ଉଏର ମଧ୍ୟରୁ ଚାବି ଆଣି ଟ୍ରଙ୍କ ଖୋଲି ଦେଖି ଚାଲିଲେ ଫଟଗୁଡ଼ିକ—କେତୋଟି Direct ସମସ୍ତଙ୍କ ଘରୁ ଆସିଛି— କେତେକ ନିଜ ଘର ବାଟ ଦେଇ ଆସିଛି— ଆଉ କେତେ ସୁଯୋଗ ଅଭାବରେ ଆସି ପାରିନି । ତଥାପି ଯେତେକ ଅଛି ତନ୍ମଧ୍ୟରୁ ବାଛିନେଲେ ବି ଚଳନ୍ତା—ସଂଖ୍ୟା ତ କମ୍ ନୁହେଁ

ହଁ, ଗୋଟିଏ ମନୋମତ କରିବାକୁ ପଡ଼ିବ—ତେବେ କେଉଁଠି ? କହୁଛନ୍ତି ଭାବି ପାରୁନାହାନ୍ତି—ଘଣ୍ଟା ପାହିଯାଉଛି ଯେ···

ହୋଇ ପାରିବନି । ମେସ୍ ପୂଜାଘର କୁକୁଡ଼ା ଗୁଡ଼ାକ ଗୋବରଲେଣି କଣ କରିବେ—କେତେବେଳେ ଲେଖିବେ ? ଚିଠି ଗୁଡ଼ିକର ଦେଖିଲେ ସେଥିରୁ ବାଛିବାର ସୁବିଧା ହୁଅନ୍ତା, ତେଣୁ ଭିତରରେ ଆଲମିରାରୁ ଫାଇଲ୍ ଟା କାଢ଼ି ଚିଠି ପରେ ଚିଠି ଲେଉଟାଇବାକୁ ଲାଗିଲେ କାନ୍ତୁ କାରୁ ଠିକ୍ କରି ପାରିଲେନି, ଆଉ ମଧ୍ୟ ସେଗୁଡ଼ିକ ଆମୂଳଚୂଳ ପଢ଼ିବା ପାଇଁ ସମୟର ବଡ଼ ଅଭାବ । ତା'ହେଲେ ସେ କଣ କହୁ ଲେଖି ପାରିବେନି···?

ମନେ ପଡ଼ିଲା···

ବୋଉ ତାଙ୍କ ଆଗରେ କେତେଥର କାନ୍ଦି ଉଠିଛନ୍ତି—ତାଙ୍କର କର୍ତ୍ତବ୍ୟ ସମାପନ ହୋଇପାରିନି ବୋଲି ତାଙ୍କର ମନୋଭାବ ସୁବ୍ରତ ମର୍ମେ ମର୍ମେ ଅନୁଭବ କରିଛନ୍ତି—ମା'ଙ୍କ ଋଣ ଜୀବନରେ ପରିଶୋଧ କରି ହୁଏନି—ତଥାପି ତାଙ୍କୁ ଟିକେ ଶାନ୍ତି ଦେବାର ସାମର୍ଥ୍ୟ ନାହିଁ—ନିଜର ଦୃଷ୍ଟିକୋଣ ଲାଗି ଅନେକ ଅନୁତାପ କରୁଛନ୍ତି ସୁବ୍ରତ···

ହଁ—ତାଙ୍କୁ ବିବାହ କରିବାକୁ ହେବ—ପୃଥିବୀର ଯେ କୌଣସି ଅଞ୍ଚଳରେ—ଯେ କୌଣସି ଝିଅଙ୍କ ସହ—ଯେ କୌଣସି ଲଗ୍ନରେ ଶୀଘ୍ର ବିବାହ ଅନୁଷ୍ଠିତ ହେବା ଉଚିତ—ଧରିର ପାରି-ପାର୍ଶ୍ୱିକ ଅବସ୍ଥିତି ସହିତ ପାଦ ମିଳାଇ ଚାଲିବାକୁ ହେଲେ ବିବାହ କରିବା ଆବଶ୍ୟକ—ଆଜି ରୁଚିର ତାରତମ୍ୟ ନାହିଁ—ଏଇ ପୃଥିବୀର ଯେ କେହି ତନ୍ୱୀ ତାଙ୍କ ଲାଗି ଅଭିମତ ବାଢ଼ି ଦେଇ ପାରିନ୍ତି···ତାଙ୍କର ଅଭିମତରେ ସେ ସ୍ୱାକ୍ଷର କରିବେ···

ନା, ତାଙ୍କୁ ଲେଖିବାକୁ ହେବ । ତେବେ ସେ ତୁଳନା କଲେ ତ ହୁଅନ୍ତା ତାଙ୍କୁ କିଏ ବେଶୀ ଭଲପାଆନ୍ତି—ତାହାକୁ ଭଲ ହେବ । କିନ୍ତୁ ସେ ଭାବିଲେ ଗୋଟିଏ କଥା ତାଙ୍କ ଅଜଣାରେ ରହିଗଲା—ପଲ୍ଲୀର ଯେଉଁ ଝିଅଗୁଡ଼ିକ ତାଙ୍କୁ ବର୍ଷ ବର୍ଷ ଧରି ଅପେକ୍ଷା କରିଛନ୍ତି—ସେମାନଙ୍କ ନିକଟ ସମ୍ପର୍କରେ ତ ଆସି ନାହାନ୍ତି—କଣ କରିବେ ? ସେମାନଙ୍କୁ ବାଦ୍‌ଦେବାକୁ ବାଧ୍ୟ ହେଲେ—ସମସ୍ୟାର ବଡ଼ ଅଭାବ···

ସୁନ୍ଦର ତ କ୍ଷଣସ୍ଥାୟୀ—ଧନ ମଧ୍ୟ ସେଇଆ—ଗାୟିକା ? ନା କଣ୍ଠ ତ ଅଳ୍ପଦିନେ ନଷ୍ଟ ହୋଇ ଯାଇପାରେ । ତା'ହେଲେ ଲେଖିକା ବା ପାଠୋଇଙ୍କ ମଧ୍ୟରୁ କାହାକୁ ହେଲେ ସେ ମୁହୂର୍ତ୍ତକ ମଧ୍ୟରେ ଠିକ୍ କରିବେ । କାରଣ ସେହିମାନଙ୍କଠାରୁ ଆଶାଜନକ ଗୁଣ ମିଳିପାରେ । ଏ କଣ ? ସେ କାହିଁ କିଛି ଠିକ୍ କରିପାରୁ ନାହାନ୍ତି···

ତାହେଲେ ସେ କ'ଣ ସମସ୍ତଙ୍କ ବିଷୟ ପୁଣି ଥରେ ଭାବିବେ ? ନା, ସମୟ ନାହିଁ ଯେ ଟିକିଏ ତଳେଇ କରି ଭାବନ୍ତେ ହୁଅନ୍ତା—ସେ କାହାକୁ ଭଲ ପାଆନ୍ତି କି ? କେବେ, ସେ ଭଲ ପାଆନ୍ତିନି କାହାକୁ ? ସେ ଦିଗରୁ ଠିକ୍ କରି ହେବନି···

ଗୋଟିଏ ଭଲ କଥା ଲେଖି ଦେବାକୁ ମୁଣ୍ଡକୁ ଆସିଲା—ତାଙ୍କୁ ଯିଏ ଭଲପାଆନ୍ତି ସେ ତାଙ୍କର ବନ୍ଧୁ ହେବେ—ଯେଉଁ ଏଠା ତ ଅବାସ୍ତବ ପରି ମନେ ହେଉଛି···

ଏହିପରି ନାନା ଭାବନାରେ ସେ ବଡ଼ ବିବ୍ରତ ହୋଇ ପଡ଼ିଲେଣି—

ପାଖ ସିଟ୍‌ରୁ ଭୁବନ ବାବୁଙ୍କର ପାଟି ଶୁଣାଗଲା···

ତାଙ୍କ ଚିତ୍କାରରେ ସୁବ୍ରତଙ୍କର ଭାବନାର ଶୃଙ୍ଖଳ ଛିଣ୍ଡି ମୁଣ୍ଡ ଏକଦମ ଗୋଳମାଳ ହୋଇଗଲା ।

ସେତେବେଳକୁ ଆର ରୁମ୍‌ରେ ଜଣେ ବନ୍ଧୁ ଖଣ୍ଡେ ଦାନ୍ତ-କାଠି ପାଇଁ କବାଟରେ ଧକ୍‌କା ମାରିଲେ । କବାଟ ଖୋଲିବାକୁ ଯାଇ ସୁବ୍ରତ ଦେଖନ୍ତେ ରାତି ପାହି ଯାଇଛି···

---

# ଦୁଇଟି କାଳ୍ପନିକ ଗପ

ଲେଖମା ଅସୁସ୍ଥ—ଆଜି ବ୍ୟକ୍ତିଗତ ତରଙ୍ଗକୁ ନେଇ ଗପ ଲେଖିବାର—ବହୁତ ଗାଳି, ମାନ ଅଭିମାନ ଓ ଅଭିଶାପରେ ବୁକୁ ଭରି ହୋଇଛି—ବନ୍ଧୁ ମହଲରେ ଆଉ ଆଦର ନାହିଁ—କେହି ମନ ଖୋଲି ଜୀବନର ଅଭିନୟ କହୁନାହାନ୍ତି—ପ୍ରତ୍ୟେକଙ୍କ ସନ୍ଦେହରେ ଜୀବନ ବଡ଼ ନୀରସ, ନିସ୍ତେଜ, ନିସ୍ପୃହ, ରୁକ୍ଷ ଏବଂ ଦୁର୍ବହ ବୋଧ ହେଲାଣି—ତଥାପି··

ଲେଖକର ସଂକ୍ରାମକ ରୋଗରେ ମନ ଏତେ ସଂକ୍ରାମିତ ଯେ କାହାର ଭାଷାହୀନ ଆଖି ଦୁଇଟି—କାହାର ଅଲସ ବେଣୀ—କାହାର ଅଯତ୍ନ ବେଶଭୂଷା—କାହାର ଗୋଟିଏ ବ୍ରଣକ୍ଷତ ଦାଗ—କାହାର ଯୌବନର କଳା ସୂଚୀ—କାହାର ଚମ୍ପାଫୁଲିଆ ତନୁ-ଲତା—କାହାର ସୁଲଳିତ ସୁନ୍ଦର ଏବଂ କୋମଳ କଣ୍ଠର ଝଙ୍କାର—କାହାର ନର୍ତ୍ତକୀ ଭଙ୍ଗିମା—କାହାର ମମତା ଭରା ଲେଖା କେଇପଦ—କାହାର ଅନୁରୋଧ, ଅଭିମାନ ଏବଂ ସନ୍ଦେହ, କାହାର ଆଡ଼-ଚାହାଣୀ ବା କାହାର ବନ୍ଧିଧରି ଢ଼ଳ ଢ଼ଳ ଅବାଟର ଭୁଲ

ଇତ୍ୟାଦି ଦେଖିବା ସଙ୍ଗେ ସଙ୍ଗେ ଭାଷାରେ ରୂପ ଦେଇ ନ ପାଇଥିଲେ ଦୁର୍ବଳ ମନ ଭାରି ଉତ୍କଣ୍ଠିତ ଆଉ ଅବୁଝା ହୁଏ···

କିନ୍ତୁ ଆଜି ଏ ପୃଥିବୀର କାହାକୁ କେନ୍ଦ୍ର କରି ଲେଖିବିନି— ରକ୍ତ ମାଂସ ଶରୀରର ସ୍ପନ୍ଦନ ତୋଳିବିନି—ପୂର୍ଣ୍ଣାଙ୍ଗ ମନଗଢ଼ା ଏବଂ କପୋଳ କଳ୍ପିତ ବିନ୍ଦୁକୁ କେନ୍ଦ୍ର କରି ବୃତ୍ତ ଆଙ୍କିବି— ଶପଥ କରି ଲେଖମା ସାହାଯ୍ୟରେ ଅଲେଖା ପୃଷ୍ଠାରେ ଲିପି ଆଙ୍କିବି···

## ପ୍ରଥମ

ବ୍ରଜେଶ୍ୱରୀ···ଶୁଣ···

ତୁମର ଏ ଦୀର୍ଘ ନାଁ'ଟି ଛୁଆ ପିଲାଙ୍କ ଆଗରେ ବାରମ୍ବାର ଆବୃତ୍ତି କରିବାକୁ ସଙ୍କୋଚ ଲାଗୁଚି—ଏଣିକି ତୁମର ଗୋଟିଏ ଡାକ ନାଁ ସୃଷ୍ଟି କରିବାକୁ ଭାବୁଚି—ଶିଲ୍ପୀ ନାଁ'ଟି ମୋତେ ଭଲ-ଲାଗେ—ତୁମକୁ ଯଦି ଆଜିଠାରୁ ଶିଲ୍ପୀ ବୋଲି ସମ୍ବୋଧନ କରେ···

ଏ ବୟସରେ ବି ତୁମର ବାଉଳା ମନ···ବାଟ ଛାଡ଼···ପିଲାଙ୍କର ସ୍କୁଲ ଯିବା ବେଳ ହେଲାଣି—ସବୁଠେଇ ସବୁ କାମ ବାକି ପଡ଼ିଚି—ମୁଁ ଯାଏ···

ହଁ, ଭୁଲି ଯାଉଥିଲି—ତୁମର ପିଲାମାନଙ୍କୁ ଡାକ ଏ ବର୍ଷ ଘର ଚଳାଇବା ଦାୟିତ୍ୱ ତୁମେ ନେବ ନା ମୋତେ ଗ୍ରହଣ କରିବାକୁ ହେବ। ସେଇଥି ଲାଗି ଭୋଟ ନିଆଯାଉ ବୋଲି ସେ ଦିନ କହୁଥିଲି—ଆଜିର ଏ ବର୍ଷାରମ୍ଭ ନୂତନ ଦିବସର ଶୁଭ ଲଗ୍ନରେ ତୁମ ମୋ ମଧ୍ୟରେ ଯେଉଁ ସମସ୍ୟା ମୁଣ୍ଡ ଟେକି ଉଠିଛି ତାର

ଗୋଟାଏ କିଛି ସମାଧାନ ହୋଇଯିବା ଉଚିତ । ବିଳମ୍ବ-ହେଉଛି ଯେ ..

ତୁମେ ଡାକ—

ଆରେ ଲୁଲୁ—ଝିଲୁ , ଗୁଲୁ, ଦୁଲୁ ନନା ଆଉ ହରି, ବୁଣୀ ଓ ଡଲି ଅପାଙ୍କୁ ଡାକ ସମସ୍ତେ ଏ ଘରକୁ ଆସ—

ବ୍ରଜେଶ୍ୱରୀ ଯେଉଁ ରୂପାୟନରେ ମୋ ସହିତ ଅଭିନୟ କରୁଥିଲେ—ସେ ଲଗ୍ନଟି ଜୀବନରେ ତାଙ୍କ ସହିତ ପହିଲି ପରିଚୟର ଅଭୁଲା ସ୍ମାରକୀ ଠାରୁ ବି ରୂପମନ୍ତ ମନେ ହେଉଥିଲା । ସିଏ ମୋ ଚଉକିର ଗୋଟିଏ ପାଖରେ ମୋତେ ସାମାନ୍ୟ ଆଉଜି ବସିଥାନ୍ତି—

ପିଲାମାନେ ଉଚ୍ଛୁଳା ଆବେଗରେ ଧାଇଁ ଆସିଲେ କୋଠରୀ ଭିତରକୁ—ପ୍ରତ୍ୟେକଙ୍କ କଣ୍ଠରେ ଗୋଟିଏ ପ୍ରଶ୍ନ—କ'ଣ ବାବା ?

ମା'ଙ୍କୁ ପଚ୍ଚର—

ଉଠ ଉଠ ମୁଁ ଯାଏଁ । ତୁମେ ତୁମର ପିଲାମାନଙ୍କ ସହ ଗପ କରୁଥା—

କାଉ ସେମାନେ କ'ଣ ତୁମର ପିଲା ନୁହନ୍ତି କି ?

କ'ଣ ଏଇନା ପାଟିରୁ ବାହାରୁ ଥିଲି ଯେ—ପିଲାତ ଅଛନ୍ତି ।

ହମ୍ମୁଖରେ ଭବିଷ୍ୟତର ପର୍ଦ୍ଦା ଅଧିକ ବିଳମ୍ବ ନ କରି ପିଲାମାନଙ୍କୁ ପ୍ରଶ୍ନ କଲି—ଏ ବର୍ଷ ଘର ଚଳାଇବା ଦାୟିତ୍ୱ କାହା ଉପରେ ନ୍ୟସ୍ତ ରହିବ—ମା' ନା ବାବା କିଏ ଭଲ ଭାବେ ତୁଲେଇ ପାରିବେ—'

ନିର୍ଦ୍ଦେଶ ଦିଆ ହେଲା, ନାଁ କହିବା ମାତେ ପ୍ରତ୍ୟେକ ଜଣକୁ ସମର୍ଥନ କରିବେ—ହାତ ଟେକିବାହିଁ ଯଥେଷ୍ଟ ହେବ—ପ୍ରାର୍ଥୀ ଦୁଇଜଣ --ମୁଁ ଏବଂ ବ୍ରଜେଶ୍ୱରୀ ।

ପ୍ରଥମେ ମୋ'ର ପାଳ ପଡ଼ିଲା । କିନ୍ତୁ ପିଲାମାନେ ବଲ ବଲ କରି ମୋ'ର ମୁହଁକୁ ଚାହିଁ ମାରିବ ରହିଲେ—ମନେ ହେଲା ସତେ ଯେପରି ସେମାନେ ମାଙ୍କ ନାଁକୁ ଅପେକ୍ଷା କରି ରହିଛନ୍ତି । ଲୁହାଣିରୁ ଅନେକ କଥା ବୁଝି ହେଉଥାଏ—କ'ଣ କହନ୍ତି ପିଲାଙ୍କ ଆଗରେ, ସତରେ ମନ ଭରି ହାଲକା ଥାଏ...

ବ୍ରଜେଶ୍ୱରୀଙ୍କ ନାଁ ଉଚ୍ଚାରଣ କରୁ କରୁ ପ୍ରତ୍ୟେକଙ୍କ ହାତ ଉର୍ମ୍ମିକୁ ପ୍ରସରି ଗଲା ।

ନିର୍ବାଚନର ଫଳାଫଳ ଶୁଣିବାକୁ ଅପେକ୍ଷା ନ କରି ବ୍ରଜେଶ୍ୱରୀ ଉଠିର ଘରକୁ ଚାଲିଗଲେ । ତାଙ୍କ ସଙ୍ଗେ ସଙ୍ଗେ ମଧ୍ୟ ତାଙ୍କର ପିଲାମାନେ ହସର ଝଡ଼ ସୃଷ୍ଟି କରି ଚାଲିଗଲେ—

କେଉଁଠି କ'ଣ ଭାବିଲି...

ପିଲାଙ୍କ ଲାଗି, ମାର ସ୍ନେହର ମୂଲ୍ୟ ମର୍ମେ ମର୍ମେ ଅନୁଭବ କରି ମୁଁ ମୋର ଗପ ଲେଖା ଶେଷ କରିବାକୁ ଲାଗିଲି ।

ଉର୍ମ୍ମି ବ୍ରଜେଶ୍ୱରୀଙ୍କର ବନ୍ଧୁ—ମୋହନ ମୋର ବନ୍ଧୁ—କିନ୍ତୁ ଆମେ ସ୍ୱାମୀ ସ୍ତ୍ରୀ ନିହାତି ଅବାସ୍ତବ ପରିସ୍ଥିତି ମଧ୍ୟରେ ଗତି କରୁଛୁ—

ଉର୍ମ୍ମି ଅଭିମାନ କରି ମୋହନଙ୍କ ଘରକୁ ଦୀର୍ଘ ବର୍ଷେ ହେବ ଆସୁ ନାହାନ୍ତି । ଉଭୟଙ୍କର ସୁନ୍ଦର ସଂସାର ଉପରେ ସେ ଏକ ବିଷାକ୍ତ ବେଳାର ପ୍ରତିକ୍ରିୟା—

ପ୍ରେମ ବିବାହ ନୁହେଁ, ତେଣୁ ଆଶଙ୍କାର ସ୍ଥାନ ନାହିଁ ମାମୁଲି ରୀତିରେ ଉତ୍କଳ ଡିଗ୍ରୀଧାରୀ ମୋହନ ମହିଳା କଲେଜର ଦ୍ୱିତୀୟ ବାର୍ଷିକ କଳା ଛାତ୍ରୀ ଉର୍ମ୍ମିଙ୍କ ସହ ବିବାହ କରିବାକୁ ବାଧ୍ୟ ହୋଇଥିଲେ—

ପହିଲ ଦାମ୍ପତ୍ୟର ସ୍ୱାସ୍ଥ୍ୟ ପୃଥିବୀ ପୃଷ୍ଠରେ ନୂତନ ଆଲୋକ ଢାଳି, ନୂତନ ସ୍ପନ୍ଦନ ତୋଳିଥିଲା । ଉଭୟେ ଉଭୟଙ୍କ ଅନାବିଳ ମମତାରେ ଖୁବ୍ ଆକୃଷ୍ଟ ହୋଇ ରହିଥିଲେ—

କି ପବିତ୍ର ମିଳନ ସତେ···

ହର-ପାର୍ବତୀ, ଦୁଷ୍ମନ୍ତ-ଶକୁନ୍ତଳା, ନଳ-ଦମୟନ୍ତୀ ଏବଂ ହରିଶ୍ଚନ୍ଦ୍ର ଓ ଶୈବ୍ୟାଙ୍କ ଦାମ୍ପତ୍ୟଠାରୁ ଅଧିକ ସୁନ୍ଦର ଏବଂ ଜୀବନ୍ତ ହୋଇଥିଲା—

ଦୁନିଆ ଯେଉଁ ଭୁଲ ବୁଝେ-ଏ ଯୁଗର ଶିକ୍ଷିତ ଏବଂ ଶିକ୍ଷିତାଙ୍କୁ ନଗ୍ନ ଭାବରେ ସମାଲୋଚନା କରେ-ସେ ସଂକୀର୍ଣ୍ଣତା ସବୁ କ୍ଷେତ୍ରରେ ପ୍ରଯୁଜ୍ୟ ନୁହେଁ ବୋଲି ସଭ୍ୟତା ସେଦିନ ତିଳ ତିଳ କରି ଅନୁଭବ କଲା—ସେ ଆଦର୍ଶରୁ ପୃଥିବୀର ଅନେକ ଶିଖିବାର ଥିବା ପୃଥିବୀ ମଧ୍ୟ ଅନୁଭବ କରିଚି —

ସବୁ ସ୍ମୃତି ବାଦଲର ଢେଉ ଭଳି ଭାସି ଭାସି ଭୂଇଁରେ ଝରି ଅସ୍ତିତ୍ୱ ହରାଇ ପାରିନି—

ଉର୍ମିଙ୍କ ବୁଦ୍ଧିମତ୍ତା ମୋହନକୁ ଉଦ୍‌ବୁଦ୍ଧ କରିଥିଲା—ଉର୍ମିଙ୍କର ମହାବିଦ୍ୟାଳୟରେ ଉଚ୍ଚ ଶିକ୍ଷାର ଆବଶ୍ୟକତା ପ୍ରଥମେ ଅନୁଭବ କଲେ ମୋହନ-ତାଙ୍କରି ସହଯୋଗ ଓ ଶୁଭେଚ୍ଛାରେ କର୍ମକୁଶଳା ଉର୍ମି ଏମ୍.ଏ.ଡିଗ୍ରୀ. ଧରି ବିଶ୍ୱବିଦ୍ୟାଳୟର ସମାବର୍ତ୍ତନ ମଞ୍ଚରୁ କୀର୍ତ୍ତିର ମାଲ୍ୟ ଗଳାରେ ଲମ୍ବାଇ ପାହାଚ ତଳକୁ ଓହ୍ଲାଇ ଆସୁଥିଲେ ଉର୍ମି—ପୂରି ଉଠିଥିଲା ମୋହନଙ୍କ ମନ ଓ ପ୍ରାଣ—

ମୋହନ କରାଣୀ ଜୀବନ ଧରି ନୂଆ ରାଜଧାନୀରେ ଉର୍ମିଙ୍କ ଭବିଷ୍ୟତର କଳ୍ପନା ଆଙ୍କି ଆଙ୍କି ମନର ଦୁଃଖ ଓ କ୍ଳାନ୍ତି ପୋଛି ପକାଉ ଥିଲେ···

ଅବକାଶରେ ଊର୍ମି ମୋହନଙ୍କ ଦେହର ଉରଦ ମେଣ୍ଟାଇବା ଲାଗି ସେ ନଇଦ୍ର ଗାଢ଼ ଅନ୍ଧାର କୋଳରେ କେବେ ପ୍ରତିବାଦ କରି ନାହାନ୍ତି—ସ୍ୱାମୀଙ୍କୁ ସ୍ୱାମୀତ୍ୱ ଦେବା ତାଙ୍କର କର୍ତ୍ତବ୍ୟ ବୋଲି ସେ ଧରି ନେଇଥିଲେ—

ଊର୍ମି ଅଧ୍ୟାପିକା ତଥାପି—ନାରୀର ପ୍ରତ୍ୟେକ ଲିପ୍‌ସା ଓ ପାରିବାରିକ କର୍ମନିଷ୍ଠା ମୋହନଙ୍କ ଦୁଃସ୍ଥ ପ୍ରାଣର ସୌଖ୍ୟ ଲାଗି ଯେ ଯଥେଷ୍ଟ, ସେ ମୋଟେ ନିଖୁଣ ଭାବରେ ମୁକ୍ତ କଣ୍ଠରେ ସ୍ୱୀକାର କରିଛନ୍ତି—ଊର୍ମି ବି ମୋହନଙ୍କୁ ପାଇ ଭାଗ୍ୟବତୀ ବୋଲି ବ୍ରଜେଶ୍ୱରୀଙ୍କ ସମ୍ମୁଖରେ ଅସଂଖ୍ୟଥର ସ୍ୱାମୀଙ୍କ ଅଭିମତରେ ସ୍ୱାକ୍ଷର କରିଛନ୍ତି—

ସବୁ ମୋର ମନେ ଅଛି—ବ୍ରଜେଶ୍ୱରୀ ବି ଅନେକ କଥା ମନେ ପକାଇ ଦିଅନ୍ତି—

କିନ୍ତୁ, ଏ କ'ଣ···!!

ପୃଥିବୀର ଅଭିଶାପ ନା ଭଗବାନଙ୍କର ଈର୍ଷା କିଛି ବୁଝି ହୁଏନା। ସେ ଦର୍ଶନ ତତ୍ତ୍ୱ ବିଶ୍ଳେଷଣ କରିବାର ସାମର୍ଥ୍ୟ ନାହିଁ। ଇତିହାସ ଓ ପୁରାଣର ସାକ୍ଷ୍ୟ ଯଥେଷ୍ଟ। ଶିଳା ଖୋଦାଇ ଲିପି ସବୁ ପଢ଼ି ହୁଏନା, ସେଥିରେ ଯେ କି ଭାବ ନିହିତ ଜାଣେନା। ତଥାପି ପୃଥିବୀରେ ମଣିଷର ଜୀବନ ପ୍ରବାହ ସାଗରକାର ଢେଉ ଭଳି ଉଚ୍ଚ ନୀଚ, ଆଲୋକ ଅନ୍ଧାର, ସୁଖ ଦୁଃଖ ଯାହା ହେଉ ନା କାହିଁକି ସବୁ ଛୁଆଙ୍କ ଧୂଳି ଖେଳ। ଏଇ ମାଟି, ଏଇ ପବନ, ଏଇ ପାଣିରେ ମଣିଷ ମଣିଷ ଠାରୁ ଭିନ୍ନ ହୋଇ ନ ପାରେ—ସମ୍ପର୍କ ବଡ଼ ନିବିଡ଼—ଏଇମିତି କେତେ କ'ଣ ମନକୁ ଜୁଟେ—

ଅଧ୍ୟାପକତ୍ୱ କରିବାର କିଛି ଦିନ ପରେ ଊର୍ମି ମୋହନଙ୍କୁ ଉତ୍କଳିତ କରିବା ଲାଗି ଅନୁରୋଧ କରିବାରେ ସ୍ୱାମୀଙ୍କ ଗୌରବରେ ସେ ଗୌରବାନ୍ୱିତ ହେବାର କଳ୍ପନା ଥିଲା ତାହା ଅବାସ୍ତବ ନୁହେଁ —ମୁକ୍ତ ଦେଶରେ ସ୍ୱାଧୀନ ପ୍ରାଣର ଢେଉ ପଳ ପଳ କରି ଆକଣ୍ଠ ପିଇ ଛୁଆ ପିଲାଙ୍କ ଆତ୍ମଜାତ୍ୟ ଲାଗି ଊର୍ମିଙ୍କ ବୁକୁରେ ଯେ ଆନନ୍ଦ ହୋଇ କେତେ ଥର ଦେଖା ଦେଇଥିବ—ତାହା ସାମ୍ଭବ୍ୟ—।

ପରିସ୍ଥିତିକୁ କେନ୍ଦ୍ରକରି ମୋହନ ବି ଉତ୍କଳିତ କରିବାକୁ ପସନ୍ଦ କଲେ—

ଦୁଇଟି ଛୁଆଙ୍କ ସହ ଊର୍ମି ଓ ମୋହନ ମହାନଗରୀର ବୁକୁ ଉପରେ ଶାନ୍ତିର ଶେଯରେ ଶୋଇରହି ସ୍ୱପ୍ନିଳ କଳ୍ପନା ଦେଖୁଥିଲେ—ସେଇ ସ୍ୱପ୍ନରେ ଊର୍ମି ସ୍ୱାମୀଙ୍କ ହାତ ନିଜ ହାତ ଉପରେ ରଖି ହସି ହସି ଆଗକୁ ପାଦ ପକାଉଥିଲେ—ମନରେ ଅଶେଷ ତୃପ୍ତି-ସ୍ୱାମୀଙ୍କ ସ୍ନେହ ତାଙ୍କର ବଞ୍ଚିବାଲାଗି ଯେ ଯଥେଷ୍ଟ—ଊର୍ମିଙ୍କ ମନୋଜ୍ଞବ ସୌର ଜଗତର ପ୍ରତ୍ୟେକ ଗ୍ରହ ନକ୍ଷତ୍ର ଆଜି ପୃଥିବୀର ପ୍ରତି ବନ୍ଦରେଖା ନିଷ୍ପ୍ରଭ ଅନୁଭବ କରୁଥିବେ—

କିନ୍ତୁ, ଏ କି ପରିବର୍ତ୍ତନ···
ବନ୍ଧୁ ଦମ୍ପତିଙ୍କ ଦୁର୍ଦ୍ଦିନରେ···
ଅଞ୍ଜଳିଙ୍କ ଚରିତ୍ର ମନେ ପଡ଼େ ।

ଉଚ୍ଚ ଶିକ୍ଷା ଏବଂ ଆଧୁନିକ ବୈବାହିକ ପ୍ରଥାର ପ୍ରଭାବରେ ଉଚ୍ଚ ଶିକ୍ଷିତାଙ୍କର ଯେଉଁ ନଗ୍ନ ଦୃଷ୍ଟିକୋଣ ଓ ମନୋବୃତ୍ତି ଆତ୍ମପ୍ରକାଶ କରୁଛି, ବାସ୍ତବିକ ପରିତାପର ବିଷୟ—ସ୍ୱାମୀଙ୍କୁ ସ୍ୱାମୀତ୍ୱ ଦେବାରେ ସେ କୁଣ୍ଠାବୋଧ କରୁଛନ୍ତି—ସେ ସ୍ୱତନ୍ତ୍ର ସୌଖ୍ୟ

ଅପର ସନ୍ତତି—କାରଣ ବିଦେଶୀ ପ୍ରଭାବ ତାଙ୍କୁ ସୁନ୍ଦର ଦେଇଛି—ସେ ଗୃହାନ୍ତ ପରିବର୍ତ୍ତନ ଏବଂ ପ୍ରତି ମୁହୂର୍ତ୍ତରେ ଜଣକୁ ଭଲପାଇ ଅପର ମୁହୂର୍ତ୍ତରେ ଭୁଲିଯିବା—ସେ ଗୃହାନ୍ତ ଉପଭୋଗ ବସ୍ତୁ ଜଗତରୁ—କିନ୍ତୁ ସ୍ୱାମୀର ଉପଭୋଗର ତାଙ୍କର ଲୋଡ଼ା ନାହିଁ—ପରିବାରକୁ ଗଢ଼ିବା ଓ ସନ୍ତାନ ସନ୍ତତିଙ୍କର ଯତ୍ନ ନେବାରେ ଅବକାଶ ନାହିଁ—ତାହା ସ୍ୱାମୀର କର୍ତ୍ତବ୍ୟ ହୋଇପାରେ; କିନ୍ତୁ ତାଙ୍କର ନୁହେଁ—ସେ ଗୃହାନ୍ତ ସ୍ୱାମୀ ସବୁବେଳେ ଶାରୀରିକ ମାନସିକ ଏବଂ ଆର୍ଥିକ ସୁସ୍ଥ ସବଳ ହୋଇ ସ୍ତ୍ରୀର ଇଚ୍ଛା ଓ ଉପଦେଶକୁ ସଦାସର୍ବଦା ଅଭିନନ୍ଦନ କରି ଜଗତର ସମସ୍ତ ଉପଭୋଗ୍ୟ ବସ୍ତୁ ଯୋଗାଇ ଦେବେ, ସେ ଅପରକୁ ନିଜ ଅଙ୍ଗ ଓ ବେଶଭୂଷାର ଆଭିଜାତ୍ୟ ଦେଖାଇ ଗର୍ବ ଅନୁଭବ କରିବେ—ସେ ପଲ୍ଲୀ ବୋହୂଭଳି ମାନ୍ୟାସ୍ପଦ ବ୍ୟକ୍ତିଙ୍କୁ ସମ୍ମାନ ଆସନ ଦେବାରେ ଘୃଣା କରି ଶିଖିଛନ୍ତି—ସେ ସିନେମା ଜଗତର ଅଭିନେତ୍ରୀ ଭଳି ଜୀବନକୁ ଭସାଣିଆ ସ୍ୱପ୍ନରେ ଗଢ଼ି ଚରିତ୍ରକୁ ତିଳ ତିଳ କରି କ୍ଷତ ବିକ୍ଷତ କରିବାକୁ ପସନ୍ଦ କରନ୍ତି—ବିବାହକୁ ଖେଳନା କରି ପୁରୁଷକୁ ମୁଗ୍ଧ କଲେଣି—ଦେହର ଛୀପାସା ଏବଂ କାରୁକାର୍ଯ୍ୟର ସୌନ୍ଦର୍ଯ୍ୟକୁ ଅପରକୁ ବାଢ଼ିଦେଇ ତାଙ୍କ ପାର୍ଶ୍ୱରେ ମିଶି ଗର୍ବ ଅନୁଭବ କଲେଣି—ଜନତା ଚକ୍ଷୁରେ ଅଜ୍ଞାନ ସୂତାର ଡୋର ତୋଳି କୋଟିଏ ଅଧରର ଚୁମ୍ବନ ଗଣ୍ଡରେ ଲଗାଇ ପାରିଲେଣି—ସେ ଚିରକୁମାରୀ ବାହାନାରେ ଅସଂଖ୍ୟ ପୁରୁଷର ଦୁର୍ବଳ ମୁହୂର୍ତ୍ତରେ ଜଡ଼ିଯାଇ ଅସଂଖ୍ୟ ଭ୍ରୂଣହତ୍ୟା କରି ଗୌରବ ଅନୁଭବ କଲେଣି—ତାଙ୍କର ମାୟା ମମତା ଓ ସ୍ନେହ ସହାନୁଭୂତି ସବୁ ଭସାଣିଆ, ସବୁ ବନାଉଟି ଏବଂ ତାଙ୍କର [illegible] କେବଳ ସ୍ୱାର୍ଥର ବୃତ୍ତ ଆଙ୍କି ଶିଖିଲେଣି—ନୈତିକ ଚ୍ୟୁତି ଏବଂ

ବିବେକ ସେ ସବୁ ତାଙ୍କ ଆଗରେ ଅନ୍ଧ ବିଶ୍ୱାସ—ସେ ସୁହାସ୍ତ ଭୋଗିଶିଆ ପ୍ରତିକ୍ଷଣରେ ପରିବର୍ତ୍ତନଶୀଳ ଅଭିନବ ଦୈହିକ ଉପଭୋଗ—ସେଇଥିରେହିଁ ଜୀବନ ସାର୍ଥକ...

କିନ୍ତୁ, ହାୟ ! ଅଞ୍ଜଳି ନିଜର ଗୁଇତଳେ ପରି ଜୀବନର ଯେଉଁ ଅବହେଳା ଓ ଦହନକୁ ବରଣ କରୁଛନ୍ତି ସିଏ ଯଦି କ୍ଲାସ୍ତିକ ସଭ୍ୟତାକୁ ବୈଜ୍ଞାନିକ ଓ ମନସ୍ତାତ୍ତ୍ୱିକ ଦୃଷ୍ଟିକୋଣରୁ ବିଶ୍ଳେଷଣ କରି ତାର ମହତ ଜୀବନକୁ ଉପଲବ୍ଧି କରି ପାରୁଥାନ୍ତେ ତା ହେଲେ ହୁଏତ ସେ ଲକ୍ଷେ ପୁଷ୍ପିତ ସ୍ନେହରେ ବିଷାକ୍ତ ଦ୍ରବ୍ୟକୁ ଆହରଣ କରି ଭବିଷ୍ୟତକୁ ଜାଳିଦେଉ ନ ଥାନ୍ତେ...

ମୋ ଲେଖମା ଅନୁତପ୍ତ—

ଅବଶ୍ୟ ଅତ୍ୟାଧୁନିକ ସଭ୍ୟତାର ପ୍ରଭାବ ଊର୍ମିଙ୍କୁ ବିପଥକୁ ନେଇ ପାରିନ—କିନ୍ତୁ ସମୟେ ସମୟେ ମାମୁଲି ସ୍ୱାମୀ ସ୍ତ୍ରୀଙ୍କ ମଧ୍ୟରେ ମତାନ୍ତର ଦେଖା ଦେଲଣି ।

ସେ ବୋଧେ ଊଆଁସର ଅଶୁଭ ବେଳା—ଊର୍ମି ଜ୍ୟେଷ୍ଠ ପୁଅ ଅରୁଣକୁ ବେହାଘାତ କରୁଥିଲେ—ମୋହନ କଟେଜରୁ ଫେରି ହଠାତ୍ ପୁଅର ଆକୁଳ ଚିତ୍କାରରେ ଏତେ ବିବ୍ରତ ହୋଇ ପଡ଼ିଲେ ଯେ ନିଜର ଅସ୍ତିତ୍ୱ ଭୁଲିଯାଇ ରୁକ୍ଷ ଗଳାରେ ଗର୍ଜି ଉଠିଲେ—ଊର୍ମି, ତୁମେ ମୋ ଘରୁ ବାହାରି ଯାଇ ପାର କିନ୍ତୁ, ମୁଁ ଜଡ ଭଳି ଠିଆ ହୋଇ ମୋ ପୁଅର ଲକ୍ତାକ୍ତ କଅଁଳ ମନକୁ ଦେଖିବାର ମୋର ଧୈର୍ଯ୍ୟ ନାହିଁ—

ଊର୍ମି ପ୍ରତିବାଦ ନ କରି ମାମୁଲି ସଂସାରର ଅଭିମାନରେ ସେଇଦିନୁ ତାଙ୍କ ବାପାଙ୍କ ଘରକୁ ଚାଲି ଯାଇଛନ୍ତି—ନିଷ୍ଠୁର ପ୍ରାଣରେ ଆଘାତ ଲଗିଛି—

ସେଇ ମୁହୂର୍ତ୍ତକୁ ବିଶ୍ଳେଷଣ କରୁ କରୁ ମୋହନ ଆତ୍ମପ୍ରକାଶ କରି ସଦା ସର୍ବଦା ଅନୁତପ୍ତ—ମୁଁ ବୁଝେ ବନ୍ଧୁଙ୍କ ମନୋଭାବ—ଅଶ୍ରୁଳ ପଚାରି ବିକଳତା ମନେ ପଡ଼ିଲେ ମୁଁ ଦୁର୍ବଳ ହୋଇ ପଡ଼େ—

ମନ ବୁଝେନ ମୋହନ ଊର୍ମିଙ୍କ ଘରକୁ ଅନେକ ଥର ଯାଆନ୍ତି—ଊର୍ମି ପିଲାମାନଙ୍କ ସ୍ୱାସ୍ଥ୍ୟ ବିଷୟରେ ଦୁଇପଦ ମନ ଖୋଲା କଥାବାର୍ତ୍ତା କରି ନୀରବ ରୁହନ୍ତି—ସେଇଥି ଲାଗି କେତେ ଜନ ତାଙ୍କ ମୋହନ ଊର୍ମିଙ୍କ ଘରକୁ ଯିବା ବନ୍ଦ କରି ଦେଇଥିଲେ —ଅବଶ୍ୟ ଦୁଃଖରେ—ଊର୍ମି ଅନେକ ଥର କେତେଜଣଙ୍କୁ ପଚାରନ୍ତି, ସିଏ ତାଙ୍କ ପିଲାମାନଙ୍କୁ ଦେଖିବାକୁ ଆସୁ ନାହାନ୍ତି...

ଦାମ୍ପତ୍ୟ ଦଲିଲ ପଢ଼ି ପଢ଼ି ଊର୍ମି ନୀରବ ଅଶ୍ରୁ ଢାଳୁଥିଲେ କଥା ଭଗବାନହିଁ ଜାଣନ୍ତି—

ଗୁଜବ—ଊର୍ମି କୁଆଡ଼େ ସ୍ୱାମୀଙ୍କୁ କଥା ଦଅନ୍ତି ତାଙ୍କ ଘରକୁ ଫେରିଯିବେ—କିନ୍ତୁ ଜନତା କୁହେ ଊର୍ମି ମୋହନଙ୍କ ଉପରେ ସନ୍ତୁଷ୍ଟ ନୁହନ୍ତି—ମୋହନ ବିଂଶ ଶତାବ୍ଦୀର ବିଜ୍ଞାନ ଯୁଗର ଅତ୍ୟାଧୁନିକ ମଞ୍ଚରେ ଊର୍ମିଙ୍କ ପଛରେ ପଡ଼ି ଯାଇଛନ୍ତି—ସେ ସ୍ୱାମୀଙ୍କୁ ନିଜର ଆବଶ୍ୟକ ମୁତାବକ ଅନେକ ସଜାଡ଼ିଛନ୍ତି—କିନ୍ତୁ, ସମସ୍ତ ପରିଶ୍ରମ ବ୍ୟର୍ଥ ହୋଇଛି—ମୋହନ ପ୍ରତି ପଦ କ୍ଷେପରେ ପଛରେ ପଡ଼ୁଛନ୍ତି—ସବୁଦିନ ଲାଗି ସୁଖ୍ୟାତ ସ୍ୱଜନ ଊର୍ମି ଏତିକି କଷ୍ଟ ବରଦାସ୍ତ କରି ପାରିବେନି—ତେଣୁ ମୋହନଙ୍କ ଘରକୁ ଫେରିବା ଗୋଟାଏ ଦିବା ସ୍ୱପ୍ନ ବ୍ୟତୀତ ଅନ୍ୟ କିଛି ନୁହେଁ—

ଗୁଜବ ମିଥ୍ୟା—ଢ଼କଳାଙ୍କ ପ୍ରତିମୂର୍ତ୍ତି ସେ···

ବ୍ରଜେଶ୍ୱରୀ ଉର୍ମ୍ମିଙ୍କର ଭୂରି ଭୂରି ପ୍ରଶଂସା କରୁଛନ୍ତି—ମୋ ଅପେକ୍ଷା ସିଏ ତାଙ୍କ ସହିତ ଖୁବ୍ ମିଳି ପାରୁଛନ୍ତି । ଉର୍ମ୍ମି କୁଆଡେ କୁହନ୍ତି, ପୃଥିବୀରେ ସ୍ୱାମୀ ହିଁ ଦେବତା—ତାଙ୍କରି ଆରାଧନାରେ ମୁକ୍ତି···

ମୋହନଙ୍କୁ ଉର୍ମ୍ମି ମୁହୂର୍ତ୍ତେ ଭୁଲିଯିବା ଅସମ୍ଭବ । ମୋହନ ବି ମନରେ ଉର୍ମ୍ମିଙ୍କୁ ଦଣ୍ଡେ·ଅବହେଳା କରିବା ଅବାସ୍ତବ—

ସ୍ମୃତିର ଚେତନା ଆପେ ଫେରିବ—ଉର୍ମ୍ମି ପୁଣି ମୋହନଙ୍କ କୋଳରେ ଢ଼ଳି ପଡ଼ି ପୂର୍ଣ୍ଣିମାର ଜ୍ୟୋତ୍ସ୍ନା ବୋଲି ସ୍ୱାମୀଙ୍କ ମୁଖର କାଳିମା ପୋଛି ପକାଇବେ—

ସେହିପରି ମୋହନ ଉର୍ମ୍ମିଙ୍କ କୁଞ୍ଚିତ କବରୀରେ ରକ୍ତ କରବୀ ଗୁଞ୍ଜି ଦେଇ—ତାଙ୍କ ମନର କ୍ଳାନ୍ତି ଲିଭାଇ ଦେବେ···

ଶାନ୍ତିକ ମନ ବୁଝୁନି—ଲେଖାରେ ପୂର୍ଣ୍ଣଚ୍ଛେଦ ନ ଦେଇ ବ୍ରଜେଶ୍ୱରୀଙ୍କୁ ଡାକିଲି, ଗପ ଶେଷ ହେବଣି ଭାବି ସିଏ ଖୁବ ଉଦ୍‌ବେଗରେ ଧାଇଁ ଆସିଲେ । ତାଙ୍କରି ପ୍ରେରଣାରେ ମୋ ଲେଖନୀ ବଂଚେ—ତାଙ୍କରି ଅନୁରୋଧ ହିଁ ମୋ ଗପ ଓ କବିତାର କଂକାଳ—ବ୍ରଜେଶ୍ୱରୀ ଲେଖକ ଜୀବନର ଜୟଯାତ୍ରା ।

ମୋର ଗପର ପ୍ରଭାବରେ ନୂତନ ସୃଷ୍ଟିର କଳ୍ପନା ଚାଲେ ବ୍ରଜେଶ୍ୱରୀ ଲେଖା ପଢ଼ି ପଢ଼ି ଆଗକୁ ହାତ ବଢ଼ାଉଥାନ୍ତି—ସିଏ ବୋଧେ ସେହିପରି ସିଧା ସିଧା ଉର୍ମ୍ମିଙ୍କ ଘରକୁ ଧୀର ପଦକ୍ଷେପରେ ଚାଲି ଯାଇ ପାରନ୍ତି—

ମୁଁ ବାରଣ କରୁଛି—ସିଏ କନ୍ତୁ କଚ୍ଛୁଣୁଣିବେନ, ସିଏ ସ୍ବଚ୍ଛନ୍ଦ—ଊର୍ମି ଓ ମୋହନଙ୍କ ପୁନଃମିଳନ । ଏଇ ଗପଟି ହିଁ ଭରସା ହୋଇ ପାରିବ—ଏଇ ବୋଧେ ତାଙ୍କର ଧାରଣା—

ସିଏ ଚାଲି ଯାଉଛନ୍ତି—

ମୋର ମନେ ପଡ଼ୁଚି—ଆଜ କେତେ କ'ଣ ଲେଖିବାକୁ ଇଚ୍ଛାଗଲା—

ମୁଁ ତାଙ୍କର ପୃଷ୍ଠଦେଶରୁ ଅନେକ ଥର ଡାକୁଚି··· ବ୍ରଜେଶ୍ବରୀ···ଶୁଣ···ବ୍ରଜେଶ୍ବରୀ···

## ଦ୍ବିତୀୟ

ପ୍ରଥମ କାଳ୍ପନିକ ଗପଟି ଉପଭୋଗ୍ୟ ହୋଇଥିବ କିନା ଜାଣେନା—ମନ ବୁଝୁନି—ଅବୁଝା ମନକୁ ବୁଝେଇବା ଲାଗି ଆଉ ଗୋଟିଏ ଗପ ଲେଖୁଛି—

ଅର୍ଚ୍ଚନା ମୋ ପଛପଟ ସାର୍ଟରେ କେତେ କଣ ଲେଖିଲେ···

ମୁଁ ମାଇବରେ ବସିଥାଏ—ସବୁ ପଢ଼ି ପାରୁନି···

ଆକାଶରେ ସଫେଦ ଜହ୍ନ—ମହାନଗରୀର ରାଜପଥ ଜନ-ସମାଗମରେ ବିପର୍ଯ୍ୟସ୍ତ—ହର୍ଣ୍ଣ ଦେଇ ଦେଇ କାର ଧୂଳି ଚାଲିଲା ନଗରୀର ଉପାନ୍ତ ଅଞ୍ଚଳକୁ—କେତେବେଳେ ନୀରବତାରେ ମୁକ୍ତ ଆକାଶରୁ ଆଞ୍ଜୁଳା ଆଞ୍ଜୁଳା ହୋଇ ଜ୍ୟୋତ୍ସ୍ନା କାର ଭିତରେ ଝରି ପଡ଼ୁଥାଏ—ଆନମନା ହୋଇ କ'ଣ ଭାବୁଥିଲି ମନେ ନାହିଁ—

ଧୀର ମଧୁଗୁଞ୍ଜନର ଆଶ୍ଳେଷରେ ପଛକୁ ଫେରି ଚାହିଁ ଦେଖିଲି—ଅର୍ଚ୍ଚନା, ମାଳମା ଆଜ କବିତା ମୋର ଆଉକୁ

ସୁନ୍ଦରୀତନ୍ତ—କଣ୍ଠରେ ସଙ୍ଗୀତର ଗୁଞ୍ଜନ ନାହିଁ—ସବନ ସ୍ପନ୍ଦନହୀନ—ପ୍ରତ୍ୟେକଙ୍କ ଭ୍ରୂଲତା ଧାରରେ ଭାବନାର ଗୁଚ୍ଛ—ଅଧରରେ କେତେ ଗ୍ରେଟ ବଡ ଢେଉ—ତନୁରେ ଯୌବନର ନିଖୁଣ କାରୁକାର୍ଯ୍ୟ—

ଦୃଷ୍ଟି ଫେରାଇଲି—ସେମାନଙ୍କ ଲଜ୍ଜାବୋଳା ମନଲାଗି ସାମାନ୍ୟ ଶଙ୍କିଯାଇ କାର୍ଚ୍ଚର ଝରକାରେ ପୃଥିବୀର ଅର୍ଦ୍ଧନଗ୍ନ ବର୍ତ୍ତୁଳ ବକ୍ଷକୁ ଲୁହିଁ ରହିଥାଏ—

ଅର୍ଚ୍ଚନା ବୋଧେ ପ୍ରଶ୍ନ ପଚାରୁଥାନ୍ତି—କବିତା...ଶୁଣୁଚୁ ! ଆଜି ଏଇ ଜହ୍ନ ରାତିରେ ଲେଖକଙ୍କ ସହ ସାନ୍ଧ୍ୟ ଭ୍ରମଣଟି ନିତାନ୍ତ ଉପଭୋଗ୍ୟ ହେଉଛି—ଜୀବନର ଅଭୁଲା ଅନୁଭୂତି କିନ୍ତୁ, ସିଏ ଯଦି ଆମକୁ ଭୂମି ବା କେନ୍ଦ୍ର କରି ଗପ ଲେଖନ୍ତି...?

ସିଏ କୋତେ ନେଇ ଲେଖି ପାରନ୍ତି—କାରଣ ଉଭୟଙ୍କ ତନୁ ଓ ମନର ପ୍ରଭେଦ କେବଳ ପରିଚ୍ଛେଦ ଓ ସଙ୍କୋଚରେ—

ଅର୍ଚ୍ଚନା ନୀରବରେ ଲାଗି ପଡ଼ିଲେ—

ମୋର ଅସୁବିଧା ଅନୁଭବ କରି କିଛି ସମୟ ପରେ ଅର୍ଚ୍ଚନା ତାଙ୍କ ଆସନରୁ ପୂର୍ବାପେକ୍ଷା ଅଧିକ ସ୍ଥାନ ଛାଡ଼ି ଦେଇ ମୋ ଲାଗି କବିତାଙ୍କ ଆଡ଼କୁ ଘୁଞ୍ଚିଗଲେ । ଅନୁରୋଧ ରକ୍ଷା କଲି —କିନ୍ତୁ, ମୋ ଲାଗି ଯେ ଅର୍ଚ୍ଚନା କଷ୍ଟ ସହିବାକୁ କାହିଁକି ପସନ୍ଦ କରନ୍ତି, ସେଇ ହେଲା ମୋ ଭାବନାର ବିଷୟବସ୍ତୁ—ମୋ ମନ ତାଙ୍କଠାରେ କେବଳ ସେଇଥିଲାଗି କେନ୍ଦ୍ରୀଭୂତ ହୋଇନି—

ସେଇ ଅବସ୍ଥାରେ—ପକେଟରୁ ପେନ୍ କାଢ଼ି—ଅର୍ଚ୍ଚନାଙ୍କ ହାତର ପାପୁଲିରେ ପଦଏ ଲେଖିଲି—ଠିକ୍ ମନେ ପଡ଼ୁଇ ହେଉନି-ବୋଧେ ଲେଖିଥିଲି—"ତୁମ ଆଖିର ନୀରବ ଭାଷା—ମୋ ମନର କବିତା"...

ଅର୍ଚ୍ଚନା ପଢ଼ିବା ପାଇଁ ଖୁବ୍ ଚେଷ୍ଟା କରୁଥାନ୍ତି—କିନ୍ତୁ କାର୍ ଭିତରେ ଥିବା ପର୍ଯ୍ୟନ୍ତ ସମ୍ଭବ ହୋଇନି—କବିତା ମଧ୍ୟ ଅର୍ଚ୍ଚନାଙ୍କ ହାତକୁ ଜୋର କରି ଧରିଥାନ୍ତି—ପଢ଼ିବା ପାଇଁ—ମୁଁ ଯେ କ'ଣ ଲେଖିଛି ସେ ହେଲା ତାଙ୍କ ଉତ୍କଣ୍ଠାର କାରଣ ···

ପରେ କେତେବେଳେ ପଢ଼ିଲେ ଦେଖିବି—

ଡ୍ରାଇଭର ଦେଲା ଭୁଇଁର ସମୀପସ୍ଥ ଦିଗ୍‌ବାରଣ ସ୍ତମ୍ଭ ନିକଟରେ କାର୍ ପହଞ୍ଚେଇ ଦେଲା—ମୁଁ, କବିତା, ଅର୍ଚ୍ଚନା ଆଉ ମାଳମା କିଛିଦୂର ଆଗେଇ ଯାଇ, ବାଲୁକାଶଯ୍ୟାରେ ବସିଲୁ—କବିତା ଗୁଚ୍ଛିଏ ଫୁଲ ମୋ ହାତରେ ଗୁଞ୍ଜିଦେଲେ—ମାଳମା ଆଉ ଅର୍ଚ୍ଚନା ମଧ୍ୟ ସେଇ ଫୁଲରୁ କେତୋଟି ପେନ୍ଥା ମୋର ଅଞ୍ଜଳିରେ ଦେଲେ—ଅଞ୍ଜଳି ଭରିଲା—ଗୋଟିଏ ଗଛର ଫୁଲ—ଗୋଟିଏ ଲଗ୍ନରେ ଝରୁଥିବ, କିନ୍ତୁ ମୋ ନିକଟରେ ତିନୋଟି ଜୀବନର ଉପଜୀବ୍ୟ—

ବହୁଦିନ ପରେ ଦେଖା—ଭାବବିହ୍ୱଳ ହୋଇ କେହି କିଛି କହି ପାରୁ ନଥାନ୍ତି—ସେମାନଙ୍କ ବନ୍ଧୁମାନଙ୍କ ବିଷୟରେ ନାନା ପ୍ରଶ୍ନ ପଚାରି ଉତ୍ତର ସଂଗ୍ରହ କରୁଛି, ହଠାତ୍ କବିତା ପ୍ରଶ୍ନକଲେ—ଲେଖିଥିଲେ ଗାଳିଦେବେ ପରା ! ଅର୍ଚ୍ଚନା କହିଲେ, ହଁ ସତ ମୋର ମନେ ନଥିଲା—ଗାଳି ଦେବେ ବୋଲି ଲେଖିଥିଲେ—

ଖୁବ୍ ଖୁସି ହେଲି—ଚିଠିର ପ୍ରତି ଅକ୍ଷର ମନେ ରଖିଛନ୍ତି ଏମାନେ—ପବିତ୍ର ମମତା ରୂପମନ୍ତ ହେଲା—

ପକେଟରୁ ସେମାନଙ୍କ ଉପହାର ଫୁଲଗୁଚ୍ଛିକ ସେମାନଙ୍କ ଖଣାରେ ଗୁଞ୍ଜି ଦେଇ କହିଲି, ଏଇ ମୋର ଗାଳି—ତିନିହେଁ ମନପୁଲକିଣିଆରେ କେତେ କ'ଣ ଚୁପ୍ ଚାପ୍ ହୋଇ କଥାକାଣ୍ଡା ହେଲେ—

ଅସଂଖ୍ୟ ବଙ୍ଗୀୟ ପରିବାର ଓ ସ୍ଥାନୀୟ ମହାବିଦ୍ୟାଳୟର ଛାତ୍ର ଛାତ୍ରୀ ଅଧ୍ୟାପକ ଓ ଅଧ୍ୟାପିକାଙ୍କ ପ୍ରତ୍ୟାବର୍ତ୍ତନ ଦେଖୁଥାଏ—

କବିତା ଅନୁରୋଧ କଲେ—ରେନାଟ୍ରୁ ଖାଇବାପାଇଁ—

ରେନାଟ୍ରୁ ଖାଉଛନ୍ତି···

ଚାରିଜଣ ଶିକ୍ଷିତ ଯୁବକ ଆମର ଚାରିପଟ ଚକ୍କର ମାରିବାର ଦେଖି ମନେ ମନେ ଅନେକ ହସିଲି—ସେମାନେ ଅଳ୍ପ ଦୂରରେ ବସି ନାନା ନଗ୍ନ ଗୀତ ଓ କଥୋପକଥନ ଆରମ୍ଭ କଲେ—କବିତା, ଅର୍ଚ୍ଚନା ଓ ମାଳମା ସେମାନଙ୍କ ବ୍ୟବହାରରେ ମାନସିକ ଅସୁସ୍ଥତା ଅନୁଭବ କଲେ ।

ଡ୍ରାଇଭର କାର୍ ହର୍ଣ୍ଣ ଦେଲା—ଆସିଲାବେଳେ କହିଦେଇ ଆସିଥିଲି—ଠିକ୍ ନ'ଟା ସମୟ ହେଲେ ହର୍ଣ୍ଣ ଦେବ—ନଚେତ୍ ସମୟ ଜାଣି ହେବନି—ମୁହୂର୍ତ୍ତକ ଭଳି ମନେ ହେଉଥାଏ—ଘଣ୍ଟାକୁ ଚାହିଁଲି—ନ'ଟା ବାଜି ପାଞ୍ଚ ମିନିଟ—ସମୁଦ୍ର ବୁକୁ ଛୁଇଁ ବହି ଆସୁଥିବା ପବନ କ୍ରମେ ବହଳ ହୋଇ ଓଜନିଆ ଲାଗୁଥାଏ —ପବନର ଦୁର୍ବଳତାରେ ଭିନୋଟି ବେଣୀର ଶ୍ରେଷ୍ଠ ବାଳଗୁଡ଼ିକ ଅଯତ୍ନ ଭାବରେ ଉଡ଼ି ବୁଲୁଥାଏ—ଉଠିଲି ସଜେଇ ସଜେଇ ପ୍ରତ୍ୟେକ କ୍ଳାନ୍ତ—ତଥାପି ଫେରିବାକୁ କାହାର ଇଚ୍ଛା ନଥାଏ—ଅର୍ଚ୍ଚନା କେବଳ ସମୟେ ସମୟେ ଶୋଇ ପଡ଼ିଲାଭଳି ଅଭିନୟ କରୁଥାନ୍ତି—

ଡ୍ରାଇଭର ପୁଣି ହର୍ଣ୍ଣ ଦେଲା—ଘଣ୍ଟା ଦେଖିଲି ନ'ଟା ପଚିଶ—

ଅର୍ଚ୍ଚନା ବାଧ୍ୟ ହୋଇ କହିଲେ—ଚାଲ ଯିବା—ଆପଣ ଡ୍ରାଇଭରକୁ କହି ଦେଇ ଆସିଥିଲେ ସେ ଦୁଇଥର ହର୍ଣ୍ଣ ଦେଲାଣି ଶୁଣିଚନ୍ତି ?

ମନା କଲି—

ସେମାନେ ତିନେହେଁ ଏକା ସଙ୍ଗରେ ଉଠିଲେ— ମୁଁ ମଧ୍ୟ ଉଠିଲି—

କାର ଗଡ଼ିଚାଲିଲା— ସେମାନଙ୍କ ଘର ଅଳ୍ପ ଦୂର ଥାଏ ସେମାନେ କାରରୁ ଓହ୍ଲାଇ ରିକ୍ସାରେ ଚାଲିଗଲେ— ତିନିଁ ଆରଦିନ ଆମ ଘରକୁ ଆସିବାର ଅନୁରୋଧ କଲେ— କାରଣ ଆଉ ଦୁଇଦିନ ପରେ ମୋର କଲେଜକୁ ଚାଲିଯିବାର ଥାଏ ।

ରିକ୍ସାରେ ପଛକୁ ଚାହିଁ ଚାହିଁ ସେମାନେ ଚାଲି ଗଲାବେଳେ— ଡ୍ରାଇଭର ବଡ଼ ସନ୍ଦେହରେ ମୋର ଆଡ଼କୁ ଲକ୍ଷ୍ୟ କରୁଥାଏ— **ବୋଧେ ଆଦେଶ** ଅପେକ୍ଷାରେ— କହିଲି— ଘରକୁ ଚାଲ— ସିଏ ଡ୍ରାଇଭରଙ୍ଗ ଜନ୍ମ କିନ୍ତୁ ତା ଯୁବକ ପ୍ରାଣର ଅନୁଭୂତି ମୋଠାରେ ପ୍ରତିଫଳିତ ହେଉଥାଏ— ସେ ଡ୍ରାଇଭରକୁ ନେଇ ଗୋଟିଏ ସୁନ୍ଦର ଗପ ଲେଖି ହୋଇପାରନ୍ତା ବୋଲି କଳ୍ପନା କରୁଥିଲି......

—ଦୁଇ—

ଦ୍ୱିପ୍ରହର......

କବିତା, ଅର୍ଚ୍ଚନା ଓ ମାଳମା ବଡ଼ ଖୁସିତ । ସେମାନେ ନିଜ ନିଜ ବନ୍ଧୁମାନଙ୍କ ହୃଦୟରେ କିଛି କହିବେନି ବୋଲି ମନସ୍ଥ କଲେ—ଧାରଣା ମୁଁ କୁଆଡ଼େ ସେ ସବୁକୁ ନେଇ ଗପ ଓ କବିତା ଲେଖିବି— ଅଯଥା ସେମାନେ ବନ୍ଧୁ ଗହଣରେ ଗାଳି ଶୁଣି ଅପଦସ୍ତ ହେବେ— ସାଣ ପକାଇ ମନରେ ବିଶ୍ୱାସ ଜନ୍ମାଇ ପାରିଲିନି—କାରଣ ମୋର କେତେଗୁଡ଼ିଏ ନୂଆ ଲେଖା ପଢ଼ି

ମନେ କରିଥନ୍ତି ସେ ସବୁର ଆଧାର ସେମାନଙ୍କଠାରୁ ଶୁଣିଥିବା ବିଷୟ ବସ୍ତୁ—

ତା ହେଲେ ଲେଖକ ହେବା ଅର୍ଥ ସମାଜର ଅବହେଳା—ପ୍ରେରଣାବିହୀନ ଲେଖମାନ୍ତ ଏତେ ହତାଦର କାହିଁକି—ଅଭିଶପ୍ତ ଲେଖକ ମନୋବୃତ୍ତି ଲାଗି ଅନେକ ଅନୁତାପ କଲି ।

ମାଳମା ମୋ ଫଟୋ ଆଡ଼କୁ ଚାହିଁ କୋଠରିଟି ସାରା ସ୍ଥାନ ପରିବର୍ତ୍ତନରେ ବ୍ୟସ୍ତ । ବିଚିତ୍ର ଭଙ୍ଗିରେ ଚାହିଁଲେ ମନେ ହେଉଛି ସତେ ଯେପରି ସେହି ଫଟୋଟି ତାଙ୍କର ଆଡ଼କୁ ଚାହିଁ ଅନେକ କଥା କହୁଛି—ଆହତ ପ୍ରାଣର ପୂର୍ଣ୍ଣ ସ୍ୱାସ୍ଥ୍ୟ ଲାଗି ଭେଷଜ ସୃଷ୍ଟି କରିବା ମୋର କର୍ତ୍ତବ୍ୟ ବୋଲି ଅନୁଭବ କଲି—ମାଳମା ଫଟୋକୁ କେନ୍ଦ୍ର କରି କେତେ କଥା କହୁଥିଲେ କବିତାଙ୍କ ଆଗରେ—ହଠାତ୍ ମୋତେ ଚାହିଁ ଦେଇ ଲଜ୍ଜିତ ହେଲେ—

ନିକଟକୁ ଡାକିବାରୁ, ବଡ଼ ସଙ୍କୋଚରେ ଆସି ବସିଲେ—ସେ ଏବଂ ମୁଁ କଥା ଲାଗି ହୋଇ ବସିଛୁ—ମୋର ଅମାନିଆ ହାତଟା ତାଙ୍କର ପଦ୍ମପାଖୁଡ଼ା ବ୍ଲାଉଜ ଉପରେ ଛନ୍ଦହୀନ ଭାବରେ ଘୂରି ବୁଲୁଥାଏ—

ଅର୍ଚ୍ଚନା ଓ କବିତା ମନେ ମନେ ହସୁଥାନ୍ତି—ଚୁପ୍ ଚୁପ୍ ନା ନା ଆଲୋଚନା କଲେ— କିଛି ବୁଝି ପାରିଲିନି— ମାଳମାଙ୍କ ମନର ପୂର୍ଣ୍ଣତା ଅନୁଭବ କରୁଛି ।

ଅର୍ଚ୍ଚନା ପ୍ରଶ୍ନ କଲେ— ତୁମେ କବିତା ନିକଟକୁ ଯେଉଁ ଚିଠି ଲେଖିଥିଲ ସେଥିରେ ଲେଖିଛ କଣ ?

ଜାଣେନା—

କହିବାକୁ ହେବ—

ଅର୍ଚ୍ଚନା ଅଭିମାନ କଲେ...

କହିଲି କେହି ଜଣେ ହୋଇଥିବେ ନିଶ୍ଚୟ ।

ଏଥିରେ କି ମନ ବୁଝେ—

କିନ୍ତୁ, କହି ହେଲାନି—କବିତା ଯେ କାଳ୍ପନିକ ରଶ୍ମିଙ୍କ ସବୁକଥା କବିତା ଏବଂ ମୁଁ ଉଭୟେ ଜାଣୁ—କବିତା ବି ମୋତେ କହିଥିଲେ— ଅର୍ଚ୍ଚନା ତାଙ୍କୁ ସେଇ ପ୍ରଶ୍ନ କରିଛନ୍ତି- ରଶ୍ମି କିଏ ? ସିଏ ଜାଣନ୍ତିନି ବୋଲି ଛଳନା କରି ମୋତେ ଧରା ପକାଇବାକୁ ବାଧ କରିଛନ୍ତି କବିତା— ଅର୍ଚ୍ଚନାଙ୍କ ବାରମ୍ବାର ପ୍ରଶ୍ନରେ ସିଏ ନୀରବରେ ନାନା କଥା ଭାବି ମୋତେ ଖୁନ୍ଦୁଥିଲା ଭଳି ମନେହେଲା— କେବେକେବେ ହସୁଥାନ୍ତି— ମୁଁ କେବଳ ଅଭିନୟ କରିବା ବ୍ୟତୀତ ଉପାୟ ପାଇଲିନି ।

ଅର୍ଚ୍ଚନା ଓ ନୀଲିମା ଚାଲିଗଲେ ।

କବିତାଙ୍କୁ ସମ୍ବୋଧନ କଲି— ରଶ୍ମି, ତୁମକୁ ଯଦି ବର୍ତ୍ତମାନ ଅର୍ଚ୍ଚନାଙ୍କ ସହିତ ପରିଚୟ କରି ଦେଇଥାନ୍ତି ସେ ବୋଧେ ମୋଠାରେ ଅଭିମାନ କରି ନ ଥାନ୍ତେ—

କବିତା (ରଶ୍ମି) ନୀରବ ରହିଲେ । ବୁଝିଲି— ଲେଖକର ନାୟିକା ହେବାପାଇଁ ଯଥେଷ୍ଟ ଇଚ୍ଛା— ତାଙ୍କଠାରୁ ଯଥେଷ୍ଟ ସୁନ୍ଦର ସୁନ୍ଦର ଗଳ୍ପ ଓ କବିତାର ଆଧାର ସଂଗୃହୀତ ହୋଇଛି— ଅକାତରରେ ସେ ତାଙ୍କର ପୂର୍ଣ୍ଣ ମନର ଅନେକ କଥା ବାଢ଼ି ଦେଇଛନ୍ତି— ମୋ ଦେହ ଓ ମନର ପ୍ରତି ବିନ୍ଦୁରେ ସ୍ୱାକ୍ଷର ରହିଛି— କେହି କାହାକୁ ଫାଙ୍କି ଦେଇ ପାରିବୁନି । ତଥାପି ତାଙ୍କୁ ନେଇ ଯେଉଁ ଗପ ଓ କବିତା ଆତ୍ମପ୍ରକାଶ କରିଚି ସେ ସବୁ ପ୍ରକାଶ କରିବାକୁ ତାଙ୍କର ଇଚ୍ଛା କିନ୍ତୁ, ସମାଜ ଓ ବ୍ୟକ୍ତି ବିଶେଷର ଅଭିମତ ଲାଗି ସିଏ ବିବ୍ରତ— ତଥାପି ଲେଖା ପଢ଼ିବାର ସଙ୍ଗତ ଅତି ଜୀବନ୍ତ ।

ତହିଁ ଆରଦିନ·····

ମୁଁ ଅର୍ଚ୍ଚନାଙ୍କର ଗୋଟିଏ ଲଫାପାରେ ଆଡ୍ରେସ ଲେଖୁଥାଏ — ତାର ବନ୍ଧୁ ଦୁର୍ଗାଙ୍କ ନିକଟକୁ । ଜବତା ଓ ମାଳମା ଝସ କୋଠରୀରେ ପ୍ରବେଶ କରି ପ୍ରଶ୍ନ କଲେ, କାହା ପାଖକୁ ଚିଠି···

କହିଲି — ମଳୟ ସରକାରଙ୍କ ଲାଗି —

ଲକ୍ଷ ଶେଯର ନାୟିକା ମଳୟ ସରକାର ସେମାନଙ୍କ ପ୍ରାଣରେ ଯେ କି ସ୍ପନ୍ଦନ ତୋଳଲେ କହି ହେଉନି···ତିନହେଁ ଖୁବ୍ ଜୋରରେ ମନ ମତାଣିଆ ହସ ହସିଲେ — ସେଇ ଝଡ଼ରେ ମୋର ମନେ ହେଉଥାଏ ଯେତେ ଯେପରି ମୋର ଅସ୍ତିତ୍ୱ ଲୋପ ହୋଇ ଯାଉଛି — ମଳୟ ହୁଏତ କୌଣସି ଧନୀକର ବକ୍ଷ ପରେ ଭଲପାଇ କୋଟିଏ ଟଙ୍କାର ମୋହ ବାଢି ଦେଇଥିବେ — ଦିଗ୍ଭ୍ରାନ୍ତ କ୍ଷଣିକ ତୃପ୍ତି ଲାଗି ଲକ୍ଷ୍ୟ ଭ୍ରଷ୍ଟ ହୋଇ ଜୀବନର ସବୁ କିଛି ସମର୍ପି ଦେଇ — କଳ୍ପନା କରୁଥିବେ — ଅହେତୁ ଉପାୟରେ ପୁଣି କୋଟିଏ ଟଙ୍କାର ଉଦ୍ଧାର —

ମଳୟ କୋଟକାଂଶରେ ବୌଦ୍ଧ ଯୁଗର ରାଜ୍ୟ ଲାଗି ଯୁଦ୍ଧରତ ଅଭିଶପ୍ତା ଗଣବେଶ୍ୟା ଅମ୍ବାପାଲୀ ସହ ସମକକ୍ଷ — କିନ୍ତୁ ଅମ୍ବାପାଲୀର ବ୍ୟକ୍ତିତ୍ୱ ଥିଲା — ଅମ୍ବାପାଲୀର ଉଦ୍ଦେଶ୍ୟ ମହତ୍ — ଦେଶର ଲାଗି, ଜାତିର ଲାଗି ତାର ପ୍ରାଣରେ ଚେତନା ଥିଲା — କିନ୍ତୁ ମଳୟ ସମାଜର ବିଷାକ୍ତ ଓ ବିକଳାଙ୍ଗ ପ୍ରତିମୂର୍ତ୍ତି —

ବ୍ୟଭିଚାରୀ ସମାଜର ନଗ୍ନ ସଭ୍ୟତା ଲାଗି ଅନେକ ଅନୁତାପ କରି କହିଲି — ଭୁଲ ବୁଝିଲେକି — ଚିଠିଟି ଦୁର୍ଗାଙ୍କ ଲାଗି···

ଜବତାଙ୍କ ମନ୍ତବ୍ୟ ଶୁଣି ଆଶ୍ଚର୍ଯ୍ୟ ହେଲି — ମୋର କୁଆଡେ଼ ବେଶ ଝାଁଟି ଲାଗି ଶାନ୍ତିରେ ଭଲ ନିଦ ହେବନି — ମୁଁ ତାଙ୍କୁ ସ୍ୱପ୍ନ ଦେଖିବି —

ଅର୍ଚ୍ଚନା ପ୍ରଶ୍ନ କଲେ ତୁମେ କେଉଁ ନାଁଟି ଭଲପାଅ— ସେଇ ନାଁରେ ଥିବା କୌଣସି ଚରିତ୍ରଙ୍କ ସହ ମୋର ବିବାହ ହେଉ ବୋଲି ତାଙ୍କର ଇଚ୍ଛା—ମୁଁ କୁଆଡ଼େ ତାଙ୍କୁ ନେଇ ଗଳ୍ପ କବିତା ଲେଖେ—ଏଇମିତି କେତେ କ'ଣ ମଜାଳିଆ ଭୁଲ ଧାରଣା···

କାହା ନାଁ କହିବ ଚିନ୍ତା କରି ପାରିଲିନି—ଖୋଜୁଥାଏ ଗୋଟିଏ ନାଁ କହି ଦେବାପାଇଁ···କିନ୍ତୁ, ପାରିନି···

ଗାଡ଼ି ସମୟ ହୋଇଗଲା—ବିଦାୟ ନେଇ ସ୍କୁଲ ଆସୁଥିଲି—

କବିତା ପଢ଼ିକି ଡାକ କହିଲେ—ସେ ଗପ ବର୍ତ୍ତମାନ ପ୍ରକାଶ କରିବେନି···

ଅର୍ଚ୍ଚନା ଧାଇଁ ଧାଇଁ ଆସି ମୋ ପକେଟରେ ଗୋଟିଏ ଆନ୍ତର୍ଦେଶୀୟ ପତ୍ର ରଖି ଦେଇ କହିଲେ—ଉତ୍ତର ଜଏ ଲେଖି ପଠାଇବେ···

ଦ୍ୱିତୀୟ କାଲ୍‌ପନିକ ଗପଟି ମଧ୍ୟ ମନକୁ ପାଉନି—ଆଜିଠାରୁ ଅଭ୍ୟାସ କରି ଏହିପରି ମୁଣ୍ଡି ଲେଖିବାକୁ ହେବ···ଗାଳ୍ପିକ ମନରେ ଶାନ୍ତି ନାହିଁ······

---

# ରୁମାଲ

ଅନୁରୋଧ···

କି ଅନୁରୋଧ ପୁଷ୍ପା ?

ମୋ ପକେଟରେ ରୁମାଲଟିଏ ଗୁଞ୍ଜି ଦେଇ ମାରିକରେ ଗୁଳିଗଲେ ପୁଷ୍ପା—

ବୁଝି ପାରିଲିନି ଉପହାର ନା ପାରିଶ୍ରମିକ—

ପ୍ରତ୍ୟେକ ଥର ବିଶ୍ରାମରେ ପୁଷ୍ପାଙ୍କ ସହ ଉଦ୍ଦିଷ୍ଟ ପ୍ରକୋଷ୍ଠରେ ସାକ୍ଷାତ ହୁଏ—ତାଙ୍କର ମୋ ସହିତ ଯେଉଁ ସମ୍ବନ୍ଧ କୌଣସି ବ୍ୟକ୍ତି ହୁଏତ ଭୁଲ୍ ବୁଝିବାର ଆଲୋକ ପଆନ୍ତନ—ପୁଷ୍ପା ମୋ ସହିତ ମିଶିବାର ସମୟ ଓ ସୁଯୋଗ ବେଶ ପାଉଥିଲେ—କ୍ରମେ ସେ ସମସ୍ତ ଭକ୍ତିଭାବ ଉଠେଇଁ ଦେଇ ମତେ ଅନ୍ୟ ଦୃଷ୍ଟିରେ ଦେଖୁଥିବା ମୁଁ ଅନୁଭବ କଲି—ବହୁତ ଗୁଜବ ଓ ବିକଳାଙ୍ଗ ଜୀବନ୍ତ ଔତ୍ସୁକ୍ୟ ପୁଷ୍ପାଙ୍କୁ କେନ୍ଦ୍ର କରି ବୃତ୍ତ ଆଙ୍କିଥାଏ, କିନ୍ତୁ ସେ ସବୁ ମୋତେ ଅବରୋଧ କରି ପାରିଲନି—ପୁଷ୍ପାଙ୍କ ସରଳତା ଓ ନିଖୁଣ ସହୃଦୟତା ମୋତେ ତାଙ୍କ ପ୍ରତି ଅଧିକ ଆକୃଷ୍ଟ କରି ରଖିଥିଲା—ତାଙ୍କ ସହିତ ସମ୍ପର୍କ ସ୍ଥାପନ କରିବା ପୂର୍ବରୁ ଅନେକଙ୍କ ନିକଟ ସମ୍ପର୍କରେ ଆସିବାକୁ ହୋଇଥିଲା—କିନ୍ତୁ, ଯେ କୌଣସି ମୁହୂର୍ତ୍ତରେ ଜଣକୁ ସମ୍ପୂର୍ଣ୍ଣ ଭୁଲି ହୋଇ ପାରୁଥିଲା—ମୁଁ ଯେଉଁ ଗୁଣଗୁଡ଼ିକ ଭଲପାଏ ନିଖୁଣ ଭାବରେ ସେ ସମସ୍ତର ଉପାଦାନର ଗୁଚ୍ଛ ହୋଇ ମୋ ଆଖି ଆଗରେ ଠିଆ ହେଲେ ପୁଷ୍ପା—ପୌରାଣିକ, ଐତିହାସିକ ଏବଂ କିମ୍ବଦନ୍ତୀମୂଳକ ଯେତେ ଶୃଙ୍ଖଳ ଛିଣ୍ଡି ହେଉ ପଛକେ ମୋତେ ଦୁଃଖ ଲାଗିଲାନି—କାରଣ ମୁଁ ତାଙ୍କୁ ଭଲ ପାଇବାରେ ଥିଲା ମୋ ବୁକୁର ସ୍ନେହ—ମୁଁ ତାଙ୍କରି ଲାଗି ସ୍ନେହ ଢାଳି ଦେଉଥିଲି—

ସଙ୍କୋଚହୀନ ଭାବରେ ପୁଷ୍ପା ମୋ ସହିତ ନିହାତି ଆପଣାର ହୋଇ ତାଙ୍କ ବୁକୁ ଭିତର ପ୍ରତି ଅକ୍ଷର ମୋତେ ବାଢ଼ି ଦେଲେ—ସେ ମୋତେ ଭଲ ପାଉଛନ୍ତି ସେଇ ଦୃଷ୍ଟିରୁ, ପ୍ରତିଦାନ ସ୍ୱରୂପ ମୁଁ ତାଙ୍କୁ ଭଲ ପାଉ ନ ଥିଲି—।

ଅଧିକାଂଶ ଥର ପୁଷ୍ପା କିଛି ନା କିଛି ଗୋଟାଏ ଅନୁରୋଧ କରନ୍ତି—

ହଠାତ୍ ଟେବୁଲ ଉପରକୁ ଝୁଙ୍କିପଡ଼ି କୁହନ୍ତି—ବର୍ତ୍ତମାନ ଫୁଲ ଡାଳ-ଟିଏ ଏ ରୁମାଲରେ ଆଙ୍କି ଦେବାକୁ ହେବ—

ମଧୁର କଣ୍ଠର କଥା ଶୁଣିବା ସଙ୍ଗେ ସଙ୍ଗେ ଲାଜୁଆ ମୁଖର ଚେହେରା କେତୋଟି ଚୋରାକବାକୁ ଖାଲି ଭଲଲାଗେ—ସେଇଥିଲାଗି ମୁଁ କୁହେ—

ପାରିବିନି ··

ମାନେ···?

କଡ଼ା ଦୁର୍ବଳ···

ଦୁର୍ବଳ ?

ହଁ···ବୁଝି ପାରିବନି ପୁଷ୍ପା—ସେ କୈଫିୟତ ଦେଇ ହେବନି ··

କେବେ କେବେ ପୁଷ୍ପା ଲାଜରେ ସମ୍ପୂର୍ଣ୍ଣ ଲୁଚି ପଡ଼ନ୍ତି—ଏବଂ କେବେ କେବେ ଅଭିମାନ କଲାପରି ମୁଁ ଅନୁଭବ କରେ—ସେଇଥିଲାଗି ମୁଁ ଅନେକ ଅନୁତାପ କରେ—କାହିଁକି ଭୁଲ କଲି—ଯାହାକୁ ହୃଦୟ ଦେଇ ଭଲପାଏ ତାର ବିଷାଦରେ ମୋର ବଞ୍ଚିବାର ସ୍ୱପ୍ନ କାହିଁ—ସମସ୍ତ କଳ୍ପନା ବ୍ୟର୍ଥ—କିନ୍ତୁ କେବେ ହେଲେ ପୁଷ୍ପା ଭୁଲ ବୁଝନ୍ତିନି—

ବେଳେ ବେଳେ ଚକଆ ଖେଳ ବା ଟେବୁଲ୍ କ୍ଲଥରେ ଛବି ଆଙ୍କିବା ବେଳେ ପ୍ରଶ୍ନ କରେ—ପୁଷ୍ପା କ ଛବି ଆଙ୍କିବ କୁହ ?

ପୁଷ୍ପା ନୀରବ ରୁହନ୍ତି—ତାଙ୍କ ମତରେ ମୋ ଆଖିକୁ ଯାହା ସୁନ୍ଦର, ତାଙ୍କୁ ତାହା ଅଧିକ ସୁନ୍ଦର ଦେଖାଯିବ—ତାଙ୍କ ଧାରଣା ମୋର ଶିଳ୍ପ ପ୍ରତିଭା ଖୁବ୍ ବେଶୀ—ମୋ ତୂଳିକାର ପ୍ରତି ରେଖାର ବି ଭାବ ଓ ଅର୍ଥ ଅଛି, ତାହା ମଧ୍ୟ ତାଙ୍କୁ ସୁନ୍ଦର ଲାଗେ—

ଘଣ୍ଟି ଶେଷ ହେବା ପର୍ଯ୍ୟନ୍ତ ପୁଷ୍ପା ପାଖକୁ ଲାଗି ବସିଥାନ୍ତି —ସମୟେ ସମୟେ କ୍ଲାନ୍ତିର ଅବସାନ ଲାଗି ତାଙ୍କ ବେଣୀକୁ ଅଡୁଆ ତଡୁଆ କରେ—ପୁଷ୍ପା ବିଶେଷ ଆଘାତ ପାଇଲେବି ତଳେ ବାଧା ଦିଅନ୍ତିନି ବା ପ୍ରତିବାଦ କରନ୍ତିନି—ସବୁ କିଛି ସହି ନିଅନ୍ତି —ଫୁଲଗୁଡ଼ିଏ କାଢ଼ି ତାଙ୍କ ଗଣ୍ଠିରେ ଗୁଞ୍ଜେ—କେବେ କେବେ ତାଙ୍କ ଗଣ୍ଠିର ଫୁଲ ମୋ ପକେଟରେ ନେଇ ଆସେ—ଏବେ ବି କେତୋଟି ପିନ୍‌କଣ୍ଟା ସହ ଶୁଷ୍କ ଫୁଲ ପେଖୁଡ଼ାଗୁଡ଼ିଏ ମୋ ଟ୍ରଙ୍କରେ ପଡ଼ି ରହିଚି—ତାହା ବ୍ୟତୀତ ରିବନ୍ ଓ କାଗଜର ଫୁଲ ବି ରହି ଯାଇଚି—ଯେଉଁଥିରେ ମୋର ଆବଶ୍ୟକତା ନ ଥାଏ ଅଛାତରେ ନେଇ ଆସେ—କେବେ କେବେ ଜଣେଇ କରି ଏବଂ କେବେ ବା ତାଙ୍କ ଅଜାଣତରେ—ପରେ ଫେରାଇ ଦେବାର ଉଦ୍ଦେଶ୍ୟ ନେଇ ଯାହା କିଛି ହୁଏ ।

ଘଣ୍ଟି ଅଧା ହେଉଥିବା ସମୟରେ ଯଦି ତାଙ୍କୁ ଘରକୁ ଯିବାକୁ ହୁଏ— ତେବେ ସିଏ ତାଙ୍କ ଛୋଟ ଭଉଣୀ—ଶେଫାଳୀ, ରାଜଲକ୍ଷ୍ମୀ, ରୂପାଳୀ ବା ସିନ୍ଧୁ ତାଙ୍କୁ ମୋ ନିକଟରେ ବସେଇ ଦେଇ ଯାଆନ୍ତି— ପୁଣି ସଙ୍ଗେ ସଙ୍ଗେ ଫେରି ଆସି ବସି ରୁହନ୍ତି—ତାଙ୍କ ଉପସ୍ଥିତିରେ ବାସ୍ତବିକ୍ ଘଣ୍ଟଗୁଡ଼ିକ ଖୁବ ସୁନ୍ଦର ହୁଏ—

ତାଙ୍କର ମୋ ପ୍ରତି ଗୋଟାଏ ଉଚ୍ଚ ଧାରଣା—ସେଇ ଧାରଣାକୁ ବଂଚେଇବାକୁ ଯାଇ ମୁଁ ଚିତ୍ର ଆଙ୍କେ— ସମୟେ ସମୟେ ରୁମାଲ ଓ ତକିଆ ଖୋଳର ଚିତ୍ର ସମ୍ବଳିତ କବିତା ପଦେ ପଦେ ଲେଖି ଦେବାକୁ ଅନୁରୋଧ କରନ୍ତି— ମୋ କବିତା ତାଙ୍କୁ ଖୁବ ଭଲ ଲାଗେ···

ପାଠ ପଢୁଥିବା ସମୟରେ ବିରକ୍ତ ଲାଗିଲେ ମୁଁ କବିତା ଲେଖେ— ବିଶେଷ କରି ପରୀକ୍ଷା ସମୟରେ କବିତା ବା ଗପ

ଲେଖିବା ପ୍ରବୃତ୍ତି ସକ୍ରିୟ ହୋଇ ଉଠିଥାଏ— ମନଇଚ୍ଛା କେତେ କ'ଣ ଲେଖେ—ମୋ ଅନୁପସ୍ଥିତିରେ ପୁଷ୍ପା କୋଠରୀରେ ପ୍ରବେଶ କରି ବହିପତ୍ର ଆଡ଼େଇ କବିତା ପଢୁଥିବା ମୁଁ ପରେ ଜାଣେ—

ମୋ ଲେଖାକୁ ସୁଢ଼ୁଳ କରିବାରେ ପୁଷ୍ପାଙ୍କ ପ୍ରେରଣା ଯଥେଷ୍ଟ—ତେଣୁ ତାଙ୍କୁ ଭୁଲି ହେବ ନି—କେବେ କେବେ ତାଙ୍କ ବନ୍ଧୁମାନଙ୍କ ନିକଟକୁ କବିତା ଦେବାଲାଗି ପୁଷ୍ପା ଅନୁରୋଧ କରନ୍ତି— ମୁଁ ଚିଠିକୁ କବିତା ଆକାରରେ ଲେଖେ —

ତାଙ୍କ ପାଇଁ ଅନେକ ନୂତନ ଧରଣର ନାମ ଆଙ୍କିବାକୁ ବାଧ୍ୟ ହୋଇଥିଲି—

ଦିନେ ଦ୍ୱିପ୍ରହର— କେହି ନାହାନ୍ତି— ଝାଂଙ୍କ ପିଠିରୁ... ମୋ ନିକଟରେ ବସି ବସି ପୁଷ୍ପା ଘର୍ମାକ୍ତ— ଦେଖିଲି ବ୍ଲାଉଜ ଭିଜି ଗଲାଣି—ଭିତରୁ ଦେହର ନିଖୁଣ ଅଂଶ ଦେଖା ଯାଉଛି···ସାମାନ୍ୟ ଦୁର୍ବଳ ହୋଇ ପଡ଼ିଲି···

—ଲାଜୁଆ ହୋଇ ମୁହଁ ପୋଛି ପୋଛି ପୁଷ୍ପା ବ୍ଲାଉଜରେ ବୋତାମ ଦେଲେ—

ପରଦିନ ଠିକ୍ ସେଇ ସମୟରେ ପୁଷ୍ପାଙ୍କ ସହ ଦେଖା ହେଲା —ତାଙ୍କ ମାରଫତରେ ମୋର ଅନେକ ବାଳିକା ବନ୍ଧୁଙ୍କଠାରୁ ଚିଠି ଆସେ—ସେଇ ଚିଠିରୁ ଗୋଟିଏ ବ୍ଲାଉଜ ଭିତରେ ଲୁଚାଇ ଆଣି ମୋତେ ପୁରସ୍କାର ଲାଗି ବାଧ୍ୟ କଲେ—ମୁଁ ସ୍ୱୀକାର କରିବାରୁ ଚିଠିଟି ବାହାର କରି ଦେଲେ—ଝାଳରେ ଲଫାପାଟିର ଲେଖା ଅକଳାଙ୍ଗ ହୋଇ ଯାଇଥିଲା—ତାଙ୍କ ସମ୍ମୁଖରେ ଖୋଲି ପଢ଼ିବାକୁ ଭଲ ଲାଗିଲାନି—

ଅନ୍ୟମନସ୍କ ହୋଇ କ'ଣ ଗୁଡ଼ାଏ ଭାବ ଭୁଲଥାଏ—ସେ ଝଟପଟେ ଠିଆ ହୋଇ ମୋ ଅଲକ୍ଷ୍ୟରେ ପୁଷ୍ପା ଡ୍ରେସିଂ ଟେବୁଲ୍ ର

ସମ୍ପୂର୍ଣ ଦର୍ପଣ ଫଳକରେ ମୋ ମୁହଁକୁ ଏକଲୟରେ ସ୍ପର୍ଶ ଉଜ୍ଜ୍ୱଳାକ୍ଷି ମୋ ଆଖିରେ ତା ଆଖି ସହିତ ଦୁଇ ଥର ମିଳିଗଲା—ନାନା ଅନ୍ଧା କଥାରେ ପୁଷ୍ପା ମୋତେ ବ୍ରତ କରି ପକାଇଲେ । ସବୁ ଦିନଠାରୁ ସେଦିନ ସେ ଖୁବ ମୁକୁଳା ଭାବରେ ମିଶି ପାରିଥିଲେ···

ଭୂଲତାରେ କଜଳ—କପାଳରେ ସୂକ୍ଷ୍ମ କଜଳ ବିନ୍ଦୁ ଓ ଅଯତ୍ନ କୁନ୍ତଳ ମୁକୁଳା ଦେଖି ପ୍ରଶ୍ନ କଲି, ପୁଷ୍ପା ଏ ଉଦାସୀନତା କାହିଁକି ?

ପୁଷ୍ପା ମଉନ ରହିଲେ—ବେଶ୍ ମୁଁ ଅନୁଭବ କଲି ପ୍ରତ୍ୟେକ ମାସରେ ଯେଉଁ ଦିନେ ଦୁଇ ଦିନର ଅଭିନୟ ଦେଖିବାକୁ ହୋଇ ଥାଏ—ଏ ବୋଧେ ସେଇଆ—ବୁଝିବାରେ ବିଶେଷ ଅସୁବିଧା ହେଲାନି···

ଗୋଟିଏ ବ୍ରଣକ୍ଷତ ଦାଗ ଦେଖୁ ଦେଖୁ ସେ ପରଶର ବ୍ୟାକୁଳତା ମୋତେ ଏତେ ଅଧୈର୍ଯ୍ୟ କରିପକାଇଲା ଯେ ପ୍ରୀତିର ସ୍ୱାକ୍ଷର ଲେଖି ଦେଲି···

ପୁଷ୍ପାଙ୍କୁ ଅଶ୍ରୁସିକ୍ତା ଦେଖି ଅନେକ ଅନୁତାପ କଲି—କିନ୍ତୁ କିଛି ବୁଝି ପାରିଲିନି କେଉଁ ଦୃଷ୍ଟିରୁ ପୁଷ୍ପା ମୋତେ ଭଲ ପାଉଥିଲେ—ଅନେକ ଚିନ୍ତା କଲି ଅସଂଖ୍ୟ କଳ୍ପନାର ଝଡ ସମ୍ମୁଖୀନ ହେବାକୁ ହୋଇଥିଲା—ଶୁଣିଥିଲି ପୁଷ୍ପା ତାଙ୍କ ଜୀବନରେ ଅନେକଙ୍କ ଅନୁରୋଧ ଓ ଅନୁଯୋଗ ରକ୍ଷା କରି କ୍ଲାନ୍ତ—କିନ୍ତୁ ତାଙ୍କ ବୁକୁର ଅନୁଯୋଗ କେହି ଶୁଣି ପାରି ନାହାନ୍ତି—

ଅନୁଭବ କଲି ମୁଁ ମଧ୍ୟ ପୁଷ୍ପାଙ୍କ ଅନୁରୋଧ ରଖି ପାରିବିନି —ଶପଥ କରିନ ସିନା କିନ୍ତୁ ଉଷ୍ମ ସ୍ପନ୍ଦନର ଶିହରଣ ଯାହା ଶିରରେ ମିଶି ରହିଛି, ତାହା କ'ଣ କେହି ଫାଙ୍କି ଦେଇ ପାରେ— ଶଙ୍କା ଦୃଷ୍ଟିରୁ ପୁଷ୍ପାଙ୍କ ସବୁ ଦିନର ଖେଳନା କରି ରଖିବା

ମୋର ବ୍ୟର୍ଥ କଳ୍ପନା ବୋଲି ତିଳ ତିଳ କରି ମର୍ମେ ଅନୁଭବ କଲି—ତଥାପି···

ସେଇ ମୁହୂର୍ତ୍ତରେ କେତେ ବନ୍ଧୁ ଅଶ୍ରୁ ଲାଗି ମୋ ପ୍ରାଣରେ ଯେଉଁ ଝଡ଼ ଝଞ୍ଜା ବହିଗଲା ଅନୁଭବ ବ୍ୟତୀତ ଅନ୍ୟ କେହି ବୁଝିବା ସହଜ ନୁହେଁ—କାରଣ ତା ପୂର୍ବରୁ ସେ ପ୍ରକାର ପରିଚୟ ଉଭୟଙ୍କର ନଥିଲା—

ଅଜ୍ଞାତର ବିଜଳୀଙ୍କ ସ୍ମୃତିର ଯନ୍ତ୍ରଣାରେ ସେ ବୋଧେ ଆକ୍ରାନ୍ତ ହୋଇଥିଲେ । ପରେ ସେଇଆ ସମାଧାନ କଲି—କାରଣ ସେଇ ମୁହୂର୍ତ୍ତର ପରଠାରୁ ପୁଷ୍ପା ମୋତେ ତାଙ୍କ ମନ ଓ ତନୁର ପ୍ରତି ଇଞ୍ଚରେ ସ୍ଥାନ ଦେଲେ—

ବସନ୍ତ ଋତୁର ପ୍ରତ୍ୟେକ ସଞ୍ଜରେ ଫୁଲରେ ଅତି ସୁନ୍ଦର ହାର ଓ ଟାହ୍ୟା ଗୁଚ୍ଛିଏ ଆଦର ସହକାରେ ପୁଷ୍ପା ତିଆରି କରି ଲୁଚାଇ କେବେ କେବେ ଛୋଟ ଭାଇ ଭଉଣୀ ବା ଚାକର ହାତରେ ପଠାଇ ଦିଅନ୍ତି — ପ୍ରତିଦାନସ୍ଥାନ ଉପହାର ଦେଇ ଯେ କି ତୃପ୍ତି ପାଆନ୍ତି ପୁଷ୍ପା—ସେ ଦିନ ମୁଁ ବୁଝିପାରୁ ନଥିଲି—

ରାସ ପୂର୍ଣ୍ଣିମା—ଚନ୍ଦନ ସହ ଫୁଲ ହାରଟିଏ ପଠେଇ ପୁଷ୍ପା ଅନୁରୋଧ କରିଥାନ୍ତି ତାଙ୍କ ଘରକୁ ଯିବା ଲାଗି—

ପୁଷ୍ପାଙ୍କ ଅନୁରୋଧ ଭାଙ୍ଗି ହୁଏନି—ଉପଯୁକ୍ତ ଲଗ୍ନରେ ଯାଇ ପହଞ୍ଚିଲି—

ଅପେକ୍ଷା କରି କରି ପୁଷ୍ପାଙ୍କୁ ନିଦ ହୋଇ ଯାଇଛି—ତାଙ୍କର ଶେଯ ଉପରେ ବସି ଅନେକ ସମୟ କେତେ କ'ଣ ଭାବିଲି—ଦୁଷ୍ଟ ମନଟା ବୁଝିଲାନି—ତାଙ୍କ ନଗ୍ନ ଶରୀରରେ ହସ୍ତ ସଞ୍ଚାଳନ କରି ଉଷ୍ମତା ଅନୁଭବ କରୁଥିଲି—ଶେଷରେ ଉଠିଲେ ପୁଷ୍ପା···

ଅନେକ ମଜା ଗପ ହେଲ—ମୋତେ ବାଧ୍ୟ କରି ତାଙ୍କ ବଡ଼ ଭଉଣୀ ଗୀତା ଆଉ ଉପାଳୀଙ୍କ ସହ ପୁଷ୍ପା ମୋ ଗୋଡ଼ରେ ଅଳତା ଲଗାଇ ଦେଇ ହୁଳହୁଳିର ଗୁଞ୍ଜନ ଡାଳି ଦେଲେ—ତାଙ୍କ ଘରେ ମୁଁ ଟିକଏ ବାଧ୍ୟ ପିଲା ଭଳି ସବୁ ସହୁ ଯାଉଥିଲି—ଅବଶ୍ୟ ଅଭିନୟ ଉପଭୋଗ୍ୟ ମନେ ହେଉଥାଏ—ଏ ସବୁ ଦେଖି ପୁଷ୍ପାଙ୍କ ବୋଉ କାରଣ କରୁଥିଲେ—କିନ୍ତୁ ପୁଷ୍ପା କି ଶୁଣିବା ଝିଅ—

ପ୍ରତ୍ୟେକ ଘଟଣା ଥଟ୍ଟାରେ ନେଉଥିଲେ—ସମାଜର ଶୃଙ୍ଖଳାରେ ସମାନ୍ତରାଳରେ ରହୁଥାଏ ଦୁହେଁ—କିନ୍ତୁ ପୁଷ୍ପା ଏବଂ ମୁଁ କ୍ରମେ ନିକଟତର ହୋଇ ଆସୁଥାଉ...

ରାତି ବାରଟାରୁ ବେଶୀ ହେବ—ପ୍ରତ୍ୟେକ ଶୋଇ ପଡ଼ିଲେଣି—ପୁଷ୍ପା କେବଳ ବସି ବସି ଗପ କରୁଥାନ୍ତି—ନିଦ୍ରାର ଆଖିର ଅବଶତା ମୋତେ ବି ବାଧ୍ୟ କଲା ଫେରି ଆସିବାକୁ—

ବିଦାୟ ନେଇ ଫେରି ଆସୁଥିଲି—ପୁଷ୍ପା ପଛରୁ ଡାକିଲେ, ରୁହ ଟର୍ଚ୍ଚ ନେଇ ରାସ୍ତା ଦେଖାଇ ଦିଏ—ଅନ୍ଧାରରେ ସେ ବାହାର ଘରଟାରେ ଯାଇ ପାରିବନି—

ମୁକ୍ତ ଭାବରେ ରହିଥିଲି—ମନରେ କୌଣସି କାରଣ ନଥିଲା—

ଅନ୍ଧାର ଘରେ—ଖୁବ୍ ନିକଟରେ ପୁଷ୍ପା ତାଙ୍କ ହାତରେ ଟର୍ଚ୍ଚ—ଦୁହିଁଙ୍କ ଅଧରର ଲିପି ଦୁହେଁ ଲେଖି ବସିଲୁ—ଅସଂଖ୍ୟ ଚୁମ୍ବନର ଦାଗ ସବି ରି ବହଳ ଅନ୍ଧାରରେ ମିଳାଇ ଗଲା··

ସେ ନିର୍ଜନତା ଦୁହିଁଙ୍କ ବିବେକକୁ ଜାଳି ପାଉଁଶ କରି ପକାଇଲା—

ଅବଶ ଦେହକୁ ନେଇ ପୁଷ୍ପା ରହିଲେ—ମୁଁ ଗ୍ଭଲି ଆସିଲି—ମନରେ ମୁଁ କେବଳ ତାଙ୍କ ପତଳା ଅଣ୍ଟାର କ୍ଳାନ୍ତ ଅନୁଭବ କରୁଥାଏ—

ତହିଁ ଆରଦିନ ପୁଷ୍ପା ସଙ୍କୋଚରେ ଦେଖା ଦେଲେନି—

ଅନେକ ଦିନ ପରେ···

ହଠାତ୍ ଦିନେ ପୁଷ୍ପା କାନ୍ଦି ଉଠିଲେ—

ଆବିଷ୍କାର କଲି—ଯେଉଁଠାରୁ ବିବାହ ପ୍ରସ୍ତାବ ଆସିଛି ତାଙ୍କ ମନ ଭରିଲା ଭଳି ନୁହେଁ—

ଅନେକ ବୁଝାଇଲି—ସେ ଜାଣନ୍ତି ମୁଁ ତାଙ୍କୁ ବିବାହ କରି ପାରିବିନି—ତଥାପି କାହିଁକି ଯେ ଦୁହେଁ ଆଗେଇ ଗ୍ଭଲୁ—ଦୁହେଁ ଅନୁଭବ କରିପାରୁନଥିଲୁ—

ତାଙ୍କ ସହିତ ଯେଉଁ ଫଟ ଉଠାଇଥିଲି ସେଇ ଫଟଟି ପୁଷ୍ପା ଅତି ସଯତ୍ନରେ ସାଇତି ରଖିବାର ମୁଁ ଜାଣେ। କିନ୍ତୁ ମୁଁ ଯେ ନିରୁପାୟ—

ଏଇମିତି କେତେ କ'ଣ—ପୁଷ୍ପା ଯାହା କହି ପାରନ୍ତିନି—ଚିଠିରେ ଲେଖନ୍ତି—ମୋର ଗୋଟିଏ ଚିଠି ପାଇବା ପାଇଁ ସେ ଅନେକ ଲେଖନ୍ତି—ତାଙ୍କୁ କେହି ସନ୍ଦେହ କରିବେ ସେଇଥିଲାଗି ମୁଁ ଲେଖୁ ନଥାଏ—

ବିବାହ ଅଳ୍ପ ଦିନ ଥିଲା—ମୋ କୋଳରେ ମଥା ରଖି ପୁଷ୍ପା କାନ୍ଦୁଥିଲେ—ତାଙ୍କ ପଡ଼ଶା ଘରୁ ସେଦିନ ଡାକରା ଥାଏ ଭୋଜି ଖାଇବା ଲାଗି—କାରଣ ପୁଷ୍ପାଙ୍କ ବିଦାୟ ଉପଲକ୍ଷେ ଭୋଜିର ଆୟୋଜନ। ବାସ୍ତବିକ ପୁଷ୍ପାଙ୍କ ଲାଗି ଯେଉଁ ତିକ୍ତ ଯନ୍ତ୍ରଣା ଭୋଗ କରିବାକୁ ହେଉଥିଲା ତାହା ବର୍ତ୍ତମାନ କହି ହେଉନି—କିନ୍ତୁ ସେ ଦିନ ଏବେବି ଉଜ୍ଜ୍ୱଳ···

—ଦୁଇ—

ପଚାରିଲି—ପୁଷ୍ପା ଏ ରୁମାଲଟି ପାରିଶ୍ରମିକ ନା ଉପହାର ?

—ଉପହାର

ତାଙ୍କୁ ଆଘାତ ଦେବାକୁ ଭଲ ଲାଗିଲା ନାହିଁ—ତଥାପି କହିଲି—ପୁଷ୍ପା, ତୁମଠାରୁ ମୁଁ ଯଥେଷ୍ଟ ଉପହାର ପାଇଛି—ଏ ଉପହାରକୁ ନେଇ ତୁମକୁ କି ମନେ ରଖି ହେବନି—

ପୁଷ୍ପା ଉତ୍ତର ଦେଇଥିଲେ—ମୁଁ ମରି ଯାଇପାରେ—ଦୁଃଖଅଭାବ ଗ୍ଲାନିରେ ମୁଁ ଦୂରକୁ ଭାସି ଯାଇପାରେ—କିନ୍ତୁ, ଏଇ ହେବ ପ୍ରଣୟୀର ଦଲିଲ ଏବଂ ମମତାର ସ୍ମାରକ—

ସେଦିନ ସବୁ ମୋତେ ବ୍ୟର୍ଥ ମନେହେଲା—କାରଣ ପୁଷ୍ପା ଯେଉଁ ଜୀବନ୍ତ ସ୍ପନ୍ଦନ ଖୋଜିଛନ୍ତି ତାହା କ'ଣ ରୁମାଲଠାରୁ ଅଧିକ ନୁହେଁ !!

—ତିନି—

ବିବାହ ପରେ ପୁଷ୍ପା ଫେରି ଆସିଲେ—ଠିକ୍ ପୂର୍ବପରି ଭଳି ମିଶିଲେ—ତାଙ୍କ ମନୋବୃତ୍ତିରୁ ପ୍ରତ୍ୟେକ ବୁଝିପାରିଲେ—ପୁଷ୍ପା କେବଳ ବାଧ୍ୟତାମୂଳକ ବିବାହ କରିଛନ୍ତି, ତେଣୁ ସେ ତାଙ୍କର ଜୀବନ ଓ କଳ୍ପନାକୁ ସୁନ୍ଦର କରିବାର ଚେତନା ତାଙ୍କ ପ୍ରାଣରେ ଖିଳ ଖିଳ ହୋଇ ରହିଛି—କେହି ଦୋଷ ଦେଇ ପାରନ୍ତନି—କାରଣ ତାଙ୍କ ଭଳି ସୁଶ୍ରୀ, ରୂପବତୀ ଗୁଣବତୀ ଓ ସଚ୍ଚରିତ୍ରର ଉପଯୁକ୍ତ ସ୍ୱାମୀ ପାଇବା ତାଙ୍କ ଭାଗ୍ୟରେ ନାହିଁ—ହୁଏତ ନାରୀର ଅନ୍ଧ ବିଶ୍ୱାସ ନଥିଲେ ସେ ନିଜେ କାହାକୁ ଜୀବନର ସାଥୀ-

ପଥରେ ବରମାଲ୍ୟ ଦେଇ ପାରୁଥାନ୍ତେ—ସ୍ୱାମୀଭ୍ଭ ସେ ପାଇ ପାରନ୍ତେନ—ମନ ଅପୂର୍ଣ୍ଣ—ସ୍ୱର୍ଗପୁରୀର ମଣିଷ ହେଲେବି ସହ୍ୟ କରିବା ଅସମ୍ଭବ—

ମୋ ସହିତ ବିବାହ ପର୍ଯ୍ୟାୟରେ ମଧୁରାଳାପ କରି ଉପନ୍ୟାସ ସୃଷ୍ଟି କରିବାରେ ସମାଜ ସଂସ୍କୃତିର ଯଥେଷ୍ଟ ଦୋଷ ଦୁର୍ବଳତା ଥିବା ମୁଁ ମର୍ମେ ମର୍ମେ ଅନୁଭବ କଲି ।

ପୁରୀର ବେଳା ଭୂଇଁରେ ବୁଲୁ ବୁଲୁ ଆମ ଦୁହିଁଙ୍କୁ ସ୍ୱାମୀ ସ୍ତ୍ରୀ ବୋଲି କେତେ ଲୋକ କଥାବାର୍ତ୍ତା ହେଉଥିବା ପୁଷ୍ପା ଶୁଣିପାରି ମନେ ମନେ କାନ୍ଦୁଥିଲେ—ପରେ ବୁଝିଲି ମୋ ସହିତ ମିଶିବାଟା ତାଙ୍କ ସ୍ୱାମୀ କପରି ପସନ୍ଦ କରନ୍ତିନ—ସେଇ କଥା ମୁକ୍ତ ଭାବରେ କହି କାନ୍ଦ କାନ୍ଦ ହେଲେ ପୁଷ୍ପା—

ସେଇଥିଲାଗି କ୍ରମେ ମୁଁ ନିଜକୁ ଉକ୍ତ ଘଟଣା ବାତୁଳ ପୃଥିବୀରେ ଦୂରେଇ ନେବାକୁ ଚେଷ୍ଟା କଲି—ତାଙ୍କ ସ୍ୱାମୀଙ୍କ ମନର ଶାନ୍ତି ଲାଗି—କିନ୍ତୁ ପୁଷ୍ପା ଆଗେ ଆଗେ ବିବାହ ପରେ ବି ପୂର୍ବ-ଦିନଠାରୁ ଅଧିକ ନିକଟ ସମ୍ପର୍କ ସ୍ଥାପନ କଲେ । ମୁଁ ବାରଣ କରିବାରୁ ସେ ଭାରି ଆଘାତ ପାଇଥିଲେ ।

ଉଷାଣିଆ ମନଲାଗି ଦୁଃଖ କଲି । କାରଣ ମୋ ସାନିଧ୍ୟ ତାଙ୍କର ଅସୁସ୍ଥ ଆଶା ଓ ଭରସାର ବର୍ତ୍ତିକା—

ମୁଁ ଭିତର ବ୍ୟର୍ଥତା ଅନୁଭବ କଲି; କିନ୍ତୁ ପୁଷ୍ପାଙ୍କୁ ମୁଁ ଜୀବନ ଦେଇ ଭଲପାଏ—ତାଙ୍କର ଶାନ୍ତି ଲାଗି ସବୁ କିଛି ଅବଲମ୍ବନ କରେ—ମୋ କର୍ତ୍ତବ୍ୟକୁ କେହି ଅଭିନୟର ଭୂମିକା ବୋଲି ବୁଝି ଥାଇ ପାରନ୍ତି; କିନ୍ତୁ ଭୁଲ···

—ଚୃଶ—

ଜ୍ୟେଷ୍ଠ ପୁଅଟିର ନାମକରଣ ଲାଗି ପୁଷ୍ପା ଚିଠି ଲେଖିଥିଲେ—

କେଜାଣି ସନ୍ଦେହ କରିପାରନ୍ତି ପାରିବାରିକ ବିଶୃଙ୍ଖଳା ସୃଷ୍ଟି ହୋଇପାରେ ତେଲ ଲୁଣର ସଂସାରରେ । ସେଇଥିଲାଗି ଉତ୍ତର ଦେଇନ । ବୈବାହିକ ଜୀବନ ପ୍ରତି ପଦକ୍ଷେପରେ ପୁଷ୍ପା ମୋର ଅନୁପସ୍ଥିତି ଅନୁଭବ କରୁଥିବା ଅଙ୍ଗେ ନିଭାଇ ନୀରବ ରହେ । ବୁଝି ପାରେନି କାହିଁକି ପୁଷ୍ପା ମୋ ସହିତ କଳ୍ପନାରେ ପାଦ ପକାଇ ଚାଲନ୍ତି···

ଛୁଆଟିକୁ ଦେଖିବାର ଇଚ୍ଛା ବଢ଼ି ଚାଲିଥାଏ—ପୁଷ୍ପା ଫେରି ଆସିଲେ ଘରକୁ···

ଦେଖା ହେଲା—

ଭୂମିଷ୍ଠ ପ୍ରଣାମ ସହକାରେ ପୁଷ୍ପା କୋଠରୀ ମଧ୍ୟକୁ ଆହ୍ୱାନ କରି ମୋତେ ବଢ଼ାଇ ଦେଲେ ଛୁଆଟିକୁ—

ଲାଜରା ହୋଇ ଦୁହେଁ ଦୁହିଁଙ୍କ ସମ୍ମୁଖରେ ନୀରବ ପ୍ରଶ୍ନବାଚୀ ଆଙ୍କି ଦୁହେଁ ଅନ୍ତର ଗର୍ଭରୁ ଅସଂଖ୍ୟ ଅଭୁଲା ଉତ୍ତର ଖୋଳି ବସିଲୁ···

ଶିଶୁଟି କିଛି ବୁଝି ପାରୁ ନ ଥାଏ—କେବଳ ଟିକେ ମନ ଭରି ହସୁଥାଏ—ମୁଁ ଏବଂ ପୁଷ୍ପା ଅନେକ ସମୟ ଚାହିଁ ରହିଲୁ—

ମୁଁ ଅନୁଭବ କରୁଥାଏ—ଯେପରି ପୁଷ୍ପା ମୋତେ କିଛି କହିବାକୁ ଚାହାନ୍ତି—କିନ୍ତୁ ପାରିଲେନି । ସେହିପରି ମୁଁ ବି···

ନୀରବତା ପରେ—

ପୁଷ୍ପା ଅନୁରୋଧ କଲେ ନାମକରଣ ଲାଗି—ପ୍ରଶସ୍ତ ପ୍ରଶଂସା ମାଳା—ଔପନ୍ୟାସିକ, ଗାଳ୍ପିକ, କବି—ଇତ୍ୟାଦି ଇତ୍ୟାଦି କେତେ

କ'ଣ ବିଶେଷଣ ମୋ ବ୍ୟକ୍ତିତ୍ୱ ସମ୍ପର୍କରେ ମୋ ଲାଗି ସେ କ ଆପଣଛିଏ ସହେଳର ପୃଥିବୀର ସମସ୍ତ ସୁନ୍ଦର ଅଳଙ୍କାରରେ ମୋତେ ବିଭୂଷିତ କରି ମୋ ଠାରୁ ସବୁ କିଛି ଉତ୍କୃଷ୍ଟ ଆଶା ପୋଷଣ କରି ବସନ୍ତି—ସେଇଥିଲାଗି ମୁଁ ଆଶ୍ଚର୍ଯ୍ୟ ହୁଏ—।

ତାଙ୍କର ଏ ଉଚ୍ଚ ଧାରଣା ମୋତେ ଯେ ମଣିଷ କରି ପାରିଛି, ତାହା ମୁଁ ମୁକ୍ତ କଣ୍ଠରେ ସ୍ୱୀକାର କରିବି ।

ମୁଁ କିନ୍ତୁପାପୁ—

ପୁଷ୍ପା ବାରମ୍ବାର ପ୍ରଶ୍ନ କରୁଛନ୍ତି, କ'ଣ ଖବର ତୁମ— କାଲି ପରା ଏକୋଇଶା—

କିନ୍ତୁ ମୁଁ ସେଇଁ ନାମକରଣ ଠିକ୍ କରୁଥାଏ ପୁଷ୍ପା ବୁଝି ପାରୁଥିବା ଭଳି ଅନୁଭବ କଲି— ତଥାପି ଉନ୍ମାଦନା ପରି ଖାଲି ପ୍ରଶ୍ନ କରୁଥାନ୍ତି···

— ପାଞ୍ଚ —

ବିଳମ୍ବରେ ପହଞ୍ଚିଥିଲି—

ଆଜି କେତେ ସମୟ ଅପେକ୍ଷା କରିବାକୁ ହେବ— ହୁଏତ ଦେବତାଙ୍କୁ ପୂଜା ବାଢ଼ିଥିଲେ ସିଏ ସ୍ୱର୍ଗରୁ ଓହ୍ଲାଇ ଆସନ୍ତେଣି—

ଅପରାଧୀ ଭଳି ନୀରବ ରହିଲି— ପୁଷ୍ପା ତାଙ୍କ ସୁଡ଼ୌଳ ଅଧରରେ ସ୍ମିତ ରେଖା ଆଙ୍କି ମୋ ମନକୁ ବଦଳାଇବାକୁ ଚେଷ୍ଟା କରି ଖୁସି ଗପ ଆରମ୍ଭ କଲେ— ତାଙ୍କ ପୁରନ୍ତ୍ରା ଗଣ୍ଡରେ ଅସଂଖ୍ୟ ରେଖା — ମନ ଖୋଲି କ'ଣ ଯେ କେଉଁ ମୁହୂର୍ତ୍ତରେ ଉଭୟେ ଉଭୟଙ୍କ ଆଗରେ ବାଢ଼ି ନ ଦେଇଛୁ·

ସବୁ ମନେ ଅଛି —

ଅପର କୋଠରୀରୁ କୁଆଁ କୁଆଁ ରବ ଶୁଣି ଦୁଇ ପାହୁଣ୍ଡରେ ଚାଲିଯାଇ ପୁଅକୁ ନେଇ ଆସି ମୋତେ କହିଲେ — ତୁମର ଯୋଗୁଁ ପୁଅର ନିଦ ଭାଙ୍ଗିଗଲା — ତୁମେ ନିଅ ବୁଝାଅ —

କହିଲି — ତୁମେ କ’ଣ ଭାବୁଚ ପାଳିବନି —

ସେ କଥା କହୁନଥ —

ପୁଅଟିକୁ ମୋ କୋଳରେ ଦେଲେ ପୁଷ୍ପା—ଶ୍ରେଷ୍ଠ ଶିଶୁର କପାଳରୁ କଜ୍ଜଳ ରେଖା ସୁସଂଯତ କରିବାକୁ ପକେଟରୁ ପୁଷ୍ପାଙ୍କ ରୁମାଲଟି କାଢ଼ି ରେଖା ସୁଡ଼ୋଳ କରି ତାଙ୍କ ରୁମାଲ ତାଙ୍କୁ ଫେରାଇ ଦେଲି—

ତାଙ୍କ ଭ୍ରୂଲତା ଧାରରେ ଅସଂଖ୍ୟ ପ୍ରଶ୍ନକାରୀ —

ମୋ ବୁଦ୍ଧି ତଳେ ମୀମାଂସା— କାରଣ ମୁଁ ପୂର୍ଣ୍ଣଛେଦ ଦେଇନି —

× × ×

ଏ ଗପ ନୁହେଁର ..

ଅଭିଶପ୍ତ ଏକ ଦୁଷିତ ଶୀତ ରାତିର ଦୁଃସ୍ୱପ୍ନ ହୋଇପାରେ—ନଗ୍ନ ସତ୍ୟ ଲାଗି ଅନୁତାପର ଲଗ୍ନ ବର୍ତ୍ତମାନ ନୁହେଁ—ସଂସାର ମେଳା ।

# ସ୍ମୃତିର ଜନ୍ମ

ହଠାତ୍ ଅନ୍ନ ଭିତର କୋଠରୀରୁ ବାହାରି ଆସି କାଠଯୋଡ଼ି କୂଳକୁ ବୁଲିଯିବା ଲାଗି ଅନୁରୋଧ କଲେ – କଲେଜ ଛୁଟି ଥିବାରୁ ସେଇଦିନ କୁନ ଏଲାହାବାଦରୁ ଫେରିଥାଏ – ସେ ମଧ୍ୟ କଲ୍ପନାକୁ ଧରି ସେଠାରେ ପହଞ୍ଚି କହିଲା ଭାଇ ଆମେ ଦୁଇଜଣ ଯିବୁ—

ଅନ୍ନଙ୍କ ଅନୁରୋଧ – ମୁଁ କେବେ ଭାଙ୍ଗି ଦେଇପାରେନା – ତାଙ୍କର ଉପଭୋଗ ଲାଗି ଜଗତର ଯେତେ ଯାହା ଲୋଡ଼ା ସମସ୍ତ କିଛି ଯୋଗାଇ ଦେବାରେ ମୁଁ କେବେ କୁଣ୍ଠା ବା କାର୍ପଣ୍ୟ କରେନା – ଜୀବନକୁ ତିଳ ତିଳ କରି ଉପଭୋଗ କରିବାକୁ ଅନ୍ନ ବିଶ୍ୱରେ ଏକମାତ୍ର ଉପଦାନ –

କୁନ ମୋର ଗୋଟିଏ ବୋଲି ଭଉଣୀ – ଯଦିଓ ତନୁଜା ନୁହେଁ, ତଥାପି ତହିଁରୁ ଅଧିକ ସମ୍ବନ୍ଧ । ବାପା ବୋଉଙ୍କ ସମସ୍ତ ସ୍ନେହ-ସହାନୁଭୂତି ତାକୁ ଘେରି କୁନର ସଂସାର ଚଳେ – କଲେଜରୁ ଫେରିଲେ ବୋଉଙ୍କର ଗୋଡ଼ତଳେ ପଡ଼ନ୍ତି – ଛୁଟିର ଶେଷ ବେଳାରେ ବୋଉ ମୁହୂର୍ତ୍ତଟିଏ ବି କୁନର ପାଖ ଛାଡ଼ି ଯାଆନ୍ତିନି – କଲେଜକୁ ଖୋଲିଯିବାର କେତେଦିନ ପର୍ଯ୍ୟନ୍ତ ବୋଉ ଆଉ ଅନ୍ନ କୁନର ଅଭାବରେ ମର୍ମାହତ ହୋଇଥିବା ମୁଁ ମର୍ମେ ମର୍ମେ ଅନୁଭବ କରିଛି···

ମୁଁ ଠିକ୍ ଚୌକିପରେ ବସିଥାଏ – ଗୋଟିଏ ହସର ଝଡ଼ ପରେ ଅନ୍ନ ଏବଂ କୁନ ଉଭୟେ ଟଣାଓଟରା ହୋଇ ମୋ କୋଠରୀରେ ପ୍ରବେଶ କଲେ । ବର୍ଷକର କଲ୍ପନା କୁମାରୀ ମଧ୍ୟ ସଙ୍ଗରେ ଥାଏ – କୁନ ଅତି ସୁନ୍ଦର ଟୋପିଟିଏ ଧରି ହାତରେ

ତିଆରି କରି ଆଣିଥିଲା, ତାର ପୁତୁରା ପାଇଁ । କଳ୍ପନାର ଓଠରେ ଆନନ୍ଦର ଢେଉ— ସେ ଆଜ ଟଙ୍କ ବାବୁ ।

× × କାଠଯୋଡ଼ୀ କୂଳରେ ସଞ୍ଜ ହେଲା— ବସାକୁ ଫେରିଲୁ—ଗୌରୀଶଙ୍କର ପାର୍କ ନିକଟ ହେବାରୁ ଅନୁ ପଚାରିଲେ, ସମୟ କେତେ ?

ଘଣ୍ଟା ଦେଖିଲି ସାତଟା ଛତିଶ···

ପାଦ ସଙ୍ଗେ ପାଦ ମିଳାଇ ଅନୁ ଆଉ ମୁଁ ଟିକଏ ଆଗେଇ ଆସିଥିଲୁ । ପଛରୁ କୁନ ଡାକିଲା "ସୁରଭାଇ, କଲ୍ପନା ହାଉ ଦେଖାଉଚି ପାର୍କ ଆଡକୁ ଚାଲ ଯିବା—"

ଅନୁବି ସେ ପ୍ରସ୍ତାବକୁ ସମର୍ଥନ କଲେ ।

···ବାଦଲହୀନ ସ୍ୱଚ୍ଛ ଆକାଶ ତଳେ ଗୋଟାଏ ସିମେଣ୍ଟ ଚେୟାରରେ ମୁଁ ଆଉ ଅନୁ ବସିଲୁ— ଜ୍ୟୋତ୍ସ୍ନା ବୋଳା ବୃକ୍ଷ-ଲତା ଏବଂ ସଦ୍ୟ ବିକଶିତ ପୁଷ୍ପଗୁଚ୍ଛ ଅନୁଙ୍କୁ ମୁଗ୍ଧ କରି ରଖିଥାଏ— ଦୁଇଟି ଚେୟାର ଅନ୍ତରରେ କୁନ ତାର ପୁତୁରା ସହିତ ଖେଳୁଥାଏ — କିଛି ସମୟ ଆମେ ଦୁହେଁ ନୀରବରେ ବସିବା ପରେ ପଚାରିଲି —ଅନୁ, ନୀରବରେ ବସି କ'ଣ ଭାବୁଚ ?

ଅନୁ ମୋ ନିକଟରେ କୌଣସି କଥା ବାଢ଼ି ଦେବା ଲାଗି ସଙ୍କୋଚ କରନ୍ତି— ସେ ଭାରି ସରଳା ଏବଂ ସହୃଦୟା···

ସେ କହିଲେ—ଅନେକ ଆଉ ଅନେକ କଥା ଆଜି ମନେ ପଡ଼ୁଚି । ଅତୀତର ଅମୂଲ୍ୟ ଅନୁଭୂତି ଓ ବନ୍ଧୁମାନଙ୍କ ସ୍ମୃତି ମୋତେ ଆଜ ଉଦ୍‌ବେଳିତ କରୁଛି—ସେ ଘଟଣା ବିସ୍ମୃତି ଗର୍ଭରେ କବର ନେଇଚି, ଇତିହାସ ପୃଷ୍ଠାରେ ତାର ସ୍ଥାନ ନାହିଁ ସତ କିନ୍ତୁ, ମୁଁ ଭୁଲି ପାରୁନି ବା କେବେ ପାରିବନି···

ପୁଣି ପତ୍ରିକାର ମନର ଭାବ ବା ଉଦ୍ଦେଶ ମୁଁ ବୁଝିବି କିପରି ? ତୁମେ ଯାହା ମନେ କରନା କାହିଁକି, ମୋତେ ଅପର ହୃଦୟ ତଳର ପ୍ରକୃତରୂପ ପାଇବାକୁ ଖୁବ ଭଲ ଲାଗେ—କ'ଣ ମନେ ପଡ଼ୁଛି—କହିଲେ କିଛି କ୍ଷତି ଅଛି କି ?

ଅନ୍ୟ କହିଲେ କବି ଓ ଲେଖକଙ୍କୁ ସବୁ କଥା କହିଦେବା ଉଚିତ ନୁହେଁ । ଜଣେ ନା ଜଣେ ତାଙ୍କ ଲେଖାରୁ ରୂପ ପାଏ ଅନୁଭୂତି ବା ସୃଷ୍ଟିର ପ୍ରତ୍ୟେକ ସ୍ପନ୍ଦ—ତେଣୁ, ନିଜର ବନ୍ଧୁମାନଙ୍କ କଥା କହିଦେଇ ଭୁଲ କରିବି କି ନାହିଁ ଚିନ୍ତା କରୁଛି ।

ବନ୍ଧୁ ହସି ଉଠିଲେ—ଅନ୍ୟଙ୍କ ଆଖିରେ ଲେଖକ ଆଜି କବି ନିହାତି ଦୁର୍ବଳ ବୋଧେ—ତା ବି ସତକଥା—ଲେଖକ ହିସାବରେ ମାତ୍ର ସମର୍ଥନ କଲି—

ଅନ୍ୟ ହାତ ବଢ଼େଇ ମୋ ଦୃଷ୍ଟି ଆକର୍ଷଣ କଲେ ସେହି ପାର୍କ ନିକଟରେ ଥିବା ବାଳିକା ହଷ୍ଟେଲର ଏକ ଗୋଟିଏ କୋଠରୀ ଆଡ଼କୁ । ଅତୀତର ଚାରିଟି ବର୍ଷ ସେହି କୋଠରୀରେ ସେ ତାଙ୍କର ବନ୍ଧୁ ରାଜଲକ୍ଷ୍ମୀ, କୃଷ୍ଣପ୍ରିୟା, ସ୍ନେହଲତା, ଚନ୍ଦ୍ରା, ସ୍ନିଗ୍ଧା, ଜ୍ୟୋତ୍ସ୍ନା, କାନ୍ତା, ମୋକ୍ଷଦା ଓ ଶିଖରବାସିନୀଙ୍କ ସହ ହସ ଖେଳରେ ଜୀବନର ଗୋଟିଏ ଅଧ୍ୟାୟ ବିତାଇ ଦେଇଥିଲେ ।

ବର୍ତ୍ତମାନ ସେ କିଏ କେଉଁଠି କଳ୍ପନା କରି ହେବନି—ଏହି ପାର୍କରୁ କେତେ ଫୁଲ ନେଇ ରାଜଲକ୍ଷ୍ମୀ ତାର ଗଭା ମଣ୍ଡନ କରେ—ପ୍ରତ୍ୟେକ ସଞ୍ଜରେ ସେ ହତା ଭିତର ପୋଖରୀ କୂଳରେ ନାନା ସୁଖ ଦୁଃଖରେ ଚାରିଟି ବର୍ଷ ଯେ କେତେ ଶୀଘ୍ର ଚାଲି ଯାଇଛି— ଆଜି କ୍ଷଣକ ଭଲ ଲାଗେ—ଛାତ୍ରୀ ଜୀବନ ପଥରେ ଆଉ ଫେରେନି—

ଆଜ ସ୍ନିଗ୍ଧା ଠାରୁ ଚିଠି ପାଇଲି ସେ ଲେଖିଛି ତା ସ୍ୱାମୀଙ୍କର କଟକ ବଦଳି ହେଉଛି—ଦୁଇମାସ ମଧ୍ୟରେ ସେ କଟକ ଆସିବ ।

ମୁଁ ପଚାରିଲି—ତାଙ୍କ ସ୍ୱାମୀ କ'ଣ ଚାକିରି କରନ୍ତି ?

ଅନୁ କହିଲେ, ସେ ତୁମକୁ ଚିହ୍ନନ୍ତି ବୋଲି ସ୍ନିଗ୍ଧା ଲେଖିଛି—ତାଙ୍କ ନାଁ ସମୀର । ସେ ବର୍ତ୍ତମାନ ପୋଲିସ ଏସ୍. ପି । ମୁଁ କିନ୍ତୁ ତାଙ୍କୁ ଦେଖିନି—ମାଳତୀ ଅପାର ଟ୍ରେନିଂ ସେଣ୍ଟରରୁ ସେ ଅନେକ ଚିଠି ଲେଖନ୍ତି—ସ୍ନିଗ୍ଧା ତାଙ୍କୁ ଖୁବ ଭଲପାଏ—ତାର ମନକଥା ମୋତେ ଏବଂ କୃଷ୍ଣପ୍ରିୟାଙ୍କୁ ଗୋଟି ଗୋଟି ହୋଇ ସବୁ ଖୋଲି ଦେଇଛି—

ତା ବିବାହରେ ନାନା ଝଡ଼ଝଞ୍ଜା ମଧ୍ୟରେ ସ୍ନିଗ୍ଧା ଏବଂ ସମୀର ବାବୁ ଗତି କରିଥିବା ମୁଁ ଜାଣେ । ଯାହାହେଉ ଉଭୟଙ୍କ ଅନାବିଳ ମମତା ନିକଟରେ ବଂଶର ଆକଟ ହାରି ଗଲା—ଜଗତ ଲୋଡ଼େ ପ୍ରଗତି—ଧ୍ୱଂସରେ ନୁହେଁ—ସୃଷ୍ଟିରେ । ପ୍ରତିବନ୍ଧକ ହୋଇ ସମାଜ ଅନେକ ସମୟରେ ଭୁଲ କରେ କିନ୍ତୁ ଅନ୍ୟ କେତେକ କ୍ଷେତ୍ରରେ ମଧ୍ୟ ପ୍ରତିବନ୍ଧକ ନିହାତି ଲୋଡ଼ା ହୋଇଥାଏ । ଉଭୟଙ୍କ ପ୍ରେମ ବିବାହରେ ଉଭୟେ ବଡ଼ ସୁଖୀ— । ସ୍ନିଗ୍ଧା ତା ବିବାହ ଜୀବନର ପ୍ରତି କଥା ବଡ଼ ନିଖୁଣ କରି ଲେଖେ—ସେ ଖୁବ ବିଶ୍ୱାସୀ—

ଆଉ ଗୋଟିଏ କଥା ମନେ ପଡ଼ି ବିଶେଷ ଦୁଃଖ ଲାଗୁଚି—କାନ୍ତା ଆତ୍ମହତ୍ୟା କରିଛି ବୋଲି ସ୍ନିଗ୍ଧା ଲେଖିଚି—କେଡ଼େ ସୁନ୍ଦର ଝିଅଟିଏ—ସଦା ସର୍ବଦା ସରମରେ ବୁଡ଼ି ରହୁଥାଏ—ଆମେ ତାକୁ ବୋହୂ ବୋହୂ ବୋଲି ଡାକି ବିବ୍ରତ କରି ପକାଉ—ସେ କିଛି କହେନି—ଖାଲି ସହିଯାଏ ।

ମୁଁ ପଚାରିଲି— ଆତ୍ମହତ୍ୟା କଲେ କାହିଁକି ?

ଅନନ୍ତ କହିଲେ—ସେଗୁଡ଼ାକ ମନେ ପକାଇ କିଛି ଲାଭ ନାହିଁ —କେତୋଟି ଦୁର୍ବଳ ମୁହୂର୍ତ୍ତକୁ ଏଡ଼ି ନ ପାରିଲେ ଜୀବନବ୍ୟାପୀ ଅନୁତାପ କରିବା ସଙ୍ଗେ ସଙ୍ଗେ ଆତ୍ମହତ୍ୟା କରିବା ସାର ହୋଇ-ଥାଏ—କାନ୍ତା ମାଟ୍ରିକ୍ ଫେଲ୍ ହୋଇ ନର୍ସିଂ ଟ୍ରେନିଂରେ ଯାଇଥିଲା—ଗୋଟିଏ ଭଲ ନର୍ସ ବୋଲି ଏବେ ବି ତା ନାଁ ଅନେକ ରୋଗୀ ମନେ ରଖିଛନ୍ତି—ତାର ଡାକ୍ତର ରମାକାନ୍ତଙ୍କ ସହିତ ଘନିଷ୍ଠତା ବଢ଼ିଲା—ଯୌବନର ତେଜ ପ୍ରତ୍ୟେକଙ୍କ ଜୀବନରେ ଆସିଥାଏ—ଆତ୍ମସଂଯତ ନ କଲେ ବିପଦର ସମ୍ମୁଖୀନ ହେବା ନିହାତି ସ୍ୱାଭାବିକ—ରମାକାନ୍ତ ଜଣେ ବିଶିଷ୍ଟ ଧନିକର ସନ୍ତାନ। କାନ୍ତାକୁ ଭଲ ପାଇବା ତାଙ୍କର ଭୁଲ ହୋଇଚି ବୋଲି ଯେତେ-ବେଳେ ଅନୁଭବ କରନ୍ତି ସେତେବେଳକୁ ସେ ଉପାୟହୀନ—ବାପା ମାଙ୍କର ଆକର୍ଷଣୀ ଏଡ଼ି ନପାରି ଯୌତୁକ ମୋହରେ ଜଣେ ଆଡ଼ଭୋକେଟଙ୍କ ଘରେ ତାଙ୍କର ବିବାହ ହେଲା—ନବଦମ୍ପତିଙ୍କ ଚଉଠି ଦିନ ରାତିରେ କାନ୍ତା ଆତ୍ମହତ୍ୟା କରିବା ବ୍ୟତୀତ ଉପାୟ ପାଇଲାନି—ପାଞ୍ଚମାସ ପରେ ସେ ଗୋଟିଏ ସନ୍ତାନର ମା ହୋଇଥାନ୍ତା କିନ୍ତୁ ଭାଗ୍ୟର ସ୍ରୋତ କିଏ ରୋକିବ—! ସେ ଗୋଟିଏ ଚିଠି ଲେଖି ଯାଇଥିଲା—

ପୂଜ୍ୟ ରମାକାନ୍ତ ବାବୁ,

ମଣିଷ ଏକ ସଙ୍ଗରେ ଦୁଇ ଜଣଙ୍କୁ ଭଲ ପାଇପାରେନି —ମୁଁ ଆଜି ଆତ୍ମହତ୍ୟା କରୁଚି ଏଇ ଭରସାରେ ଯେ ତୁମେ ମୋତେ ଯେତିକି ଭଲ ପାଉଥିଲ—ଅନ୍ତତଃ ସେତିକି ମମତା ମୋ ଅନୁପସ୍ଥିତିରେ ତବ ନବପତ୍ନୀଙ୍କ ଲାଗି ଢାଳିଯାଏ ତାଙ୍କର

ତୃପ୍ତିରେ ମୋ ଜୀବନର ସମସ୍ତ ଦରଦ ଲିଭିଯିବ—ମୁଁ ପର-ଲୋକରେ ଶାନ୍ତିରେ ତୁମକୁ ଭୁଲିଯିବି...

ତୁମର—

କାନ୍ତା

ଅନନ୍ତ ଆଉ କିଛି କହି ପାରିଲେନି—

ମୋର ଗୋଟିଏ ବନ୍ଧୁଙ୍କ କଥା ମନେ ପଡ଼ିଲା । ମୁଁ କହିଲି—ଅନନ୍ତ, ମଣିଷ ମଣିଷକୁ ଏ ଯୁଗରେ ଭଲ ପାଇବା ଅପରାଧ—ମନୋ-ନୀତରେ ମଧ୍ୟ ଦୋଷ ଦୁର୍ବଳତା ଥାଏ—ବିପିନ ବିହାରୀ ମହାପାତ୍ର ମୋ କଲେଜ ଜୀବନର ଜଣେ ବନ୍ଧୁ—ସେ ଖୁବ କମ ବୟସରେ ବିବାହ କରିଥିଲେ—ସେ ବର୍ତ୍ତମାନ ଓଡ଼ିଶାର ଜଣେ ବିଶିଷ୍ଟ ଡାକ୍ତର—ତାଙ୍କର ଏକମାତ୍ର ଝିଅ ଉପାଳୀର ଜଣେ ଟିଉସନ ମାଷ୍ଟର ଥିଲେ—ସେ ମାଷ୍ଟର ବି. ଏ. ପରୀକ୍ଷା ଦେଇଥାନ୍ତି । ମଠର ସାହାଯ୍ୟରେ ଏମ୍. ଏ ପଢ଼ିବାର ମଧ୍ୟ ଆଶା ଥାଏ । ଦେଖିବାକୁ ଚେହେର ରୂପବନ୍ତ ନୁହନ୍ତି—ଘରେ ଆର୍ଥିକ ଅବସ୍ଥା ନିହାତି ଖରାପ । ଯେ କୌଣସି ପ୍ରକାରରେ ମଠର ସାହାଯ୍ୟ ପାଇ ଏବଂ ଟ୍ୟୁସନ୍ କରି ବି. ଏ. ପର୍ଯ୍ୟନ୍ତ ଯାଇଥିଲେ ।

ମହାପାତ୍ର ଉପାଳୀ ପାଇଁ ଗୋଟିଏ ଭଲ ବରପାତ୍ର ଖୋଜି ଦେବାପାଇଁ ମତେ ଅନୁରୋଧ କରିଥାନ୍ତି । ଉପାଳୀ ଦେଖିବାକୁ ଭାରି ସୁନ୍ଦରୀ । ମୁଁ ଚେଷ୍ଟା କରୁଥାଏ ଯୋଗ୍ୟ ବରପାତ୍ର ହେଲେ କୋଡ଼ିଏ ହଜାର ଟଙ୍କା ଯୌତୁକ ଦେବା ସଙ୍ଗେ ସଙ୍ଗେ ପୁରୀର ସମୁଦ୍ର କୂଳସ୍ଥ କୋଠାଟି ଦେବେ ବୋଲି ଡାକ୍ତର ମହାପାତ୍ର ସ୍ୱୀକାର କରିଥାନ୍ତି...

× × × ହଠାତ୍ ଦିନେ ମୋ ଘରେ ମହାପାତ୍ର ବାବୁ ଆସି ପହଞ୍ଚିଲେ ରାତି ଅଧରେ—ମୁଁ ତାଙ୍କର ଅବସ୍ଥା ଦେଖି ଆଶ୍ଚର୍ଯ୍ୟ ହେଲି—ସେ ପଚାରିଲେ, ଉପାଳୀ ଆସିଥିଲା କି ?

ମୁଁ କିଛି ବୁଝି ପାରିଲିନି···

ସେ କହିଲେ, ମାଙ୍କ ସଙ୍ଗରେ ଶୋଇଥିଲି—ବର୍ତ୍ତମାନ ତାର ମାଙ୍କ ନିଦ ଭାଙ୍ଗି ଯିବାରୁ ସେ ଉଠି ଚିତ୍କାର କରୁଛନ୍ତି—ଉପାଳୀ ନାହିଁ···

ନିରାଶ ହୋଇ ମହାପାତ୍ର ସେଦିନ ମୋ ଘରୁ ଫେରିଲେ···

ଦୁଇଦିନ ପରେ ଉପାଳୀ ଦିଲ୍ଲୀରୁ ଟେଲିଗ୍ରାମ କଲା, "ମୁଁ ଟ୍ୟୁସନ ମାଷ୍ଟର ପ୍ରମୋଦଙ୍କ ସହିତ ଆସିଛି । ମୋ ବିଷୟ ନେଇ କିଛି ଭାବିବା ଆବଶ୍ୟକ ନାହିଁ । ଅଳ୍ପ ଦିନ ମଧ୍ୟରେ ଫେରିଯିବି—ପ୍ରମୋଦଙ୍କ ସହିତ ମୋର ବିବାହ ହେବ—ଅନେକ ଦିନରୁ ମୁଁ ତାଙ୍କୁ ଭଲ ପାଇଚି—ଶପଥ ଭାଙ୍ଗିଦେଇ ପାରିବିନି···"

ବିବାହ ଶେଷ ହେଲା – ଉପାଳୀ ନିଜର ଭୁଲ ଲାଗି କଳଙ୍କିତ ଶ୍ରୀହୀନ ହେଲାଣି—ତା ପାଇଁ ତାର ମା ହୃଦ୍ ରୋଗରେ ପୀଡିତା ଥିଲେ—ସେଇଥିରେ ତାଙ୍କର ମୃତ୍ୟୁ ହେଲା—ଉପାଳୀ ଭାଗ୍ୟହୀନା କେବଳ ଯୌବନର ଉତ୍ତେଜନାକୁ ଏଡ଼ି ନ ପାରି । ନିଜ ବାପା ଯେତେ ଧନ ଦୌଲତ ଦେଇ ତାର ଗରିବ ସ୍ୱାମୀଙ୍କୁ ଧନୀ କରିବାକୁ ଚେଷ୍ଟା କଲେ ମଧ୍ୟ ଆଜି ଉପାଳୀର ବୁକୁତଳେ କୋହ···। ସେ ବାପା ମାଙ୍କ କଥା ନ ମାନିବା ଏବଂ ନିଜର ଭବିଷ୍ୟତ ବାଛିବାରେ ଯଥେଷ୍ଟ ଦୋଷ ଦୁର୍ବଳତା ରହିଥିବା କଥା ଅନୁଭବ କରୁଚି···। ତାର ଅଶାନ୍ତିର ଶେଷ ନାହିଁ···

ଅନ୍ୟ କହିଲେ— ଅତ୍ୟାଧୁନିକ ବିଜ୍ଞାନ ଯୁଗରେ ସବୁ ସମ୍ଭବ— ଶାସ୍ତ୍ରଗତ ଶୃଙ୍ଖଳା କିଛି ନୁହେଁ; ଅନ୍ଧ ବିଶ୍ୱାସ । ମଣିଷ ଜନ୍ମ ଉପଭୋଗ ଲାଗି—କେହି ଭୁଲ କରି ସୁଯୋଗ ହରେଇ ଦେବା ଉଚିତ ନୁହେଁ — ଏଇ ସୂଚୀପତ୍ରକୁ ଚକ୍ଷୁର ସମ୍ମୁଖରେ ଉପସ୍ଥାପିତ କରି ପ୍ରତ୍ୟେକ ଅଗ୍ରଣୀ—ଧ୍ୱଂସରେ ନା ସୃଷ୍ଟିରେ ? ତାର ସାକ୍ଷୀ ସଭ୍ୟତାର ଇତିବୃତ୍ତ । କିନ୍ତୁ ଅଧ୍ୟୟନ କରିବାର ସାମର୍ଥ୍ୟ କାହାରି ନାହିଁ ।

ବାସ୍ତବିକ ଯେ ପର୍ଯ୍ୟନ୍ତ ଏ ପୃଥିବୀର ମଣିଷ ପରସ୍ପର ମଧ୍ୟରେ ଗୋଟିଏ ପାରିବାରିକ ସଂପର୍କ ସ୍ଥାପନ କରି ଭାଇ ଭଉଣୀ ପବିତ୍ର ସମ୍ବନ୍ଧର ମହତ୍ତ୍ୱ ଉପଲବ୍ଧି ନ କରିଛି, ସେତେଦିନ ପର୍ଯ୍ୟନ୍ତ ପୁରୁଷ-ସ୍ତ୍ରୀ ଏବଂ ଯୁବକ-ଯୁବତୀ ଯେ କେହି ହୁଅନ୍ତୁ ନା କାହିଁକି ନିରୋଳାରେ ଏକତ୍ର ହେବା ଅଶ୍ଳୀଳ ଏବଂ ନଗ୍ନ ବିଭତ୍ସତାର ଆତ୍ମପ୍ରକାଶ—ନୈତିକ ମାନଦଣ୍ଡ ବଡ଼ ରୁଗ୍ଣ । ସେ ପୁଣି କହିଲେ —କ୍ଷଣିକ ଉତ୍ତେଜନା ବା ଚପଳତାରେ ଜୀବନ ସାରା ଜ୍ୱଳନ୍ତ ଅଗ୍ନିରେ ଦଗ୍ଧୀଭୂତ ହେବା ଅପେକ୍ଷା ପରିବର୍ତ୍ତନଶୀଳ ସଂସାରକୁ ଭଲ କରି ବୁଝି ଚିହ୍ନି ଓ ବିଶ୍ଳେଷଣ କରି ଯାହା କିଛି ଅବଲମ୍ବନ କରିବା ଉଚିତ…

କଳ୍ପନା କୁମାରି ନଦେଇ ଆସିଲା—କୁନି କାଖରେ ଧରି ଅନନ୍ତଙ୍କୁ ଆସି ଡାକିଲା—ନୂଆ ବୋଉ, ଘରକୁ ଫେରିବନି ? ଭାଇ, ଚାଲ ଯିବା, ସେ ବସି ଥାଆନ୍ତୁ—

ମୁଁ ହଠାତ୍ ଉଠି ରାସ୍ତା ଉପରକୁ ଚାଲି ଆସିଲି—ଫେରି ଚାହିଁ ଦେଖେତ ଅନନ୍ତ ସେହିପରି ବସିଛନ୍ତି ।

କୁନି ରାସ୍ତା ଉପରୁ ଫେରି ଯାଇ ଭାରି ଆଦର ଓ ମମତା-ଭରା କଣ୍ଠରେ ଅଭିନୟ କଲା ଭଳି ଡାକିଲା—ଆସ…

ତଥାପି ଅନନ୍ତ ବସିଥାନ୍ତି…

ମୋ ଅଲକ୍ଷ୍ୟରେ କୁନି ଗୋଲାପ ଫେଣ୍ଟାଟିଏ ଅନନ୍ତଙ୍କ ଗଳାରେ ଖୋସି ଦେଉ ଦେଉ ଅନନ୍ତ ଆତ୍ମବିସ୍ମୃତ ହୋଇ କହି ପକାଇଲେ, 'ଦେବତା…!' କୁନି ହସି ହସି ଗଡ଼ି ଯାଇ କହିଲା—ଦେବତା ନୁହେଁ ଗୋ, ମୁଁ—କୁନି । ଦେବତା ତୁମର ରାସ୍ତାରେ ଠିଆ ହୋଇ ଡାକୁଛନ୍ତି…।

॥ ଚୀର

ରବିବାର ସଞ୍ଜ...

ଗପଟି ପଢ଼ିସାରି, ସୁରମା ବାହାର ଝରକା ଦେଇ ରାସ୍ତାକୁ ଚାହିଁଛନ୍ତି—ଅସଂଖ୍ୟ ସମ୍ବାଦପତ୍ରର ହକରଙ୍କ କଣ୍ଠରୁ ବାରମ୍ବାର ଭାସି ଆସୁଛି ଗୋଟିଏ ଝଙ୍କାର—"ରବିବାର ହାତଲେଖା"... "ରବିବାର ହାତଲେଖା"...ପ୍ରତି ସ୍ପନ୍ଦନରେ ତାଙ୍କ ମନରେ ନବ ନବ ଉତ୍କଣ୍ଠା ଜନ୍ମ ନେଉଛନ୍ତି...

ପୁଣି ଥରେ ଗପଟି ପଢ଼ି ବସିଲେ ସୁରମା...

ବାସ୍ତବିକ୍ ଅତି ଜୀବନ୍ତ ହୋଇଛି—ସୁଜାତା ବା ତନୁଜା ଯେ କେହି ନିକଟରେ ଥିଲେ ସେ ଆଜି ନିଶ୍ଚୟ ପଚାରିଥାନ୍ତେ ଅନେକ କଥା—କେତେ ବିନ ଅବା ସଂକୋଚରେ ବୁକୁର ଦରଦ ମେଣ୍ଟିପାରେ...

ନାନା ଭାବନା ମନରେ ଭାସି ବୁଲୁଚି—ସୁଜାତା ଏବଂ ତନୁଜାଙ୍କ ପ୍ରତୀକ୍ଷାରେ କ୍ଳାନ୍ତ ଅନୁଭବ କରୁଛନ୍ତି ସୁରମା—ବିଶ୍ୱବିଦ୍ୟାଳୟ ପରୀକ୍ଷା ସମୀପରେ—ସେମାନଙ୍କର ଆଜି ଏତେ ବିଳମ୍ବ କାହିଁକି...?

ଅବୁଝା ମନର ପରିତୃପ୍ତି ଲାଗି ପୁଣିଥରେ ଗପଟି ପଢ଼ୁଛନ୍ତି ସୁରମା...

ଧୀର ପଦକ୍ଷେପରେ କୋଠରୀରେ ଅନେକ ସମୟରୁ ପ୍ରବେଶ କଲେଣି ସୁଜାତା ଏବଂ ତନୁଜା—କିନ୍ତୁ ସୁରମାଙ୍କ ଏକାଗ୍ରତାକୁ କ୍ଷତ ବିକ୍ଷତ କରିବାକୁ ସେମାନଙ୍କର ଇଚ୍ଛା ହେଉନି —ଗପଟି ପଢ଼ି ସାରି ଚିନ୍ତାମଗ୍ନ ଭାବରେ ମୁଖ ଟେକିଲେ ସୁରମା —ଖୁବ୍ ଜୋରରେ ହସି ଉଠିଲେ ସୁଜାତା ଓ ତନୁଜା—

ସନ୍ଦେହୀ ମନ—ଲଜ କରି କିଛି ସମୟ ନୀରବରେ ବସି ରହିଲେ ସୁରମା ।

ବାହାରର ଭାବ ବାହାରକୁ ଅବୁଝା ରହେନ କିନ୍ତୁ, ସମୟର ଅଭାବ—କିଛି ନ କହି ସୁଜାତା ଓ ଚନ୍ଦ୍ରା ନିଜ ନିଜ ପଢାରେ ବ୍ୟସ୍ତ ।

ହଠାତ୍ ସୁରମାଙ୍କ କଣ୍ଠରୁ ଉଦ୍‌ବେଗ ପୂର୍ଣ୍ଣ ସମ୍ବୋଧନଟିଏ ଝଂକାରି ଉଠିଲା—ସୁଜାତା···

ମୋତେ ଡାକୁଚୁ···?

ହଁ, ତୋତେ ଡାକୁଥିଲି, ଆଜି କାହିଁକି କିଛି ପଢି ହେଉନି, ମୁଣ୍ଡଟା ବିନ୍ଧୁଛି ।

ପ୍ରତି ମୁହୂର୍ତ୍ତରେ ତୁ ବୋଧେ ପରୀକ୍ଷା ବିଷୟ ନେଇ ଚିନ୍ତାମଗ୍ନ—ଯାହା ହେବାର ହେବ—ଏଥିରେ ଏତେ ଭାଙ୍ଗି ପଡିଲେ ହୁଏ—ଧର୍ଯ୍ୟ ଧରି ପଢିବାକୁ ହେବ—ତୋ ଚନ୍ଦ୍ରା ଜଡିତ ଆଖି ବିଶ୍ରାମ ନେଉଛି, ତୁ ସାମାନ୍ୟ ଶୋଇପଡ଼—ମୁଁ ଏ ବହିଟା ଶେଷ କରିବାକୁ ଶହେ ପୃଷ୍ଠା ବାକି ଅଛି—ଶେଷ ହୋଇଯିବା ସଙ୍ଗେ ସଙ୍ଗେ ତୋତେ ଉଠେଇ ଦେବି—

ଏ ପର୍ଯ୍ୟନ୍ତ ବି ସୁରମାଙ୍କର ସାହସ ହେଉନି—ବୁକୁର ଭାବ ଅପରି ଆଗେ ବାଢ଼ି ଦେବା ଲାଗି । ଅଭିନୟ ଛଳରେ ସୁଜାତାଙ୍କ କଥା ମାନି କିଛି ସମୟ ନୀରବରେ ପଡ଼ି ରହିଲେ ଶେଯ ଉପରେ···ମନରେ ଥିଲେ ଶାନ୍ତ ନାହିଁ—ପୁଣି ପୂର୍ବପରି ଆଉ ଥରେ ଡାକିଲେ—'ସୁଜାତା···'

ଆରେ ତୋର କ'ଣ ହୋଇଛି ଆଜି କାହିଁକି ବଡ଼ ଦୁର୍ବଳ ଜଣା ପଡ଼ୁଛୁ—ମୁଣ୍ଡ ବ୍ୟଥା ବନ୍ଦ ହୋଇନି ? ସାମାନ୍ୟ ଚିପି ଦେଲେ ବ୍ୟଥା ବନ୍ଦ ହୋଇଯା'ନ୍ତା—

ମୁଣ୍ଡବ୍ୟଥା ବନ୍ଦ ହୋଇଗଲାଣି ସେ ତୋ—ସତ୍ୱାତ କଥାବାର୍ତ୍ତା ଥିଲା ।

କହୁନୁ···ଚନୁଜାକୁ ଭୟ···

ନାଁ ମ, ଆଜିର "ରବିବାର ହାତଲେଖା" ପଢ଼ିଚୁ···?

ମୁଁ ଠିକ୍ ସେଇଆ ଭାବୁଥିଲି—ତୋ ମୁଣ୍ଡବ୍ୟଥାର କାରଣ ମୁଁ ବେଶ୍ ଅନୁଭବ କରୁଚି—ଏ ବ୍ୟଥା ଥରେ ଆରମ୍ଭ ହେଲେ ତାର ଆଉ ଶେଷ ନାହିଁ—ଶୁଣାଯାଏ ଏସବୁପରି ଆକସ୍ମିକ ଭାବରେ ତ ଆକୃଷ୍ଟ ହେବାକୁ ହୋଇଥାଏ—ମନସ୍ତାତ୍ତ୍ୱିକଙ୍କ ମତରେ ତୋ ଲାଗି ମଧ୍ୟ ଲେଖକଙ୍କ ବୁକୁରେ ବ୍ୟଥା ସୃଷ୍ଟି ହେବଣି—କେବଳ ତୋ ଠାରୁ ସେଇ କଥା ଶୁଣିବାକୁ ଏ ପର୍ଯ୍ୟନ୍ତ କିଛି କହୁ ନ ଥିଲି—ତୁ ବୋଧେ ସେଇ ଗପଟି ବିଷୟରେ ବର୍ତ୍ତମାନ ମୋର ମତାମତ ଲୋଡ଼ୁ ପାରୁ, ଘରେ ମୁଁ ଏବଂ ଭାଇ ପଢ଼ି ଥିଲୁ, ବେଶ୍ ଭଲ ହୋଇଛି ।

ତୁ ମୋତେ ଭୁଲ ବୁଝ୍‌ନା ସୁଜାତା—ସତରେ ସେ ଲେଖକଙ୍କ ଲେଖାଗୁଡ଼ିକ ମୋତେ ଭାରି ଭଲ ଲାଗେ—ବାସ୍ତବିକ୍ କି ନିଖୁଣ ପ୍ରକାଶ ଭଙ୍ଗି—ଭାବ ଭାଷା ଓ ଶୈଳୀ ଅତି ଜୀବନ୍ତ—ତୁ ତାଙ୍କର ଅନ୍ୟାନ୍ୟ ଲେଖାସବୁ ପଢ଼ିଚୁ···?

ପଢ଼ିଚି—କିନ୍ତୁ, ତାଙ୍କ ଲେଖା ମୋତେ ଯେପିକି ଉପଭୋଗ୍ୟ ବୋଧ ହେଉଛି, ହୁଏତ ଅନ୍ୟ କାହାକୁ ସେପରି ହେଉଥିବ କି ନା—ସେ ବିଷୟରେ ମୁଁ ବା କିପରି ମନ୍ତବ୍ୟ ଦେବି—ସାଧାରଣ ପାଠକ ପାଠିକାଙ୍କ ଅଭିମତ ମୁଁ ଏକାକୀ ଦେବା ସମ୍ଭବ କି······

—ନା ମୁଁ ସେକଥା କହୁନି—ସେ ଲେଖକଙ୍କ ଉପରେ ବ୍ୟକ୍ତିଗତ ଭାବରେ ତୋ'ର କି ଧାରଣା ସେଇଆ ଜାଣିବାକୁ ଚାହୁଁଚି ।

ସିଏ ସହୃଦୟ ନିଷ୍ଟୟ...

ସୁଜାତା, ଏଇମିତି ପଦେ ପଦେ କହିବା କ'ଣ ଯଥେଷ୍ଟ ହେଉଚି ? ସୁରମା ଅଧିକ ଆହତ ହୋଇ କିଛି କହି ପାରିଲେନି—

ସୁଜାତା ବେଶ୍ ଉତ୍ତର ଦେଇ ପାରୁ ଥା'ନ୍ତେ— କିନ୍ତୁ ସୁରମାଙ୍କ ଉତ୍କଣ୍ଠାକୁ ରୁପମନ୍ତ କରିବାକୁ ଯାଇ—ଛଳନା କରି ନାନାପ୍ରକାର ଉତ୍ତର ଦେଉଥା'ନ୍ତି—ବଡ଼ ଉପଭୋଗ୍ୟ ହେଉଥାଏ ମଜାଳିଆ କଥୋପକଥନ ଗୁଡ଼ିକ ।

ସୁରମା ଅଭିମାନିନୀ ରୂପାୟୁ ନରେ ପ୍ରଶ୍ନ କଲେ—ସୁଜାତା କହିବୁନି... ?

ଏକ ଅସମ୍ଭବ ପ୍ରଶ୍ନ ସୁରମା—ଲେଖକଙ୍କ ଗଳ୍ପ, କବିତା ଓ ପ୍ରବନ୍ଧ ଅନେକ ପଢ଼ିଚି—କେତେବେଳେ ମନେହୁଏ ସେ ଜଣେ ଜ୍ଞାନ ବୃଦ୍ଧ ସମାଜ ସଂସ୍କାରକ ହୋଇଥିବେ— କେତେବେଳେ ମନେହୁଏ ସେ ନିଷ୍ଟୟ ଜଣେ ବିଜ୍ଞାନ ଯୁଗର ସୁନ୍ଦର ଯୁବକ— କେବେ କେବେ ମନେହୁଏ ସେ ଜଣେ କୋମଳ କିଶୋର ନିଷ୍ଟୟ— ଆଉ କେତେବେଳେ ମନେହୁଏ ସେ ଜଣେ ଦୀନ ଦରିଦ୍ର—କେବେ-କେବେ ମନେହୁଏ ସେ ଜଣେ ସମ୍ଭ୍ରାନ୍ତ ପ୍ରଣୟୀ ଏବଂ କେବେ-କେବେ ମଧ୍ୟ ବିରହୀ ଭଳି ମନେହୁଏ—ଏଇମିତି କେତେ କ'ଣ ଧାରଣା କରିଯାଇ ପାରେ—କେବଳ ଲେଖକଙ୍କ ଲେଖାରୁ ତାଙ୍କ ଉପରେ କପରି ଗୋଟିଏ ନିର୍ଦ୍ଦିଷ୍ଟ ମନ୍ତବ୍ୟ ମୋଟାରୁ ଝୁହୁଁଚୁ ଭାବି ପାରୁନି...

ତା'ହେଲେ ତୁ ଆଉ କିଛି କହି ପାରିବୁନି ·· ?

କ'ଣ କହିଲେ ଯେ ତୋ ମନରେ ଶାନ୍ତି ଆସିବ ସୁରମା— ନାନା ଦୃଷ୍ଟିକୋଣରୁ ଜଣେ ଅପରିଚିତଙ୍କୁ ନେଇ ଯାହା କଳ୍ପନା କରିଯାଇ ପାରେ, ସେ ସବୁ ତ କହିଲି—ତାଙ୍କ ଲେଖାରୁ କିଏ ନିଶ୍ଚିତ କରି କହିବ ଯେ, ସିଏ ଜଣେ ନିହାତି ଅସୁନ୍ଦର ଓ ଗରିବର ସନ୍ତାନ

ନ ହୋଇଥିବେ ବା ନିହାତି ରୂପମନ୍ତ ସମ୍ଭ୍ରାନ୍ତବଂଶୀୟ କୁମାର ହୋଇ ନ ଥିବେ···

ଆଉ କ'ଣ ଭାବୁଚୁ ସୁଜାତା··· ?

ଚନ୍ଦ୍ରୁଜା ଏ ପର୍ଯ୍ୟନ୍ତ ନୀରବରେ ଉଭୟଙ୍କ କଥୋପକଥନ ଶୁଣି ଶୁଣି ମନେ ମନେ ବେଶ୍ ହସୁଥାନ୍ତି—ସୁଜାତାଟା ଏଡ଼ିକି ଫାଜିଲ୍, ସବୁ ଜାଣି ସୁରମାକୁ କପଟ ଫାନ୍ଦୁଛି ସତେ ! !

ଏଇ କ'ଣ ବନ୍ଧୁର କର୍ତ୍ତବ୍ୟ···!

ଆଗଭଉ ହୋଇ ସିଏ ସୁଜାତା ଉପରେ ବିରକ୍ତ ହୋଇ କହିଲେ—ତୁ ଟା ମୋଟେ ବାଟକୁ ଆସିବୁନ—ସେଇମିତି ଅବାଟରେ ଅବାଟରେ ଯାଇ ସୁରମାକୁ ସେଇ ବାଟକୁ ନେଇଯିବୁ—ଅବାନ୍ତର ଉତ୍ତରଗୁଡ଼ିଏ କାହିଁ ବାଛୁଚୁ କହିଲୁ··· ? ସିଏ କ'ଣ ପଗ୍ଳୁଚି ତୁ କ'ଣ ଏପର୍ଯ୍ୟନ୍ତ କିଛି ବୁଝିପାରୁନୁ—ଜଣେ କୁମାରୀର ଆତ୍ମ-କଥା ? ସିଏ ଲାଜରେ ସେନା କହିପାରୁନି ତୁ ସମବୟସୀର ଅଭାବ ଅନୁଭବ କରି ପାରୁନୁ···

ତୋତେ କିଏ ଏତେ କଥା କହୁଚି ଆମର ଦୁଇଜଣଙ୍କ ମଧ୍ୟରେ ଆଲୋଚନା ହେଉଥିଲା—ଏପର୍ଯ୍ୟନ୍ତ ପାଠ ପଢିଲା, ହେଡ଼ା ଶେଷ ହେଇଯିବାରୁ ଗୋଟିଏ ମତାନ୍ତର ସୃଷ୍ଟି କରି ସୁରମାକୁ ଆଉ ମେତେ ଅପଡ଼ କରିବା ସ୍ୱାର୍ଥ ଉଦ୍ଦେଶ୍ୟ । ନାଇଁଲେ ସୁରମା ତୁ ତା କଥା ଶୁଣୁନା—ଉପରେ ପଡ଼ି କଥା କହି ଦୁଷ୍ଟାମୀ ଆରମ୍ଭ କରିବାକୁ ଖାଲି ସୁଯୋଗ ଖୋଜୁଛି···

ସୁରମାଙ୍କ ମନରେ ଶାନ୍ତି ନାହିଁ – ତାଙ୍କର ସ୍ୱପ୍ନିଳ ଆଶାର କରଣୀ ମଉଳି ଯାଉଛି – ମନ ବିଷାକ୍ତ ଏବଂ ଜୀବନ ତିକ୍ତ ବୋଧ ହେଉଛି—ଏପର୍ଯ୍ୟନ୍ତ ଯାହା ଶୁଣିଛନ୍ତି ଯଥେଷ୍ଟ ନୁହେଁ । ସେ ନିଜେ ମଧ୍ୟ ଅନୁଭବ କରୁଛନ୍ତି ମନୋଭାବ ଖୋଲି ନ କହିଲେ ସୁଜାତାଙ୍କ-

ତାରୁ ଆକାଶ୍ୟକାସୁ ଉତ୍ତର ପାଇବା ଅସମ୍ଭବ—ତେଣୁ ସିଏ କହିଲେ—ସୁଜାତା, ଲେଖକଙ୍କର ଜୀବନ୍ତ କଳ୍ପନା ଓ ପ୍ରକାଶ ଭଙ୍ଗୀ ଲାଗି ଲେଖକ କ'ଣ ପୁରସ୍କାର ବା ପ୍ରଶଂସା ପାଆନ୍ତି ? ? ? ଏହା କ'ଣ ଲେଖକ କେତେବ ଲୋଡନ୍ତି ଏବଂ ଯେ କେହି ଯଦି ଦିଏ ଆଦର ସହକାରେ ଗ୍ରହଣ କରନ୍ତି···?

ନିଶ୍ଚୟ···ନିଶ୍ଚୟ···

କାହିଁ, ତୁ ପୁରସ୍କାର ଦେବୁକି ? ସେ ଅଧିକାର ଏ ପୃଥିବୀର ପ୍ରତ୍ୟେକ ବ୍ୟକ୍ତିବିଶେଷର ଅଛି—ଏଥିରେ ସଂକୋଚ କରିବାର କ'ଣ ଅଛି କହିଲୁ—ସମାଜ ବା ସଭ୍ୟତା କେହି ପ୍ରତିରୋଧ କରିବା କିମ୍ବା ଭୁଲ ବୁଝିବା ଉଚିତ ନୁହେଁ—ତାଙ୍କୁ ଆବିଷ୍କାର କରିବାରେ ମୁଁ ତୋତେ ନିଶ୍ଚୟ ସହଯୋଗ କରିବି—କିନ୍ତୁ, ତୁ କି ଉପହାର ଦେବୁ···?

ସୁଜାତା, ତୁ କ'ଣ ଭାବୁଚୁ କେବଳ ବସ୍ତୁ ଜଗତରେ ମୂଲ୍ୟବାନ ପଦାର୍ଥ ବ୍ୟତୀତ ସୃଷ୍ଟିରେ ଏପରି କିଛି ନାହିଁ ଯାହାକି ଉପହାର ଓ ପୁରସ୍କାର ଉପଯୋଗୀ···

ଓଃ, ତାହେଲେ ଚିଠି ଦେବୁ ଦିଏ ? ପହଞ୍ଚେଇ ଦେବି···

ତୁ ଭାରି ଦୁଷ୍ଟ ହେଲୁଣି ସୁଜାତା···

ବୁଝିଲୁ ସୁରମା, ଏ ଯୁଗରେ ମୋରି ଭଳି ଯିଏବି କହିଲେ ସିଏ ଦୁଷ୍ଟ; କେବଳ ମୁଁ କାହିଁକି ? ହଁ, ତୁ କହୁନୁ କ'ଣ ଦେବୁ—ଗଛର ଫୁଲ, ରିବନ୍ ନା ମନର ଫୁଲ—କ'ଣ ଦେବୁ କୁହ ? ଆରେ ସୁଜାତାକୁ ଲାଜ···। ତୋ ମୋ ମଧ୍ୟରେ ପ୍ରଭେଦ ଥିବାଭଳି ତ ମୁଁ କେବେ ଅନୁଭବ କରିପାରେ ନି—ଆଜି ଏ କ'ଣ ! କୁହ, ଯଦି ସଙ୍ଗୀତ ମୁଖର କଣ୍ଠର ଲାଳିମା, ନୃତ୍ୟରତା ନୂପୁରର ନିକ୍ୱଣ, ଆଖିର ନରମ କଥା କେତେପଦ ନା କୋମଳ ସ୍ୱେଦସିକ୍ତ ତନୁର ଲାଜୁଆ ସ୍ପନ୍ଦନ ସୂଚୀ—କୁହ ଯଦି ନିଜକୁ ଉପହାର ଦେବାକୁ ଚାହୁଁ

ତୋତେ ନେଇ ପହଞ୍ଚାଇ ଦେବ—ଜୀବନର ନୂତନ କଳ୍ପନା ଓ ସଂସାରକୁ ଚଳ ଯିବା ସୁରମା—କୁହ ତୁ କ'ଣ ଚାହୁଁ · ?

ଖୁବ୍ ଜୋରରେ ହସି ଉଠିଲେ ତନୁଜା, ଆଉ କେତେ ସମୟ ଅବା ଆତ୍ମସଂଯତ କରି ବହିଟାକୁ ଚାହିଁ ଚାହିଁ ବସିବେ—ସୁଜାତା ଉପରେ ବିରକ୍ତହୋଇ କହିଲେ—ତୁ କାହିଁ ସୁରମାକୁ ଏତେ ହଇରାଣ କରୁଚୁ କହିଲୁ—ବିଚାରା ପିଲାଟି ସଂଜ ବେଳୁ ଅକ୍ଷରଟିଏ ବି ପଢ଼ିନି—ଅସୁସ୍ଥ ମନକୁ ନେଇ କ'ଣ ବା ପଢନ୍ତା ! ସୁଜାତା, ଦୁଇଦିନ ପରେ ପରୀକ୍ଷା କିଛି ମୁଣ୍ଡକୁ ଜୁଟୁଛି ? ଗୋଟାଏ ଅଭିନବ ଅଧ୍ୟାୟର ବିଶ୍ଳେଷଣ ପଢ଼ିତ କଲା ନିଜର ମଧ୍ୟ ସେଇଥିରେ ହଜିଯାଉଛି ବୋଧେ—ତୁ କାହିଁ ସତ ସତ ଯାହା ଜାଣୁ କହି ଦେଉନୁ— ଶୁଣୁ ନା ଆଉ କିଛି ମତେ ତ ପଚାରୁନି—ନଇଲେ···

ସୁରମା ବ୍ୟତିବ୍ୟସ୍ତ···

ତାଙ୍କର ନିଷ୍ପ୍ରଭ ମୁଖର କାରୁଣ୍ୟରେ ସୁଜାତାଙ୍କ ପ୍ରାଣରେ ସମବେଦନାର ପ୍ରତିକ୍ରିୟା—ସେ ଅତି ନରମ-ଗଳାରେ ସମ୍ବୋଧନ କରି କହିଲେ—ସୁରମା ତୁ ମୋତେ ରାଗିବୁନି—ଏପର୍ଯ୍ୟନ୍ତ କେବଳ ଉତ୍କଣ୍ଠା ବଢ଼େଇବାକୁ ଯାଇ ଭୂମିହୀନ ଅନେକ ଅବାସ୍ତବ ଉତ୍ତର ଦେଇଛି, କ୍ଷମା ଦେବୁନି ? ଗାଳିଦିଏ ପଛେ ସହିବି—କିନ୍ତୁ, ତୋ ଦରଦ ଭରା ଅଭିମାନରେ ବଂଚି ପାରିବିନି—ପ୍ରକୃତରେ ସେ ଲେଖକ ହେଉଛନ୍ତି ତନୁଜାର ମାଉସୀଙ୍କ ପୁଅ ଭାଇ—ଶିକ୍ଷିତ, ରୂପବନ୍ତ···ସହୃଦୟ ଏବଂ ସମ୍ଭ୍ରାନ୍ତ ବଂଶୀୟ···ଆଉ ଯାହା ଜାଣିବାକୁ ଚାହୁଁ···ତା ବି କହୁଚି —ସେ ମଧ୍ୟ ଅବିବାହିତ···। ଆଉ କ'ଣ ଚାହୁଁ···?

ତନୁଜାଙ୍କ ଆଗରେ ନିଜର ଦୁର୍ବଳତା ବାଢ଼ିଦେଇ ସୁରମା ବିବ୍ରତ ହୋଇ ପଡ଼ୁଛନ୍ତି – କାଳେ ସିଏ ତାଙ୍କର ଭାଇଙ୍କୁ କହିଦେବେ—ସେଇକଥା ଲାଗି ଲାଜୁଆ ଚାହାଣି ଚାହିଁ, ତାଙ୍କ ନିଭୃତ ମନର ନଗ୍ନ

ଶରୀରକୁ ଘୋଡ଼ାଇ ଦେବା ଲାଗି ସୂରମା ଅଧର ଧାରରେ ଅନୁରୋଧ ବାଢ଼ୁଥାନ୍ତି ସେ·····

ସେଇକଥା ବୁଝିପାରି···

ତନୁଜା କହିଲେ—ବୁଝିଲୁ ସୁରମା—ସମବେଦନା ମୋ ମନ କଣ୍ଠରେ ନାହିଁ—ମୋର ଦୟାର୍ଦ୍ର ହୃଦୟ ନୁହେ—ଆଜ ଯାହାସବୁ ଦେଖିଚ, ଶୁଣିଚ, ସବୁ ଲେଖି ଗୋଟିଏ ଚିଠି ଭାଇଙ୍କ ପାଖକୁ ପଠେଇ ଦେବ—ସିଏ ବିବାହ କରିବେନି ବୋଲି ଶପଥ କରିଥିଲେ ସିନା—କିନ୍ତୁ, ତୋର ମସୃଣ ମାଳ ଉରସ୍ୟ, ଅସଂଯତ କେଶ ବିନ୍ୟାସ, ଭାଷାବୋଲା ଚନ୍ଦ୍ରା ଜଡ଼ିତ ମୃଗ ଆଖି, ଲୋଭନୀୟ ତନୁଶ୍ରୀ ଓ ମମତା ତଳେ ତାଙ୍କର ସେ ଶପଥ, ନଷ୍ଟପ୍ରୟ ହଟେଇ ବସିବେ—ତାଙ୍କ ଜୀବନରେ ତୋରି ସ୍ଥାନର ଅଭାବ ଥିଲା—ସଙ୍ଗୀତ ମୁଖର କଣ୍ଠର ଲୀଳମାରେ ଲେଖା ଆହୁରି ଜୀବନ୍ତ ହୋଇ ଉଠିବ··· ତୋ ଭଳି କଳା ପ୍ରିୟାର ପ୍ରେରଣା···କ'ଣ କହିବ ଲେଖିକାର ନୁହେଁ—ଭାଷା ଓ ଭାବର ଅଭାବ—ନଚେତ୍······

ସୁଜାତା, ତୁ ଯଦି ଯିବୁ, ଆସେ—ଅନେକ ରାତି ହେଲାଣି—ଖାଇସାରି ଆଜ ନଷ୍ଟପ୍ରୟ ଭାଇଙ୍କ ପାଖକୁ ମୋ ମନୋମିତ ଭାଉଜଙ୍କ ମନକଥା କେତେପଦ ନ ଲେଖିଲେ ଶୋଇବନି··ନମସ୍କାର ଭାଉଜ, ···ଓଃ ଭୁଲ ହେଲା—ଶୁଭ ରାତି ଭାଉଜ···ଆସୁଚି··· ଗାଳି ଦେଉଥିବେ···

ସୁଜାତା ଓ ତନୁଜା ଉଭୟେ ହାତ ଧରାଧରି ହୋଇ ଉତ୍ଫୁଲ୍ଲିତ ଚିତ୍ତରେ ନାଚି ନାଚି କୋଠରୀରୁ ବାହାରି ଯାଉଛନ୍ତି—ତନୁଜାଙ୍କର ଏକା ଚିନ୍ତା ସେ ନଷ୍ଟପ୍ରୟ ଭାଇଙ୍କ ପାଖକୁ ଠିକ ନଖ ସବୁ ଖୋଲି ଲେଖିବେ....

ସୁରମା ନିଜର ଅସଂଯତ ମନଲାଗି ଲାଜରେ ଶିହରି ଉଠୁଛନ୍ତି—ଅବିବାହିତ ଲେଖକ କ'ଣ ଭାବିବେ ସତେ···

ତନୁଜା ଏବଂ ସୁଜାତା ଥରେ ଥରେ ଫେରି ଗୃହଁ ଆଗେଇ ଚାଲିଛନ୍ତି···

ଉଭୟଙ୍କ ପୃଷ୍ଠଦେଶରୁ ସୁରମାଙ୍କର ଅସଂଖ୍ୟ ମିନତି, ଲେଖିବୁନି ତନୁଜା, ଛୋଟେ ମୁଅଲ୍ମଣ···ଛୋଟେ ମୁଅଲ୍ମଣ ତନୁଜା... ତନୁଜା...

ସ୍ରଷ୍ଟାରୁ ଭାସି ଆସୁଚି ଉଚ୍ଛୁଳା ହସର ଢେଉ···

ତନୁଜା କ'ଣ ସତରେ ଲେଖିବ ? ଅନୁରୋଧ ରଖିବନି ?? ପତ୍ରାରେ ମନ ଲାଗୁନି – ମନ କକ୍ଷଚ୍ୟୁତ ଭଳି ବୋଧ ହେଉଚି – ଆଉଥରେ ପଢ଼ି ବସିଲେ ସେଇ ଗପଟି ସୁରମା – ସଂପାଦକଙ୍କ ନିକଟକୁ ପ୍ରଶଂସା ପତ୍ରଟିଏ ଲେଖିବାକୁ ଇଚ୍ଛା ହେଲା – କିନ୍ତୁ, କାଳେ କିଏ ସନ୍ଦେହ କରିବେ – ସେଇଥିଲାଗି ଲେଖିଲେ –

'ରବିବାର ହାତଲେଖା'ର ସଂପାଦକ ମହାଶୟ,

ଏ ସଂଖ୍ୟାର ଗପଟି ପଢ଼ିଲି—କିନ୍ତୁ, ସାହିତ୍ୟ ସୃଷ୍ଟି ନାଁରେ ଦାମ୍ପତ୍ୟ ଜୀବନକୁ କାହିଁକି ଅବହେଳା କରାଯାଇ ନାରୀ ଚରିତ୍ରକୁ ଏପରି ବିକଳାଙ୍ଗ ଭାବରେ ସମାଲୋଚନା କରାଯାଇଛି ବୁଝିପାରିଲିନି—ଲେଖକଙ୍କ କଳାକୁ ପୂଜା କରିବା ବୈଧାନିକ—କିନ୍ତୁ ନାରୀ କୁଆଡ଼େ ଛଳନାମୟୀ, ଆପେକ୍ଷିକା, ଅଭିନୟପ୍ରିୟା, କୁଟିଳା ଏବଂ ଶସ୍ତା ଖେଳନା, ତାର ରଙ୍ଗିନ ମମତା ଓ ବନ୍ଧନ ବଡ଼ ଶକ୍ତ—ସେ ସ୍ୱାମୀର ଖୋଜପାରେ, କିନ୍ତୁ ଅବିଶ୍ୱାସୀ, ସନ୍ଦେହୀ ଏବଂ ଦୁର୍ବଳ ତା'ର ଅନୁତାପ, ଅଶ୍ରୁ ଓ ଦରଦ—ସବୁ କିଛି ଛଳନା—ଯାହାର ମାଟି ପ୍ରତି ମମତା ନାହିଁ—ଯିଏ ସମାଜ-ସଂସ୍କୃତିକୁ ଭସ୍ମ କରିବା ଅପେକ୍ଷା ସ୍ୱାର୍ଥକୁ ଶୀର୍ଷ ସ୍ଥାନ ଦେଇପାରେ, ସେ ମଣିଷକୁ ଭଲ ପାଇବା ଗୋଟାଏ ଦୁଃସ୍ୱପ୍ନ—ସେ ଇନ୍ଦ୍ରଧନୁ ଭଳି ଆକାଶ ଗୁହାରେ ମିଳେଇ ଯାଉ—ଆନନ୍ଦରେ ହସି ହସି ଗାଳିକ ଖୁସି ହେବେ ।

ତର କୁମାରଙ୍କ ପୁଣ୍ୟ ପ୍ରାଣର ପବିତ୍ରତାକୁ ସମ୍ମାନ ଦେଖାଇବ —କିନ୍ତୁ ତୀବ୍ର ସମାଲୋଚନାରେ ଅନ୍ଧ ଭଳି ସ୍ୱାକ୍ଷର କରି ଦେବନି —ମୁଁ ସେ ଲେଖକଙ୍କର ଏଭଳି ଲେଖାକୁ ପ୍ରତିବାଦ କରୁଛି···

ଆପଣଙ୍କର

ସୁଲତା···

କଟକ

ଚିଠିଟି ଲେଖିସାରି ଥରେ ପଢ଼ି ବସିଲେ ସୁରମା— ନିଜର ନାମ ପରିବର୍ତ୍ତେ 'ସୁଲତା' ଦେଇଛନ୍ତି – ଭଲ ହୋଇଛି—କିନ୍ତୁ ଚିଠିଟି ନିହାତି ଶୁଷ୍କ ଏବଂ ନୀରସ ବୋଧ ହେଲା—ଲେଖକ ଓ ସମ୍ପାଦକ କଣ ମନେ କରିବେ ସତେ···! ଚିଠିଟି ଚିରିଦେଲେ ସୁରମା ।

ମନ ବୁଝିନି—ପୁଣି ଲେଖିଲେ—

ଦ୍ୱିତୀୟ ଚିଠି···

'ରବିବାର ହାତ ଲେଖା'ର ସମ୍ପାଦକ ମହାଶୟ,

ଏ ସଂଖ୍ୟାର ଗପଟି ପଢ଼ିଲି—ସେଇ ଲେଖକଙ୍କର ପୂର୍ବରୁ ଅନେକ ଲେଖା ପଢ଼ିଛି—କିନ୍ତୁ ଏ ଧରଣର ଲେଖା ପ୍ରକାଶ କରିବାର ବିଶେଷତ୍ୱ କିଛି ଉପଲବ୍ଧି କରି ପାରୁନି—ସାହିତ୍ୟର ଯେ ଭବିଷ୍ୟତ କଣ ହୋଇପାରେ, କଳ୍ପନା କରି ପାରୁନି—ଏ ପ୍ରକାର ନୀଚ ଧରଣର ଲେଖାକୁ କିପରି ଯେ ପ୍ରଶ୍ରୟ ଦେଉଛନ୍ତି ସେଇ କଥା ଭାବୁଛି—ନିହାତି ବାଜେ ଲେଖା—ଏଇ କ'ଣ ସମ୍ପାଦନାର ମୂଲ୍ୟ ?

ଇତି—

···କେହି ଜଣେ ପାଠିକା···

ଦ୍ୱିତୀୟ ଲେଖାଟି ପଢ଼ି ନିଜ ମନ ଓ ବୁକୁରେ ଆଘାତ ଲାଗିଲା···ଅବୁଝା ମନଟି···

ପୁଣି ଲେଖିଲେ···

'ରବିବାର ହାତଲେଖା'ର ସମ୍ପାଦକ ମହାଶୟ,

ବାସ୍ତବିକ ସାହିତ୍ୟିକର କର୍ମନିଷ୍ଠା ଓ ପୃଥିବୀକୁ ଦାନର ମୂଲ୍ୟ କେତେ ବୁଝନ୍ତି ନାହାନ୍ତି—ଏ ସଂଖ୍ୟାର ଗପଟି ପଢ଼ି ଭାରି ଖୁସି ହେଲି—ସତରେ ନିହାତି ଭଲ ହୋଇଛି—ଲେଖକଙ୍କ କଳ୍ପନା ସୀମନ୍ତରେ ସିନ୍ଦୂର ଦେଇ ପୂଜା ବାଢ଼ିବାକୁ ଇଚ୍ଛା ହେଉଛି— ମୋ ପ୍ରଶଂସା ଯେ ତାଙ୍କ ଲେଖନୀକୁ କଳଙ୍କ କରିବ, ତା ମୋର ବିଶ୍ୱାସ ନାହିଁ—ତଥାପି ଏ ପ୍ରଶଂସା ଯଦି ତାଙ୍କ ନିକଟରେ ପହଞ୍ଚି ପାରିଲେ ବିଶେଷ ଖୁସି ହୁଅନ୍ତି—

ଅନେକ ରାତି ହେଲାଣି···ଶୋଇବାକୁ ଯାଉଚି···

ନମସ୍କାର ବାଢ଼ିଦେଇ ।

ଆପଣଙ୍କର

ସୁରମା···

କାଳୀଗଳି,

କଟକ—୨

ଯେତେ, ଏ ଖୋଲା ଚିଠିଟି ପଢ଼ି ସମ୍ପାଦକ ଏବଂ ଲେଖକ କଣ ଭାବିବେ ସତେ ! ଠିକ ଠିକ କରି ଚିଠିଟି ସନ୍ଦେହରେ ଚାହୁଁଛନ୍ତି ସୁରମା—ପୁଣି ମନେ ପଡ଼ିଲା ତନୁଜାଙ୍କ କଥା—'ମୁଁ ନିଶ୍ଚୟ ଲେଖିବି ସୁରମା—ଏବୁ କିଛି ଠିକ ନଥି କରି ଲେଖିବି— ତୋ ଅନୁରୋଧ ରଖି ପାରିବିନି···ନିଶ୍ଚୟ ଲେଖିବି···'

ହଠାତ୍ ଯନ୍ତ୍ରଚାଳିତ ଭଳି ନିଜର ବିବେକର ଅଲକ୍ଷ୍ୟରେ ଝରକା ନିକଟକୁ ଧାଇଁ ଯାଇ, ତନୁଜାଙ୍କ ଘର ଆଡ଼କୁ ଦୃଷ୍ଟି ରଖି ଚିତ୍କାର କରି ଉଠିଲେ ସୁରମା—ତୋତେ ମୁଁ ଚିହ୍ନିଲି ତନୁଜା, କିଛି ଲେଖିବୁନି···ତନୁଜା, ତୋତେ ମୁଁ ଚିହ୍ନିଲି...ତନୁଜା···! ! !

# ଜଙ୍ଗଲୀ

···ଏ ଯେଉଁ ବାଦଲ ଖଣ୍ଡେ ଭାସି ବୁଲୁଛି, ଅଦୂର ପାହାଡ଼ରେ ବାଧା ପାଇ ହୁଏତ ବର୍ଷା ହୋଇପାରେ···

ହାତରେ କଲମ, ଆଗରେ ଅଲେଖା ପୃଷ୍ଠା—ମନରେ ଅସଂଲଗ୍ନ ଭାବନା—ଦୃଷ୍ଟି ଦିଗ୍‌ବଳୟ ଉପରେ···

ଅନେକ ଦିନରୁ ମାନ ଅଭିମାନ ଓ ଗାଳି ସହିବାକୁ ହୋଇଛି - ଯେକୌଣସି ମତେ ଅନ୍ତତଃ ଗୋଟାଏ କିଛି ଲେଖିବାକୁ ହେବ ।

କାହା କାମ ପ୍ରଥମେ ଏବଂ କାହାର ପରେ ଏ ବିଷୟ ଚିନ୍ତା କରିବାକୁ ପଡ଼ିଲା—ଆଖି ଆଗରେ ଥିବା ତିନିଜଣଙ୍କ କାମ ନିଶ୍ଚୟ ପ୍ରଥମେ କରିବାକୁ ହେବ ।

ମୋହନ କହିଥିଲା—ସେ କୁଆଡ଼େ ଏବେ ଗୋଟିଏ ଟ୍ୟୁସନ୍ କରୁଛି—ଗୃହିଣୀଟିର ତା ସହିତ ସମ୍ବନ୍ଧ ବଢ଼ି ଚାଲିଛି - ସେ ସମସ୍ତ ପ୍ରକାର ସୂଚନା ଦେଉଛି—କିନ୍ତୁ, ମୋହନର ସନ୍ଦେହ ହେଉଛି କାଳେ କିଛି ବିପଦ ଆସିଯାରେ—ଯଦି ଗୃହିଣୀଙ୍କ ଛଳନାରେ ନାନା ପ୍ରକାର ପରିସ୍ଥିତି ସୃଷ୍ଟି କରୁଥିବ !! ଉଭୟଙ୍କ ଚିନ୍ତାଧାରାକୁ କେନ୍ଦ୍ରକରି କବିତାଟିଏ ଲେଖାଯିବ ।

ଦ୍ୱିତୀୟ ବନ୍ଧୁ ଧୀରେନ୍ କହୁଛି—ଡାକ୍ତର ବିଶ୍ୱରୂପ ଏବଂ ଷ୍ଟୁଡେଣ୍ଟ ନର୍ସ ଶିଖର ବାସିମାର ପ୍ରଣୟ ଏବଂ ଉଭୟଙ୍କର ଝଡ଼ ଝଞ୍ଜାକୁ ଆଧାର କରି ଗପଟିଏ ଲେଖିବାକୁ ହେବ ।

ତୃତୀୟ—ବନ୍ଧୁ ପ୍ରିୟା କହୁଛି—ତାର ବଂଧୁ ସ୍ନେହଲତା ଏବଂ ବର୍ତ୍ତମାନ ଆଇ; ପି, ଏସ, ଟ୍ରେନିଂ ପାଉଥିବା ମାନସ ରଞ୍ଜନଙ୍କର ଚିଠି ଦିଆନିଆ ଏବଂ ବିବାହ ପ୍ରତି ଉତ୍କଣ୍ଠା ଇତ୍ୟାଦିକୁ ନେଇ ଜୀବନ୍ତ ଭାବରେ ଗପଟିଏ ଲେଖିବା ଦରକାର—ଆଜି ମଧ୍ୟ ସେ

ଗପଟି ରବିବାର ପ୍ରଜାତନ୍ତ୍ର ବା ଆସନ୍ତାକାଲି ପୂଜା ସଂଖ୍ୟାରେ ଯେପରି ନିଶ୍ଚୟ ପ୍ରକାଶ ପାଇବ—ସେ ଏବଂ ତାର ବନ୍ଧୁମାନେ ବଡ଼ ଆଶାରେ ରହିଁ ରହିଛନ୍ତି—ନଚେତ୍...

ଚତୁର୍ଥ ଅନୁରୋଧ ମିଷ୍ଟର ଯାଯାବରର । ସେ କହିଛି—ବାରବାଟୀର ଅଳ୍ପ ଦୂରରେ ଗୋଟିଏ କଚ୍ଚା ରାସ୍ତା ତାରି ନିକଟରେ ଜଜ୍ ଦୁର୍ଗା ପ୍ରସାଦଙ୍କ ଘର—ସେଠାକୁ ସେ ପ୍ରତ୍ୟେକ ଦିନ ଯାଏ—ଦୁର୍ଗା ପ୍ରସାଦଙ୍କର ଛ'ଝିଅ—ସେମାନଙ୍କ ମଧ୍ୟରେ ଜଙ୍ଗଲୀ ସବୁଠାରୁ ସୁନ୍ଦରୀ—ତାର ଅସ୍ଫୁରନ୍ତ ଯୌବନ ଏବଂ ଉପଭୋଗ୍ୟ ଚଞ୍ଚଳତା ଓ ଆଖିର ମାଦକତା ସ୍ୱୟଂ ବିଶ୍ୱକର୍ମାଙ୍କ କଠିନ ହୃଦୟକୁ ମଧ୍ୟ ତରଳାଇ ଦେଇପାରେ—

ସେଇ ଝିଅଟିକୁ ନେଇ ଗୋଟିଏ ଗପ—ସେ ଝିଅର ଜଣେ କଲେଜ ଛାତ୍ରଙ୍କ ସହିତ ଭଲ ବନ୍ଧୁତା ଅଛି—ଯୁଗର ଲହଡ଼ି ସହିତ ତାଳ ରଖି ଉଭୟଙ୍କ ମନର ମୟୂର ନୃତ୍ୟକରେ—

ଜଙ୍ଗଲୀର ବଡ ଭଉଣୀଙ୍କର ବନ୍ଧୁ ଉପାଲୀ ପଚାରନ୍ତି—ଜଙ୍ଗଲୀ, ତୁ ତ ଅରୁଣକୁ ଭଲପାଉ—ସେ ଯଦି ତୋତେ ବିବାହ ନ କରେ ?

ଜଙ୍ଗଲୀ କୁହେ—ଅରୁଣବାବୁ କେବେ ହୃଦୟହୀନ ହୋଇ ପାରିବେନି—

ଉପାଲୀ କହନ୍ତି—ସେତ ଭିନ୍ନ ଜାତିର, ସମାଜ ପ୍ରତିରୋଧ କରିବନି ?

ଜଙ୍ଗଲୀ କୁହେଁ—ପ୍ରେମ ନିକଟରେ ଜାତିଗତ ପ୍ରଭେଦର ସ୍ଥାନ ନାହିଁ । ମଣିଷ ଜୀବନରେ ଥରେ ଏବଂ ଜଣକୁ ଭଲପାଏ—ପରିସ୍ଥିତି ଦୃଷ୍ଟିରୁ ଅନ୍ୟ ସହିତ ବିବାହ କରି ଦୁନିଆର ଶାନ୍ତି ଲାଗି ଅଭିନୟ ପସନ୍ଦ କରେନି— ତାହା ମୋ ପକ୍ଷେ ଅସମ୍ଭବ । ସମସ୍ତ

ବନ୍ଧନ ଏଡ଼ି ଦେଇ କଲ୍ୟାଣୀ ଯେପରି ନିଜର ସହଯୋଗୀ ନିଜେ ବାଛି ପାରୁଛି, ମୁଁ ଯଦି ସେଇଆ କରେ କ୍ଷତି କ'ଣ ?

ଉପାଳୀ କହନ୍ତି, ସେ ଯଦି ଭୁଲିଯାଏ···

ଜଙ୍ଗଲୀ ହସି ହସି ଜବାବ ଦିଏ—ଅପା, ଏଇଆ ବୁଝି ପାରୁନ, ମୋତେ ପୁଣି ବୁଝାଇବାକୁ ପଡ଼ିବ ? ଯେଉଁ ଚିଠି ଓ ଫଟୋ ଗୁଡ଼ିକ ସାଇତି ରଖିଛି, ସେ ସବୁର କଣ କିଛି ମୂଲ୍ୟ ନାହିଁ ? ତାଙ୍କ ବିପକ୍ଷରେ କେଶ୍ କରି ହେବନି ? ଜଙ୍ଗଲୀ ପୁଣି ହସିଉଠେ···

ଉପାଳୀ, କାନ୍ତି, ଯାସ୍ମି, ଊଷା ଏବଂ ପୂରବୀ ହସନ୍ତି—ବଡ଼ ଅଦ୍ଭୁତ ଉତ୍ତର—ବାସ୍ତବିକ ସରଳତାର ଗୋଟିଏ ଜୀବନ୍ତ ପ୍ରତିମୂର୍ତ୍ତି ଏଇ ଜଙ୍ଗଲୀ—ଧିନେ ଧିନେ କାନ୍ତି କୁହନ୍ତି—ଜଙ୍ଗଲୀ, ତୋର ବେଶଭୂଷା ଏବଂ ଅଳସଭରା ଆଖିର ଅଭିନୟ ଦେଖିଲେ ମନ ଯେ କଣ ହୋଇଯାଏ—ମୁଁ ଯଦି ଝିଅ ନ ହୋଇ ଥାନ୍ତି···

ଜଙ୍ଗଲୀ ଉନ୍ମାଦିନୀ ପରି ମନମତାଣିଆ ହସ ହସି କୁହେ—ଏଇ ଆଖିରେ ଶହ ଶହଙ୍କୁ ନଚେଇ ପାଙ୍କିଦେଇ ପାରେ—ତୁମେତ ଜଣେ···

ମଜା ଗପରେ ଅସଂଖ୍ୟ ଦିନ ବିତିଯାଏ—

ଏହିପରି ଅସଂଖ୍ୟ ପ୍ରଶ୍ନୋତ୍ତର ରୂପ ନିଏ। ଆଜି କିନ୍ତୁ ଜଙ୍ଗଲୀ ଭାଗ୍ୟବାଦୀ ହୋଇପଡ଼ିଚି। ଜ୍ୟୋତିଷ ଯେଉଁ ମୁହୂର୍ତ୍ତରୁ ଭବିଷ୍ୟତ କଥା କହିଥିଲେ—“ବିବାହ ଅନ୍ୟ କେଉଁଠାରେ ହେବ”—ସେଇ ଅଭିଶପ୍ତ ମୁହୂର୍ତ୍ତରୁ ଜଙ୍ଗଲୀ ମନର ସ୍ୱାସ୍ଥ୍ୟ ଭଲ ନାହିଁ—ସେ ବଡ଼ ଦୁର୍ବଳ ହୋଇ ଚିଠି ଲେଖୁଚି ଅରୁଣ ନିକଟକୁ—ନିହାତି ଭାଗ୍ୟବାଦୀ ଜଙ୍ଗଲୀ ! ତାର ଆଶା ନିଷ୍ପ୍ରଭ ଏବଂ ଆଶଙ୍କାପୂର୍ଣ୍ଣ। ତଥାପି ନିଜ ମନର କ୍ଷତ ବିନ୍ଦୁ ଗହଣରେ ବାଡ଼ି ଦେବାକୁ

ପସନ୍ଦ କରୁନ ସେ—ଯଦି ଅରୁଣ ନିକଟରେ ଥା'ନ୍ତେ···ସିଏ ହୁଏତ ତା ମନକଥା···

ସେଇ ଜଙ୍ଗଲୀକୁ ନେଇ ଗୋଟିଏ ଗଳ୍ପ—ଯଦି ଆଜି ଶେଷ ନ ହୁଏ ଯାଯାବର ମତେ ମେସ୍‌ରେ ଖୁବ ଅସୁବିଧାରେ ପକାଇବ।

ଏଇ ବର୍ତ୍ତମାନ ମୋ ସାଇକେଲରୁ ପମ୍ପ ଖୋଲୁଚି···। ଭାରି ଦୁଷ୍ଟ, ତା କାମଟି ଶେଷ ନ କଲେ ସେ କିଛି କରେଇ ଦେବନି।

ଗପ ତ ହଠାତ୍ ମନରେ ଆଙ୍କି ହୋଇଯାଏନି—ପାଖ କକ୍ଷରେ ଅନ୍ୟ ବନ୍ଧୁମାନେ ବସି ଗପ ଜମେଇଛନ୍ତି—ନାନା ଗୋଳମାଳ ଲାଗିଛି, ଏ ପରିସ୍ଥିତି ଆଉ ଗପ ରଚନା ଦୁଇଟା ପରସ୍ପର ବିରୋଧୀ—ତଥାପି ଉପାୟ ନାହିଁ···

ଶେଯଟିକୁ ବେଶ୍ ଭଲ ଭାବରେ ଝାଡ଼ାଝୁଡ଼ି କରି ଆରାମରେ ଟିକିଏ ଶୋଇ ଚିନ୍ତା କଲି କିପରି ଲେଖିଲେ ଗପଟି ଭଲ ହେବ—ପତ୍ରିକା ମାଧ୍ୟମରେ ପାଠକମାନଙ୍କୁ ଉପଭୋଗ୍ୟ ବୋଧହେବ—ଅଧ ଘଣ୍ଟାଏ ଗଡ଼ିଗଲା—ତଥାପି କିଛି ଉନ୍ନତ ପରିକଳ୍ପନା ସୃଷ୍ଟି କରି ପାରିଲିନି—ତକିଆରେ ମୁହଁ ମାଡ଼ି ଶୋଇ ପଡ଼ିଲି—ପୂଜାରୀ ଖାଇବାକୁ ଡାକିଲା—ତା ଉପରେ ବିରକ୍ତ ହୋଇ ପୁଣି ଶୋଇ ପଡ଼ିଲି—ନିଦ ହୋଇ ଯାଇଚି···

ରାତି ସାତ—ଖିଆପିଆର ଧୂମ୍‌ଧାମ୍ ସରି ସବୁଆଡ଼ୁ ନିସ୍ତବ୍ଧ ହେଲା ପରେ ମୋ ଶୋଇଲା ଘରକୁ ପଶି ଯାଇ ଦେଖେତ ଜଙ୍ଗଲୀ କୋଠରୀର ଗୋଟିଏ କଣରେ ବସି କାନ୍ଦୁଚି—ଦୁଃଖ ଲାଗିଲା—ଆଶ୍ଚର୍ଯ୍ୟ ହେଲି—ଏ କି ପରିବର୍ତ୍ତନ !! ଅଯତ୍ନ ବେଶ-ଭୂଷା—ଭୁଲ ଚଳପ ଓ କୁସନ ଚେୟାରର ଗୁଡ଼ ଭୁଙ୍କଟାରେ ବସି ଜଙ୍ଗଲୀ କାନ୍ଦୁଛି। ତା ବୁକୁ ତଳର କେଉଁ କୋଣରେ ଯେ ଆଘାତ ବାଜିଛି, ଜାଣିବାକୁ ଉତ୍କଣ୍ଠିତ ହୋଇ ଉଠିଲି—

ମନଟା ଘୋର ଦୁର୍ବଳ ଲାଗିଲା—ଡାକିଲି, ଜଙ୍ଗଲୀ—ସେ ନିରୁତ୍ତର—ମନ ବୁଝିଲାନି, ପୁଣି ଥରେ ଡାକିଲି, ଜଙ୍ଗଲୀ—ତଥାପି ସେ ନୀରବ। ଶେଷରେ ବାଧ୍ୟ ହୋଇ ନିକଟକୁ ଲାଗିଯାଇ ତାର କୋମଳ ହାତ ଦୁଇଟି ଧରି ଯେତେବେଳେ ପଲଙ୍କ ଉପରେ ବସିବାକୁ ଡାକେ, ଅଦ୍ଭୁତ ଝଡ଼ ବତାସ ଭଳି ଲୁହ ଆଉ କୋହର ପ୍ରତିଧ୍ୱନିରେ ସେ କୋଠରୀଟି ଭରି ଗଲା। ମୋତେ ବାରମ୍ବାର ମନାକଲା, ତାକୁ ନ ଛୁଇଁବା ପାଇଁ ମିନତି ବାଢିଲା—କାରଣ ପଚାରିବାରୁ କିଛି କହିଲାନି। ଅଧିକ ଅସ୍ଥିର ହୋଇ ଗ୍ଲୋଟ ଛୁଆଟିଏ ଭଳି କୋହ ଉଠାଇ କାନ୍ଦିଲା···

ଅନ୍ୟ କୋଠରୀରେ ଧାଈର ନିଦ ଭାଙ୍ଗିଲା। ସେ ଆସି କବାଟରେ ଧକ୍କା ମାରିଲା। ମୁଁ କବାଟ ଖୋଲିଲି—ଧାଈ କୋଠରୀରେ ପ୍ରବେଶ କରି ତାର ଜେମାଙ୍କ ପାଖକୁ ଲାଗିଗଲା। ବୋଉ ଏବଂ ସ୍ୱଜନ ମଧ୍ୟ ସେତିକି ବେଳକୁ ଉଠିଥିଲେ। ରାତି ଖୁବ୍ କମ୍ ଥାଏ—ଗାଦଧାଇ ଯିବାର ବେଳ—ମୁଁ ସେଠାରୁ ଚାଲିଗଲି।

ଜଙ୍ଗଲୀର ପରିବର୍ତ୍ତନରେ ମନ ମଧ୍ୟରେ ନାନା ଅଶାନ୍ତି ଏବଂ ଆଶଙ୍କା ନେଇ ନିଦ ହୋଇଗଲା···

ତହିଁଆର ଦିନ ଧାଈ ଗୋଟିଏ ଚିଠି ନେଇ ଆସିଲା। ପଢିଲି···ଜଙ୍ଗଲୀ ନିଜ ହାତରେ ତା ବୁକୁତଳର ସମସ୍ତ କଥା ଖୋଲି ଲେଖି ଦେଇଛି। ଝିଅ ହୋଇ ବି ଲାଜ ସଂକୋଚ ସବୁ କିଛି ଏଡ଼ି ଦେଇ ତାର ସମସ୍ତ କିଛି ବାଢି ଦେଇ ପାରିଲା ମୋ ଆଗରେ···ଜଙ୍ଗଲୀ ଲେଖିଥିଲା···

ପୂଜ୍ୟ—

ମୋ ଦୋଷ ଦୁର୍ବଳତାରେ ଆପଣଙ୍କ ନିଷ୍କଳଙ୍କ ଚରିତ୍ରକୁ କାଳି ଘୋଷିଦେବା ମୋର କର୍ତ୍ତବ୍ୟ ନୁହେଁ। ମୋ ଜୀବନରେ ମୁଁ

ଅନେକଙ୍କୁ ହତାଶ କରିଛି । ଅନେକଙ୍କ ପାଇଁ ବୁକୁ ଫଟା ବହୁତ କାନ୍ଦିଛି । ମୋ ମନର ବିଜନମସ୍ଥ ଅନେକଙ୍କ ସଞ୍ଚିତ ହୋଇଛି । ମୁଁ ଅନେକଙ୍କୁ ଭଲ ପାଇଛି । ମୋ ଯୌବନକୁ ପଳ ପଳ କରି ଉପଭୋଗ କରିବାକୁ ମୁଁ ତିଳେ ହେଲେ ପଛେଇନି । ମୋତେ ଆପଣ ଲକ୍ଷେ ଶେଯର ନାୟିକା ବା ଗଣିକା ବୋଲି ଆଖ୍ୟା ଦେଇ ପାରନ୍ତି । ଆପଣଙ୍କୁ ବିବାହ କରି ମୁଁ ଭାଗ୍ୟବତୀ ବୋଲି ମନେ କରୁଛି । କିନ୍ତୁ ଆପଣଙ୍କ ଭବିଷ୍ୟତକୁ ଚାହିଁଲେ ମୋତେ ଦୁନିଆ ଅନ୍ଧାର ଦିଶେ । ମୋ ବିଷୟରେ ଆପଣ ନାନା କଥା ଶୁଣିବାକୁ ପାଇଥିବେ—କେମିତି ଯେ କି ଦୁର୍ଭାଗ୍ୟରେ ମୋ ସହିତ ବିବାହ କରିବାକୁ ରାଜି ହେଲେ, ସେ ବିଷୟ ବର୍ତ୍ତମାନ ମୁଁ ଭାବୁଛି ଆପଣ ଯେ ଘର ସଂସାର କରି ସୁଖ ଶାନ୍ତି ପାଇ ପାରିବେ, ତା ଭାବିଲେ ମୁଣ୍ଡ ଗୋଳମାଳ ହୋଇଯାଏ । ମୁଁ ତ ଆଉ ଦୁନିଆର ବିଷାକ୍ତ ବାୟୁ ମଣ୍ଡଳରେ ଅଧିକ ଦିନ ବଞ୍ଚି ପାରିବିନି । ପର ଜୀବନରେ ମୁଁ ଆପଣଙ୍କର ସେବା କରିବି । ଯେତେ ହେଲେ ଆପଣ ମୋର ସ୍ୱାମୀ—ଗୋଟିଏ ଅନାହୂତାର ଜୀବନ ଇତିହାସରେ ଆପଣ ଯେପରି ବିଚଳିତ ନ ହୁଅନ୍ତି ।

ଆପଣଙ୍କର—

ଜଙ୍ଗଲୀ...

ଚିଠିଟି ପଢ଼ି ଗୋଟିଏ ଦୀର୍ଘ ନିଃଶ୍ୱାସ ନେଇ ମୁହୂର୍ତ୍ତେ ବସିଗଲି । ମୋ ଆଖି ଆଗରେ ଅତୀତର ଅସଂଖ୍ୟ ଘଟଣା ଭାସି ଗଲା ।

ବଡ଼ ଦୁଃଖ ଲାଗିଲା । ଯାହାହେଉ ଝିଅଟିଏ ହେଲେବି ଜଙ୍ଗଲୀ ତାର ମନ ତଳର ଭାବଧାରାକୁ ଏପରି ଉନ୍ମୁକ୍ତ କରି ଦେଇ ପାରିଛି—ବାସ୍ତବିକ ଆଶ୍ଚର୍ଯ୍ୟ ହେଲି । ଜଙ୍ଗଲୀକୁ ନେଇ ଯେ

ମୋ କଳ୍ପନାର ସଂସାର ସୁଖମୟ ହୋଇ ଉଠିବ, ଭାବ ଆଶ୍ୱସ୍ତ ହେବା ସଙ୍ଗେ ସଙ୍ଗେ ଏତେ ଆତ୍ମବିଭୋର ହୋଇ ପଡ଼ିଲି ଯେ ଦୁନିଆକୁ ସମ୍ପୂର୍ଣ୍ଣ ଭୁଲି ଗଲି ଏବଂ ମୋ ଅତୀତ ଜୀବନର ପ୍ରତ୍ୟେକ କ୍ଷଣିକ ଜବର ନେଲେ—ଜୀବନର ଗୋଟିଏ ଗୋଟିଏ ମୁହୂର୍ତ୍ତ—ତାକୁଇ ସଂଜୀବିତ କରି ଆସିଥିଲେ ବହୁତ—ଓଠରେ କ୍ଷୁଧା, ଆଖିରେ କଟାକ୍ଷ, ମୁକ୍ତ ବେଣୀରେ ଆହ୍ୱାନର ସଂକେତ ନେଇ ସମସ୍ତେ ଯାଇଛନ୍ତି। ଆଜି ନୂଆ ଜୀବନର ସନ୍ଧାନ ମିଳିଛି। ନୂତନ ପଥରେ ଶ୍ରୀହୀନ ସ୍ମୃତି ଗୁଡ଼ିକ ଧୂଳିକଣାରେ ରୂପାନ୍ତରିତ ହୋଇ-ଯାଉ—ଆସୁ ଶାନ୍ତି—ନୂତନ ସୂର୍ଯ୍ୟ...

କିନ୍ତୁ, ଦୁନିଆର ବାହ୍ୟ ଚାକଚକ୍ୟ ଏବଂ ପ୍ଲାଷ୍ଟିକ୍ ଆକର୍ଷଣୀକୁ ବିଶେଷ ବିଶ୍ଳେଷଣ ନ କରି ଯେ କି ତିକ୍ତତା ଅନୁଭବ କରିବାକୁ ହୋଇ ଥାଏ, ତାହା ଉଭୟେ ମର୍ମେ ମର୍ମେ ଅନୁଭବ କଲୁ...

ହିଞ୍ଚାସୁ ଦିନ ରାତିରେ ଜଗନ୍ନା ଯେତେ ବେଳେ ପୁଣି କାନ୍ଦିବାକୁ ଆରମ୍ଭ କରି ମୋତେ ତୁମେ ନ ବୋଲି କାରଣ କରେ, ସେତିକି ବେଳେ ମୁଁ କହିଲି ଜଗନ୍ନା, ଏଥିରେ ତୁମର ବା ମୋର କିଛି ଦୋଷ ନାହିଁ। ଝଡ଼ ଝଞ୍ଜାମୟ ଜୀବନରେ ବସନ୍ତ ଆସେ—ତାକୁ କିଏ ଉପଭୋଗ କରିବା ଧର୍ମର ବାହାରେ ? ପାପ—ପୁଣ୍ୟର ପ୍ରଶ୍ନ ନୁହେଁ। ଜୀବନର ପ୍ରଶ୍ନ—ସବୁ ଭୁଲିଯାଅ—ଆଗରେ ବିରାଟ ଜୀବନ—ସାଥିରେ ମୁଁ। ତୁମେ ମୋର ସହଯାତ୍ରିଣୀ। ଆମର ଯାତ୍ରା ଯେପରି ବିଭ୍ରାନ୍ତ ନ ହୁଏ। ସବୁ ଦୋଷ ଏ ସଭ୍ୟତାର, ମୁଁ ସଭ୍ୟତାର ଓଢ଼ଣୀ ଖୋଲି ପ୍ରତ୍ୟେକଙ୍କ ଆଗରେ ବାଢ଼ିଦେବି ଆମ ଦୁହିଁଙ୍କର ଅତୀତ—ସମାଜ ନିଜ ଭୁଲ ବୁଝୁ—ଅନୁଭବ କରୁ ସଂସ୍କାର କଂପିତ ଏ ପୃଥିବୀ ଆଜି ବନ୍ଧ୍ୟାପାରିବନି—କଷ୍ଟମୟ ସୃଷ୍ଟିର ମୃତ୍ୟୁ ହେବ।

ମୁକୁଳା ଗଳିର ଗୁଞ୍ଜନ ଓ ସ୍ପନ୍ଦନରେ ଅଶାନ୍ତର ତିକ୍ତତା ମନ ଓ ଦେହର କ୍ଲାନ୍ତି ଅସହ୍ୟ ହୋଇ ଉଠିଲା । ଉଭୟଙ୍କ ଆଡ଼କୁ ଉଭୟେ ଆଉଜି ପଡ଼ିଲୁ···ଜଗଲ୍ଲି ଗତି ସ୍ଖଳିଥାଏ ଅକ୍ଷାଂଶ ଆଉ ଦ୍ରାଘିମା···ମୁଁ ନକ୍ଷତ୍ର···

ହଠାତ୍ ସ୍ୱପ୍ନ ଭାଙ୍ଗିଗଲା—

···ଆରେ ଗୋଟିଏ ଦିନ ସ୍ୱପ୍ନରେ କଟିଗଲେ !! ଜଗଲ୍ଲି ବିଷୟରେ ଲେଖା ଯେ କୌଣସି ପ୍ରକାରେ ଆଜି ଶେଷ କଲେ ପୂଜା ସଂଖ୍ୟାରେ ପ୍ରକାଶ ପାଇବ—ନଚେତ୍ ଯାଯାବର ମୋ ସାଇକେଲ୍ ଟାୟାର କାଟିଦେବ ବୋଲି ଜିଗର କରୁଛି···

---

## ୬ ତଳ ପାହାଚ

ବୋଉ, ତୁ କାହିଁ କାନ୍ଦୁଛୁ···?

ନାହିଁରେ, ମୁଁ କାହିଁ କାନ୍ଦୁଛି, ଦୁଲାଲ ଥିଲେ ମୋର ସବୁ ଅଛି—ଦୁଲାଲ ମୋର ବଡ଼ ହେବ ! ଅଭାବ କ'ଣ···

ଟଗ ସାଠ୍'ଏ ବର୍ତ୍ତମାନ ସିଲେଇ କରିବାରତ କିଛି ଆବଶ୍ୟକ ନଥିଲା ! ଖାଲି ପେଟରେ ଯିଏ ବାହାରକୁ ବାହାରି ପାରୁଚି, ସିଏ କ'ଣ ଖାଲି ଦେହରେ···

ଅରୁଣା, ତୁମେ କାନ୍ଦୁଚ ! ଏ କ'ଣ ? ଛୁଆ ପିଲାଟ ନୁହଁ, କେତେବା ବୁଝେଇବି—ତୁମର ମୋତେ ବିବାହ କରିବା ଭୁଲ ହୋଇଛି—ସେଇଥିଲାଗି ତୁମେ ଅନୁତାପ କରିବା ବର୍ତ୍ତମାନ ସମୟ ନୁହେଁ—ମୁଁ ଅନେକ ଅନୁତାପ କରୁଚି—ନିଜକୁ ଅଭିଶାପ ଦେଉଚି—ତୁମ ବାପାଙ୍କର ଆଶା ଏବଂ ତୁମର ସୁନ୍ଦର ଭବିଷ୍ୟତ

ମୋର ଯୋଗୁଁ ଜଳ ଯାଉଛି—ମୁଁ ଜାଣେ—କିନ୍ତୁ, କରିବାକୁ ହେବ ଅରୁଣା !! ମୁଁ ଯେ ନିରୁପାୟ...

ରୋଗ ଶଯ୍ୟାରେ ଏପରି ଅଧୈର୍ଯ୍ୟ ହେବା ଉଚିତ ହେଉନି ଅରୁଣା.. !! ମୋତେ ମୋର କର୍ତ୍ତବ୍ୟ କରିବାକୁ ଦିଅ—ମୋତେ ବଞ୍ଚିବାକୁ ଦିଅ ଅରୁଣା, ଭାଗ୍ୟର ଚକ୍ର ସହିତ ନିଜକୁ ଘୁରେଇବାକୁ ହେବ—ଏତେ ଭାଙ୍ଗି ପଡ଼ିଲେ ହୁଏ—ତୁମେ କେବେ ମୋ ଲାଗି ବ୍ୟତିବ୍ୟସ୍ତ ହୁଅନି—ଅନେକ କଷ୍ଟ ଅଙ୍ଗେ ନିଭେଇବାକୁ ହୁଏ—ଆମରି ଭଳି ଅସଂଖ୍ୟ ଲୋକ ବି ଏଇ ଦୁନିଆରେ...

ଏଁ ତୁମେ ପୁଣି କାନ୍ଦୁଚ...!!!

କାନ୍ଦ, ଯେତେ ପାରୁଚ କାନ୍ଦ—ଦୁଲାଳ କାନ୍ଦିଲାଣି ! ମୁଁ ଉଭୟଙ୍କୁ ବୁଝଉଚି...ପୁଣି ମୋତେ କାନ୍ଦିବାକୁ ହେବ—ସେଇତ ଜୀବନର ପରିଣତି—ସେଇତ ଜୀବନର ସ୍ୱାଦ...। ସହିବା ତ ଆମର ଧର୍ମ—ତୁମେ ମୋତେ ଦୁର୍ବଳ ମୁହୂର୍ତ୍ତରେ କେତେ ବୁଝାଉନ ! ସବୁ ମନେ ଅଛି—ଆଜି ଏ କି ପରିବର୍ତ୍ତନ !! ରୋଗ ଶଯ୍ୟାରେ କାନ୍ଦନ୍ତୁ ! ଛି, ମୋ ରାଣ ତୁନି ହୁଅ...

ତୁମେ ଆଜି ସାଉକାରଙ୍କୁ କ'ଣ କହିବ ?

ଏଇଥି ଲାଗି ଏତେ ଚିନ୍ତା ! ସତ ସତ କହିଦେବି, ଦୁଇ-ମାସତ ଗଲାଣି—ଆଉ କେତେଦିନ ସମ୍ଭାଳି ଗଲେ ଋଣ ପରିଶୋଧ କରିଦେବି ଯେ ! ସିଏ କ'ଣ ମୋତେ ଜାଣନ୍ତିନି—ବାପଙ୍କ ନାଁ କିଏ ନ ଜାଣିଥିଲା ! ଦୁର୍ଭାଗ୍ୟକୁ ସିନା ଗୁଳିକରା ଗୁଳି ଯାଇଚି !!! ମଣିଷ ଗରିବ ହୋଇଚି ସତ; କିନ୍ତୁ ମନ କ'ଣ କେବେ ଗରିବ ହୋଇପାରେ ? ଭଗବାନଙ୍କଠାରେ ବିଶ୍ୱାସ ରଖ ଅରୁଣା, ମଣିଷକୁ ମଣିଷ ହୋଇ ବଞ୍ଚିବାର ଅଧିକାର ନିଶ୍ଚୟ ଦେବେ—ସବୁଦିନେ ଅନ୍ୟାୟର ଜୟ ହୁଏନି...। ଜୀବନ କଷ୍ଟ ନୁହେଁ, ଅନ୍ଧାର ଆଜି

ଆଲୋକର ଲୁଚକାଳି ଖେଳ । ସୁଖେ ହେଉ, ଦୁଃଖେ ହେଉ—ପ୍ରତ୍ୟେକଙ୍କୁ ଦିନେ ନା ଦିନେ ମରିବାକୁ ହେବ—କିଏ ହସି ହସି ମରୁଛି କିଏବା କାନ୍ଦି କାନ୍ଦି ମରୁଛି—ଏତିକି ତ ପାର୍ଥକ୍ୟ—? ହଉ, ଡେରି ହେଉଛି, ତୁମେ ବିଶ୍ରାମ ନିଅ—ଆଜି ହାଉକାରଙ୍କ ଘରକୁ ଯାଉଛି, ଯଦି ସୁବିଧା ହୁଏ ହାତ ଉଧାରି କିଛି ନେଇ ଆସିବି—ଫଳ ପରିବା ଆଉ ଡାଲି ଚାଉଳ ଦୋକାନୀ କେତେଦିନ ବା ଧାର ଦେବେ? ଦଶଟାରେ ମଠର କମ୍ପାନୀର ମ୍ୟାନେଜରଙ୍କ ସହିତ ଦେଖା କରିବାକୁ ଅଛି—ଯଦି ସୁବିଧା ହୁଏ··· ସୁପାରିସ ପତ୍ର ଧରି ଆଉ କେତେଦିନ ଯେ ବୁଲିବାକୁ ହେବ—ଭଗବାନ ହିଁ ଜାଣନ୍ତି···

ଏଁ···ତୁମେ ପୁଣି କାନ୍ଦୁଛ ଅରୁଣା···!! ମୁଁ ଜଡ ପାଲଟି ଗଲିଣି ଅରୁଣା, ଲୋତକ ମୋ ନିକଟରେ ମୂଲ୍ୟହୀନ ହେଉଛି—ଏ ଯୁଗର ଅଚଳ ଜାତି ତୁମେ— ତୁମକୁ ଛୁଇଁ ଲୁହ କିଏ ପୋଛିବ? ଦୁନିଆ ପ୍ରତି ଅଭିମାନ!!! ସବୁ ବ୍ୟର୍ଥ ଅରୁଣା···ସବୁ ବ୍ୟର୍ଥ।

ତମେ ଭୁଲ ବୁଝ ଅରୁଣା—ମୋତେ ଶୁଭରେ ଯିବାକୁ ଦିଅ—ମୁଁ ଭାଗ୍ୟବାଦୀ—ମୁଁ କାହାକୁ ପ୍ରତିବାଦ କରିବାକୁ ଚାହେଁନି—ମୁଁ କାହାକୁ ପ୍ରତିରୋଧ କରିବାକୁ ଚାହେଁନି—ଶାନ୍ତି କେବଳ ଆମ୍ଭମାନଙ୍କର ମୃତ୍ୟୁରେ ସମ୍ଭବ—ମୋତେ ଜୀବନ ସହିତ ସଙ୍ଘର୍ଷ କରିବାକୁ ଦିଅ—ମୁଁ ଯାଏଁ—ଫେରିଲାବେଳେ ଡାଲି ଚାଉଳ ପରିବା ଓ ଔଷଧ ପ୍ରଭୃତି ସବୁ ନେଇ ଆସିବି, ତୁମେ ଟିକିଏ ବିଶ୍ରାମ ନିଅ···

ଦୁଲା, ବୋଉଙ୍କ ପାଖେ ବସିଥା' ମୁଁ ଫେରି ଆସୁଛି—

× × × ×

—ଦୁଇ—

ଉପର ବେଳା—

···ମୁଁ ଆଉ ଦୁର୍ଲ୍ଲଭ ମୃତ୍ୟୁ ଶଯ୍ୟାରେ··· ଅନ୍ୟ ଉପାୟ ନଥିଲା ଶିଳ୍ପ···

ଭାଇ ଯା କରୁଛନ୍ତି ଉଚିତ ହୋଇଚି, ନୂଆବୋଉ—

···ଜୋତା ସଲାଇ ବାବୁ ଜୋତା ସିଲାଇ···

ନୂଆବୋଉ, ଡାକବ ? ଭାଇଙ୍କର ଏ ଛିଣ୍ଡା ଚପଲ ହଳକ···

ସିଏତ ଆଉ ଚପଲ ପିନ୍ଧିବେନି ବୋଲି ମନା କରୁଥିଲେ— କାରଣ ପଚାରିବାରୁ କିଛି କହନ୍ତିନି—ଅନେକ ଦିନ ହେଲା ସେ ଛିଣ୍ଡା ଚପଲ ହଳକ ସେଇମିତି ପଡ଼ି ରହିଚି— କେତେବେଳେ ହେଲେ ମନରେ ଦୁଃଖ ମତେ ଶୁଣିବାକୁ ଦିଅନ୍ତିନି—

ସମୀର ବାବୁ ଘରେ ଅଛନ୍ତି ?

—ଦୁଲ୍ଲ କହିଦେଇ ଆ ବାପା କୁଆଡ଼େ ବାହାରକୁ ଯାଇଛନ୍ତି—

ବାବା ନାହାନ୍ତି···

କ'ଣ ଯେତେବେଳେ ଆସିଲେ ଘରେ ନାହାନ୍ତି ! ! ଦୁଇମାସ ହେଲାଣି—ବଦଳି ହେଉଚି—ଦରମା ପାଇବାରେ ଅସୁବିଧା ହେଉଚି ବୋଲି କହୁଥିଲେ । ତା'ପରେ ଆମେ ଶୁଣୁଚୁ, ତାଙ୍କର କୁଆଡ଼େ ଚାକିରି ଚାଲିଗଲାଣି—ଆମେ ଟଙ୍କା ପାଇବା କେଉଁଠୁ ? ବ୍ୟବସାୟୀ ଲୋକ, ଆମଠାରେ ଉଦ୍ଧାରୀ ଚଳିବନି—ହଁ, ବାବା ଆସିଲେ କହି

ଦେବ, ଯଦି ମାନ ମହତ ରଖିବାକୁ ଇଚ୍ଛା ଥାଏ, ଆଜି ସନ୍ଧ୍ୟା ସୁଦ୍ଧା ସବୁ ବାକିଆ ଦେଇ ଆସିବେ—ନଇଲେ···କାଲିଠାରୁ ଦୁଆରକୁ ପିଆଦା ପଠେଇବି – ଆରେ, କୋହଳ ହେଲାରୁ ଠିକିଏ ବସିବାର ନାହିଁ— ଅସୁବିଧା ଭୁଲେଇଲାରୁ ଭାବିବାର ଶକ୍ତି ନାହିଁ – ଦି ଦି ମାସର ଟଙ୍କା ବାକି ରହିଲେ କେମିତି ଦୋକାନ ଚଳେ ? ହଉ, କହିବ ଯଦି ଟଙ୍କା ନ ଦେଇ ଆଜି ସଉଦା ପାଇଁ ଯିବେ, ଅପମାନ ଦେଇ ଫେରେଇ ଦେବି—ସବୁ ଦିନେ ତ ଖାଲି ମୁହଁକୁ ଦେଖାଇଲେ ଚଳିବନି – କେତେ ଦିନ ସମାଳିବୁ ? ସବୁ କଥାରେ ଗୋଟାଏ ସୀମା ଥାଏ—ହଉ ମୁଁ ଯାଉଚି···

ଦାମ ଭାଇ ତୁମେ କୁଆଡ଼େ ଆସିଥିଲ ?

ତୁ କୁଆଡେ ?

ଏଇ ସମୀର ବାବୁଙ୍କ ପାଖକୁ—ଦି ଦି ମାସ ହେଲା ଡାଲି ଚାଉଳ ଆଉ କାଠ ଆଣି ପଇସା ଏପର୍ଯ୍ୟନ୍ତ ଦେଇପାରୁ ନାହାନ୍ତି । ଶୁଣୁଚି ତାଙ୍କର କୁଆଡ଼େ ଚାକିରି ଚାଲି ଗଲାଣି—ଭଦ୍ରଲୋକ ହୋଇ ଏକ କଥା··

ହଉ ଚାଲ, ସମୀର ବାବୁ ନାହାନ୍ତି—

ଏ କିଏ ? ତାଙ୍କ ପୁଅ—

ହଁ···

ବାପାଙ୍କୁ କହିଦେବ··ଆଜି ସଞ୍ଜ ସୁଦ୍ଧା ଡାଲି, ଚାଉଳ ଟଙ୍କା ଦେଇ ଆସିବେ— ନଇଲେ କଥାଟା କିଛି ଭଲ ହେବନି— ବୁଝିଲ ? ମନେ କରି କହିବ—

ହଉ, ଚାଲ ଦାମ ଭାଇ, ଯିବା—

× × × ସମୀର କଏ ଡାକୁଥିଲେ କି ରେ ?

ଡାଲି, ଗୁଞ୍ଜଳ ଆଜ୍ଞ ପନପରିବା ଦୋକାନୀ ପଇସା ପାଇଁ ଆସିଥିଲେ—କହି ଯାଇଛନ୍ତି ବାପା ଆସିଲେ କହିଦେବୁ ସଞ୍ଜରେ ଦେଇ ଆସିବେ—

ହଉ,—ତୁ ଯା ପାଠ ପଢ଼—

ନୂଆ ବୋଉ ତୁମେ କାନ୍ଦୁଚ— !!!

ନାଇଁ, ମୁଁ କାଇଁ କାନ୍ଦିବ, ଦାନ୍ତଟା ଟିକଏ ଖରାପ ଲାଗୁଚି, ସେଇଥି ଲାଗି···

ବୋଉ ଭୋକ ହେଲାଣି···

ଯା ବାପାଙ୍କ ନାଁ କହି ନିଧି ଦୋକାନରୁ ଦି ପଇସାର ଖାଇ ଆସିବୁ ।

ଦି ପଇସାର ନା···

ହଉ ଯା, ଚାରି ପଇସାର ଖାଇ ଆସିବୁ—କହିବୁ ବାପା ଆସିଲେ ଦେଇ ଦେବେ—

ତୁମର ଏ ଯେଉଁ ଅବସ୍ଥା, ତୁମେ କେମିତି ଯାଇଥାନ୍ତ ନୂଆ ବୋଉ ? ଘଡ଼ି ଘଡ଼ିକେ ଚେତା ବୁଡ଼ି ଯାଉଚି—କେହି ଗୋଟିଏ ପାଖରେ ସାହା ଭରସା ନାହିଁ···ସବୁ ଅଭାବ—ନୂଆ ଜାଗାରେ କେମିତି ଚଳିଥାନ୍ତ ? ଭାଇ ପରା ତୁମର ଅସୁବିଧା ନେଇ ଦରଖାସ୍ତ ଦେଇଥିଲେ—କଣ ହେଲା ?

କଥାଟି ପଦାରେ ପଡ଼ିଲା—କେହି ଶୁଣିଲେନି ଭଉଣୀ—ଓଲଟି ତାଙ୍କ ଉପରେ ବ୍ଲୁପ ପଡ଼ିଲା ସିନା ! ବଦଳି ବନ୍ଦ ହେଲାନି—ଏ ଯୁଗରେ···

ଉପର କର୍ମକର୍ତ୍ତାଙ୍କୁ ଦରଖାସ୍ତ ଦେଲେନ—ସେ କ'ଣ ଦୁଃଖ ଶୁଣି ନଥାନ୍ତେ ? ସେମାନଙ୍କର କ'ଣ ଘର ଦୁଆର ନାହିଁ– ନା ସେମାନେ ସଂସାର କରୁନାହାନ୍ତି—ମଣିଷ କ'ଣ ମଣିଷର ଅଭାବ ବୁଝିପାରେନ ବା ଅନୁଭବ କରିପାରେନ ? ପୃଥିବୀର ପଶୁପକ୍ଷୀଙ୍କ ଠାରୁ ମଣିଷ ଜୀବନ କ'ଣ ହୀନ ?—ଯେତେ ହେଲେତ ରକ୍ତମାଂସର ଦେହ— ଏଇ ମାଟିରେ ଗଢ଼ି ଉଠିଛି— ପୁଣି ଏଇ ମାଟିରେ ମିଶିବ—ମଣିଷ ମଣିଷ ଭିତରେ ପାର୍ଥକ୍ୟ କାହିଁ ନୂଆ ବୋଉ ! ଆଖିକୁ ସିନା ନାନା ରୂପ ଦେଖାଦିଏ—କିନ୍ତୁ ମଣିଷ ମଣିଷଠାରୁ ଭିନ୍ନ ନୁହେଁ—ନିଶ୍ଚୟ ବୁଝିଥାନ୍ତେ ନୂଆ ବୋଉ...

ନା ଭଉଣୀ, ସେମାନଙ୍କର ଏ ଛୋଟକଥା ବୁଝିବାକୁ ତର କାହିଁ ? ତଥାପି ସିଏ ଲେଖିଥିଲେ—କିନ୍ତୁ, କିଛି ଫଳହେଲାନି— ନିଜର ସୁଖମୟ ଜୀବନ ଆଉ ବିଳାସରେ ବୁଡ଼ିରହି ଦୁନିଆ କଥା ଭାବୁଚି କିଏ ? ସମୟ କାହିଁ ? ଅବହେଳା ସଙ୍ଗେ ଥଟ୍ଟା- ପରିହାସ—ଜଡ଼ଭଳି କେତେ କ'ଣ ଯେ ସହିବାକୁ ନ ହୋଇଛି...

ଭାଇଙ୍କର କ'ଣ ଦରମା ବଢ଼ିଥାନ୍ତା ? ସିଏ ବଡ଼ କିରାଣିରେ ଯାଇଥାନ୍ତେ କି ?

ତଳଆ କିରାଣୀର ବଦଳରେ ଟଙ୍କା ବଢ଼େନି—ସେ ସବୁ ଅଫିସରମାନଙ୍କ ଲାଗି ସିନା—ଥରେ ଗୋଟିଏ ଦରଖାସ୍ତ ବହୁତ କଷ୍ଟରେ ଦେଇଥିଲେ – ଯା ହେଉ ଭଉଣୀ, ବଡ଼କିରାଣି ହୋଇ ଯାଇ- ଥିଲା—ସେଦିନ ତାଙ୍କ ମନରେ ଯେଉଁ ଆନନ୍ଦ– କ'ଣ କହିବି ଭଉଣୀ—ଶେଷକୁ ଦଇବ ବାଉ ସାଧିଲା ଭଳି ଅଫିସରୁ ତାଙ୍କୁ ଘୁଞ୍ଚାଇଲେନି—ଆଠଦିନ ପର୍ଯ୍ୟନ୍ତ ମୁଠିଏ ଭଲକରି ଖାଇ ନାହାନ୍ତି—

ସେହିପରି ଅସଂଖ୍ୟ ତିକ୍ତପୂର୍ଣ୍ଣ ଘଟଣା ଏ ସ୍ମୃତିତଳେ ମିଶି ରହିଛି — କହିଲେ ଗୋଟିଏ ପୋଥି ହେବ— ସେ ସବୁ ମୁଁ କେବେ ମନେ ପକାଏନି —ଆଜି ଶିଳ୍ପୀ, ତୁମ ଆଗରେ କାହିଁକି ଆପେ ଆପେ ବାହାରି ଆସୁଛି —ମଣିଷ କାହିଁକି ବଂଚେ ସତେ ! ଔଷଧ ଟିକଏ ପାଇଁ ସମୟ ଅସମୟରେ ପଇସା ନାହିଁ— କରଣୀ ଆଗାବନ କରଣୀ—ପଞ୍ଚସ୍ତର ଟଙ୍କା—ତାରି ଉପରେ ଗାଳି—ଧନ ଆଉ ମନର ଚିନ୍ତା ସବୁବେଳେ ଲାଗିରହେ —ପେଟଭରି ଗଣ୍ଡିଏ ଖାଇ ହେବନି କି ମନଭରି ଟିକଏ ହସି ହେବନି—ସବୁବେଳେ ଝଟି ଝଟି ଜୀବନ ଯିବ ସିନା, ଅଭାବ ମେଣ୍ଟିବନି । ଦୁଇ ବରଷ ହେବ ଘର ଛପର ହୋଇନି—ଗଲା ବର୍ଷାରେ ଅତଡ଼ା ଛିଣ୍ଡି କାନ୍ଥ ଆଁ କରି ରହିଛି— ବନ୍ଧ ଆରପଟ ସାରଦ ବିଲରେ ଏବର୍ଷ କିଛି ନାହିଁ—ବନ୍ଧ ମରାମତି ହୋଇ ନ ଥିବା ପର୍ଯ୍ୟନ୍ତ ସେ କିଆରିରୁ ମୂଲିଆ ମଜୁରି ମିଳିବନି କି ବିହନ ଗଣ୍ଡାକ ଅମଳ ହେବନି—ଖାଲି ଖଜଣା ଦେଇ ଦେଇ ହାରଣା— ସିଏ କହୁଥିଲେ, ଗାମ ସାଉର ଯେଉଁ କରଜ ଅଛି, ସେ ଆଉକୁ ସେ ଜମିଖଣ୍ଡିକ ଦେଇ ଦେବେ— ସାବତ୍ରୀ ଅପାର ବାହାଘରକୁ ଜୋଇଁ ସାଇକେଲ୍ ଘଣ୍ଟା ପାଇଁ ଜିଗର କରିବସିଲେ— ତେଣୁ ସିଏ ହାଣ୍ଡନୋଟ୍ କରି ଟଙ୍କା ଅଢ଼େଇଶ ଆଣିଥିଲେ— ଅଧା ଦାମ୍‌ରେ ଖଟେଣ୍ଡ ସାଇକେଲ, ଘଣ୍ଟା ଆଉ ଗୋଟିଏ କମ୍ ଦାମ୍‌ରେ କଲମ ଦିଆ ହୋଇଥିଲା—ଯା ହେଉ ସାଉ ଭାରି ସାହା ହୋଇ- ଥିଲେ—ନହେଲେ ସାବତ୍ରୀଙ୍କ ବିବାହ ସେଦିନ ବନ୍ଦ ହୋଇ ଯାଇଥାନ୍ତା—ବେଦୀ ଉପରେ ବସି ଜୋଇଁ ଜିଗର କଲେ— ଆଗରୁ କଥା ହୋଇଥିଲା, ଜିନିଷ ନ ଦେଲେ ବିବାହ ହେବନି—ଭଗବାନ ବିପଦରେ ଠିଆହେଲେ···

ବୋଉ, ଲୋକ ହେଲଣି··· ସାଉ ମନା କଲା । କହିଲା ବାପା ଫାପା ମୁଁ ଜାଣିନ, ପଇସା ନେଇକି ଆସ···

ଦୁଲାଲରେ ନେ ପଇସା ନେ···

ଥାଉମ ଶିଳ୍ପ, ସିଏ ଏଇନା ଆସୁଥିବେ ଯେ—ତୁମେ କାହିଁ ଦଉଚ···! ! !

କାହିଁ ଦୁଲା କ'ଣ ମୋର ପୁଅ ନୁହେଁ ! ସୁନା ପୁଅଟି ପରା— ପଇସା ନଏକ—ଯା ଖାଇ ଆସିବୁ, ଆରେ ଅପାକୁ ଲାଜ କରନ୍ତୁ ! ଯା ଖାଇ ଆସେ—

ବାପାଙ୍କଠାରୁ ଶୁଣିଚ ପିଲାଦିନେ ସମୀର ଭାଇଙ୍କୁ ମଉସା ମାଉସୀ ବଡ଼ ସ୍ନେହରେ ବଢ଼ାଇ ଜମିବାଡ଼ି ବିକି କଲେଜରେ ପାଠ ପଢ଼ାଇଥିଲେ ଭାଇଙ୍କ ସୁଖଲାଗି—କିନ୍ତୁ, ଆଶା ମଉଳି ଗଲା— ସେମାନେ ଟିକଏ ପୁଅର ସୁଖ ଦେଖି ଆଶ୍ୱସ୍ତ ହୋଇ ପାରିଲେନ— ସଦାବେଳେ ଦୁଃଖ···

ଶୀତ ଦିନଗଲା, ଦିହକୁ ଖଣ୍ଡିଏ ଶୀତ ଲୁଗା ହୋଇପାରିଲାନ— ଦୁଲାଲର ପୂଜା ଆସି ପହଞ୍ଚିଲାଣି—ସିଏ ଗୃନ୍ଦା ମାଗୁଥିଲା—ଉପର ଶ୍ରେଣୀକୁ ଉଠିଚ ଯେ ଦୁଇମାସ ହେବ ବହି କେତେ ଖଣ୍ଡ କିଣି ପାରିଲେନ—ଏବର୍ଷ ପୁଷ ମାସକୁ ସାବିତ୍ରୀଙ୍କ ଘରକୁ ଯିବେ ବୋଲି ଠିକ୍ କରିଥିଲେ ଯେ ଦିନୁଟିଏ ବି ଛୁଟି ମିଳିଲାନ—ଖାଲି ହାତରେ କ'ଣ ଯିବେ—ଅଫିସ୍‌ରୁ କାହାଠାରୁ ଧାର କରି ପାଞ୍ଚଟି ଟଙ୍କା ଆଣିଥିଲେ—ଖଣ୍ଡିଏ ମୋଟା ଶାଢ଼ୀ ଆଉ ଭଣଜା ଭାଣିଜାଙ୍କ ଲାଗି ପ୍ୟାଣ୍ଟ ଦୁଇଖଣ୍ଡି କିଣି ଆଣିଲେ—କିନ୍ତୁ ବେଳ କାହିଁ, ପାଖ ବାଟତ ନୁହେଁ—ଦୁଇଦିନ ଲାଗିବ—ଛୁଟି ମିଳୁଚ କେଉଁଠି—ଏବେ

ଘରମାସ ହେଲା ସେ ଲୁଗାପଟା ହେଇନିଛି ଥିଆ ହୋଇଚ— ଦୁଲାଲ ନୂଆ ପ୍ୟାଣ୍ଟ ଦେଖି ଦିନେ ଭାରି ଅଝଟ ହେଲା ସେ ମାଡ଼ ଖାଇଲା — ଭଉଣୀ, ସେଇଦିନ ମୋର ବାଉଁଆ ଦିନ କଥା ସବୁ ଗୋଟି ଗୋଟି ହୋଇ ମନେ ପଡ଼ିଲା — କେଡ଼େ ସୁନ୍ଦର ଦିନଗୁଡ଼ିଏ— ସମୁଦ୍ରର ଆଶା ଧରି ମୁଁ ଆସିଥିଲି ଏଙ୍କର ଘରକୁ — ବାପା ଭାଇ ମୋତେ ଭଲରେ ବାହା ଦେଲେ ବୋଲି ମନ କୁଣ୍ଢେମୋଟ କରିଥିଲେ — ମୁଁ ମଧ୍ୟ ସେଇଥିରେ ବଡ଼ଭାର ହୋଇଥିଲି, ଭଉଣୀ— ବାସ୍ତବ କ୍ଷେତ୍ରରେ ପରି ଜୀବନରେ ଯାହାସବୁ ସମ୍ମୁଖୀନ ହୋଇ ଜଳଯୋଡ଼ି ଦିବାକୁ ହେଉଛି — ସେସବୁକୁ ନେଇ ବଂଚ ହୁଅନ୍ତାନି— କିନ୍ତୁ ତୁମ ନନାଙ୍କ ଭଳି ସ୍ୱାମୀଟିଏ ପାଇଚି ବୋଲି ତାଙ୍କର ସ୍ନେହରେ ସବୁ ଭୁଲିଯାଇ ପଡ଼ି ରହିଚି ··

ସଞ୍ଜ ହେଲାଣି — ନୂଆ ବୋଉ, ଭାଇ କ'ଣ ଖାଇବେ ?

ଏବେ ସିନା ବେକାର — ଚାକିରୀରେ ଥିଲାବେଳେ ବି ସିଏ ସକାଳ ଆଉ ସଞ୍ଜବେଳେ କିଛି ଖାଆନ୍ତିନି — ଯେଉଁ ଦିନ ବନ୍ଧୁ-ବାନ୍ଧବଘରୁ ପିଠା ପଣା ବା ଭାରି ଭୁଜା କିଛି ଆସିଥାଏ, ବହୁତ ବଳେଇ ବଳେଇ କହିଲେ ବି, ଅଳ୍ପ ଟିକିଏ ଚାଖି ନେଇ କହନ୍ତି — ତୁମେ ଖାଅ ଆଉ ପିଲାଙ୍କୁ ଦିଅ — ମୁଁ ଅଫିସରେ ଖାଇଚି । ସକାଳେ ମଧ୍ୟ କିଛି ଖାଆନ୍ତିନି — ଯେଉଁ ଦିନ ପଖାଳ ଗଣ୍ଡିଏ ବଳିଥାଏ କହନ୍ତି — ଦୁଲାଲକୁ ଦିଅ, ଅଉ ତୁମେ ଖାଇ ନିଅ — ମୁଁ ଯାଉଚି ବାହାରେ ଖାଇ ଆସିବି···କିନ୍ତୁ ଏବେ ପେଟକୁ ମାରୁଚି ଯେ··· ଡାକ୍ତର କହିଲେ ନିୟମିତ ଖାଉନଥିବାରୁ ଏପରି ପେଟମରା ହେଉଚି — ଆସ୍ତେ ଆସ୍ତେ ସେ ରୋଗ ପେଟରେ ଘା କରିଦେବ — ମୁଁ ଯେତେ କହିଲେ — ସେ କଣ ଶୁଣୁଛନ୍ତି — ସବୁବେଳେ ମୋତେ

ଭୁଲିଯାଉଛନ୍ତି—ଏତେବେଳକୁ କ'ଣ ତାଙ୍କର ଅଫିସରୁ ଛୁଟିହୋଇ ଥାଆନ୍ତିଣି କି ! ପାଣି ମଧ୍ୟେ ମଧ୍ୟେ ପିଇ ରାତି ନଅଟା ଯାଏ ଖଟି ଖଟି ବଡ଼ ହାଲିଆରେ ଭଡ଼ା ଘରେ ପହଞ୍ଚୁ ପହଞ୍ଚୁ ରାତି ଦଶଟା ହୁଏ —ସେଇଥିରେ ହେଡ଼ କିରାଣୀଙ୍କଠାରୁ ଆରମ୍ଭ କରି ବଡ଼ ବଡ଼ ଅଫିସରଙ୍କ ପର୍ଯ୍ୟନ୍ତ କାହାଠାରୁ କ'ଣ ଯେ ସବୁ ନ ସହୁଛନ୍ତି !! ଦିନୁଟିଏ ବି ଆଗେ ନଟେରିଆରେ ବସି ସ୍ୱାମୀ ସ୍ତ୍ରୀର ହସ ଖୁସିରେ ଜୀବନକୁ ଉପଭୋଗ କରି ପାରିନୁ—ସବୁବେଳେ ଜଞ୍ଜାଳ—ଦୁଃଖ ଦୁର୍ଦ୍ଦଶା ଲାଗି ରହିଚି—ତୃଷା-ପୁନଅ, ଭଲମନ୍ଦ ନା ବନ୍ଧୁ-ବାନ୍ଧବ ଅଛି—ସବୁ ଦିନେ ସମାନ....

କେତେ ରାତି ହେଲାଣି—ନୂଆ ବୋଉ, ମୁଁ ଯାଉଚି ଭାତ ବଢ଼େଇବି, ଦୁଲାଲକୁ ନିଦ ଲାଗିଲାଣି—ସେ ଡିବିରେ ବୋଧେ ତେଲ ନାହିଁ, ଦପ୍ ଦପ୍ ହେଉଛି....ଲିଭିଯିବ—ଛପର ଉଡ଼ି ଯାଇଚି ଆଉ ପୁଣି ଭଙ୍ଗା ଝାଟିରି ଦେଇ ଉତ୍ତର ଥଣ୍ଡା ପବନଟା ବହୁଚି...

ଭଉଣୀ, ଏଇ ଭୂଲ ଘରର ପନ୍ଦରଟା ଟଙ୍କା ଭଡ଼ା ଯେ ପାଞ୍ଚ ମାସ ହେଲା ଦିଆ ହୋଇନି—ବିଚରା ଘର ମାଲିକ ତାଙ୍କ ବାପାଙ୍କର ପିଲାଦିନର ବନ୍ଧୁ—ଆପଣାର ଭଳି ସେ ମଝିସା ସମୟ ଅସମୟରେ ଆସି ପଦେ ପଦେ ପଚାରି ଯାଆନ୍ତି—ଏବେ ଭୂକର ଗଲାଦିନୁ ସବୁଦିନ ଆସି ତାଙ୍କୁ ବହୁତ ବୁଝେଇ କୁହନ୍ତି—"ତୁ ମନ ଖରାପ କାହିଁ କରୁଚୁ—ଭାଗ୍ୟରେ ଯାହାଥିବ ତା ହେବ—ସେ ବିଷୟ ସଦାବେଳେ ଭାବି ବସିଲେ ପୁଅ, କିଛି ଲାଭ ନାହିଁ—ନିଜକୁ ଶ୍ରେଷ୍ଠ ମନେ କରିବା ଭଲ ନୁହେଁ—ଜନ୍ମ ହୋଇ ସମସ୍ତେ ମରିବେ—ତୋ ଆଶା ପୂରଣ ନହେଲେ, ସେଇ ଆଶା ତୋ

ପୁଅ ନଷ୍ଟପ୍ପ ପୂରଣ କରିବ—" । ଦୁଲୀ ପାଖରେ ବସି ସବୁବେଳେ କ'ଣ ଯେ ଭାବନ୍ତି ମୁଁ ବୁଝିପାରେନା—ମତେ ଏତିକି କହନ୍ତି—ଭଗବାନଙ୍କର ମୋତେ ଏତିକି ଦାନ, ଦୁଲୀଟି ଝିଅ ହୋଇନା—କ'ଣ କହିବଲେ ଗିଲା ! ଦିନକ ପାଇଁତ ଅଦିନରେ ବୁଲି ଆସିଥିଲି, ଏ ଗୁଡ଼ାକ ଶୁଣିଲେ ତୁମର ଖାଲି ମନ ଖରାପ ହେବ ସିନା ! ଯା ହେଉ, ମନରେ ଥିଲା ବୋଲି ବାଗ୍ରା ନେଇକି ଆସିଲେ—ଅସମୟରେ ଟିକିଏ ସାହା ହେବାପାଇଁ···

ଉତ୍ତର ହେଲାଣି ନୂଆବୋଉ, ଡାକ୍ତର ମନା କରିଛନ୍ତି ପରା—ବେଶୀ କଥାବାର୍ତ୍ତା କରନା—ମୁଁ ଆସିଚି ବୋଲି ଆସିଲା ପହରୁ ଟିକିଏ ବିଶ୍ରାମ ନେଇନା—ତୁମକୁ ମୁଁଅ ରାଣ—ଟିକିଏ ଶୋଇପଡ଼—ମୁଁ ଯାଉଚି ଖଣ୍ଡିଏ ଫୁଟେଇ ଦିଏଁ— ଭାଇ ଉପାସରେ ଆସୁଥିବେ—ଏଣେ ଦୁଲାଲ ନଦେଇଲାଣି—କ'ଣ ଗଣ୍ଡିଏ କୋଉ ପହରେ ଖାଇଥିଲା—ସିଏ କ'ଣ ପେଟରେ ଥିବ ?

ରୋଷେଇ ଘର ଦେଖିଲି—ସବୁ ଅଛିତ ? ବଡ଼ ଖରାପ ହେଲାଦିନୁ ମୁଁ ସେ ଘରେ ପଶିନା···

ଶିଳୀ ଡବିଟିକୁ କାନି ଘୋଡ଼ାଇ ନେଇ—ରୋଷେଇ ଘର ଦେଖିଲା— ଗୁଣ୍ଡଲ ପନ ପରିବା କିଛି ନାହିଁ—ଆଉ କାଠ ବି ସେ ଘରେ ନାହିଁ । ଫେରି ଆସି କହିଲା, ନୂଆବୋଉ, ଗୁଣ୍ଡଲ ନାହିଁ—ପନପରିବା ନାହିଁ—ଆଉ କାଠ ବି ସେ ଘରେ ନାହିଁ···

ଅରୁଣା କିଛି ଭାବି ପାରିଲେନି—ଅକାଳରେ , ଶିଳୀ ଆସିଥିଲା—ନିଜର ଯେତେ ଅସୁବିଧା ହେଉନା କାହିଁକି ସିଏତ ଭଲରେ ଟିକିଏ ଭାଇ ଭାଉଜଙ୍କ ଘରେ ଚର୍ଚ୍ଚା ହୋଇ ଯାଇଥାନ୍ତା—

ସେତକ ବି ହୋଇ ପାରିଲେନି—ପାଖରେ ପଇସା ଥିଲେ ସିନା ହୁଲାଲକୁ ପଠେଇ ପାଖ ଦୋକାନରୁ କିଛି ନେଇ ଆସିଥାନ୍ତେ—ଗାଁରେ ଗଣ୍ଡିଏ ଜଣ ଖାଇ ଆସିଥିବେ ଯେ !!! ବଡ଼ କାନ୍ଦ ଲାଗିଲା । ଦୁଃଖରେ କିଛି କହି ପାରିଲେନି—। ଦୁଃଖରେ ନିଜେ ଭାଙ୍ଗି ପଡ଼ୁଛନ୍ତି—ସେ କଥା ମନରେ ସ୍ଥାନ ଦେବାର ଧୈର୍ଯ୍ୟ ତାଙ୍କର ନାହିଁ—ଶିଳା ପାଖରେ ଠିଆ ହୋଇଛି—ସିଏ କ'ଣ ଭାବୁଥିବ ସତେ ! କୁଣିଆ ଭଳି ଦିନୁଟିଏ ଆସିଥିଲା । ସିଏ କିଛି ସମୟ ନୀରବ ରହିଗଲେ । କିନ୍ତୁ କ'ଣ କରିବେ—ଉପାୟହୀନ ହୋଇ କହିଲେ—ନନା ବୋଧେ ଫେରିଲାବେଳେ ସବୁ ସଙ୍ଗରେ ନେଇ ଆସୁଥିବେ···

ଭୋକ ହେବଣି ··

ନାହିଁ ନୂଆବୋଉ—ମତେ ଭୋକ ନାହିଁ, ମୁଁ ହୁଲା ସାଥୀରେ ଗପ କରୁଛି, ତୁମେ ଟିକିଏ ବିଶ୍ରାମ ନିଅ · ମୋ ଲାଗି ବ୍ୟସ୍ତ ହୁଅନି ନୂଆବୋଉ, ସତେରେ ମୋତେ ଭୋକ ନାହିଁ···ମୋ ରାଣ ତୁମେ ସାମାନ୍ୟ ବିଶ୍ରାମ ନିଅ—ପରେ ଗପ କରିବା ଯେ···କେତେ ରାତି ହେଲାଣି—ବାଉଳ ବୋଧେ ଫେରୁଥିବେ··

ହୁଲାଲ ଆଉ ଶିଳା ଗପ କରୁ କରୁ ନିଦ ହୋଇ ଯାଉଛି—ଅନେଇ ଅନେଇ ରାତି ଦଶଟା ହେଲା—ଦାଣ୍ଡ ଦୁଆର ଦେଇ ଅରୁଣା ଦୁଃଖରେ ଶୋଇ ପଡ଼ିଛନ୍ତି···

ଆଃ !··· କି ନଗ୍ନ ବିଭତ୍ସତା···

ରାତି ଅନେକ ହେବ ··

ଦୁଆରେ ଧକ୍କା ମାରିଲେ ସମୀର । ପତଳା ନିଦ ଭାଙ୍ଗିଗଲା ଅରୁଣାଙ୍କର — ଜାଣିଲେ ଯେ ସିଏ ବୋଧେ ଫେରିଲେଣି — ଶିଳୁକୁ ନ ଉଠାଇ ନିଜେ ଅନ୍ଧାରଟାରେ ଦଉଡ଼ି ଦଉଡ଼ି ଯାଇ ଦୁଆର ଖୋଲି କହିଲେ — ଶିଳୁ ଆସିଛି···

ଏଁ, ଶିଳୁ ଆସିଛି !!! ତାକୁ କ'ଣ ଖାଇବାକୁ ଦେଲ ?

ମୋ ଅବସ୍ଥା ଦେଖି ମନା କରୁଥିଲା ଖାଇବାକୁ । ଦୁଲାଲ ସାଥୀରେ ଗପ କରୁ କରୁ ଶୋଇ ପଡ଼ିଛି । କ'ଣ ଥିଲା ଯେ ଖାଇବାକୁ ଦେଇଥାନ୍ତି !! ତୁମେ ସବୁ ଆଣିଛତ ?

ସମୀର କିଛି କହି ପାରିଲେନି । ତାଙ୍କ କଣ୍ଠରେ ଭାଷା ନାହିଁ — ଅନ୍ଧାର ମଧ୍ୟରେ ଉଭୟେ ଉଭୟଙ୍କ ମୁହଁକୁ ଚାହିଁଛନ୍ତି — ଉଭୟେ ନୀରବ···

ମନେ ହେଲା ସତେ ଯେପରି ସମୀର ଆଉ ଅରୁଣା ଅନୁତପ୍ତ — କିନ୍ତୁ କେବା ଅପରାଧ କରାଇଛି, ଅଭିଶପ୍ତ ଜୀବନର ଆବଶ୍ୟକତା ନଥିଲା — ଜାଢ଼ିବାକୁ ଧୈର୍ଯ୍ୟ ନାହିଁ କିମ୍ବା ବଞ୍ଚିବାର ମୋହ ନାହିଁ — ଏ'କି ସଂଘର୍ଷ ! ଏ'କି ଧର୍ମ !! ପାର୍ଥିବ ଅଳଙ୍କାର ନା ଆଉ କିଛି !! ଉଭୟଙ୍କ ଅନୁତାପରେ ଅନ୍ଧାର ଆଉ ପୃଥିବୀ ଅନୁତାପ କରୁଛନ୍ତି । କିନ୍ତୁ, ସେ ଅନୁତାପରେ ସୃଷ୍ଟିର ସ୍ୱପ୍ନ କାହିଁ ? ପ୍ରତିବାଦ ଲୋଡ଼ା — ପ୍ରତିରୋଧ ଲୋଡ଼ା — ଏହା କେବଳ ସୃଷ୍ଟିର ମୃତ୍ୟୁରେ ସମ୍ଭବ ··

ବର୍ତ୍ତମାନ ମଧ୍ୟ ପୃଥିବୀ ତାର ପୁରୁଣା ଜୁଟ୍‌ଣ କକ୍ଷରେ ଘୂରି ଚାଲିଛି । ଯେଉଁଠି ବୁଭୁକ୍ଷୁର ତପ୍ତ ଅଶ୍ରୁରେ ସଭ୍ୟତା ଜଳିଯାଏନି,

ବିଳାସୀର ଆଶାର ମିନାର ଧୂଳିରେ ମିଶେଇ – ଯେଉଁଠି ଶ୍ରମର ପ୍ରତିଦାନ ମିଳେନି, ପୁଣି ନରଶ୍ରମର ରକ୍ତରେ ସ୍ୱର୍ଣ୍ଣ ସୌଧ ଗଢ଼ି ଉଠେ – ଯେଉଁଠି ବିବେକ ଅସ୍ତଗାମୀ, ଯେଉଁଠି ବିଷାକ୍ତ ମନୋବୃତ୍ତି ଶୋଷଣପାଏ – ଯେଉଁଠି ବ୍ୟଭିଚାର, ଜୀବନର ମୁଖ୍ୟ ପଥ ହୋଇଛି— ଯେଉଁଠି ମଣିଷ ମଣିଷ ସହିତ ମିଶିବାକୁ କୁଣ୍ଠା ବୋଧକରେ ଏବଂ ଯେଉଁଠି ମଣିଷ ବଞ୍ଚିବାର ଅଧିକାର ପାଉନି – ସେଇ ଅଭିଶପ୍ତ ପୃଥିବୀରେ ଏ ଯୁଗର ଅବହେଳିତ ଓ ଅଛବ ବର୍ଣ୍ଣରେ ସମୀର ଆଉ ଅରୁଣା ଓ ସେଇମାନଙ୍କ ଭଳି ଅସଂଖ୍ୟ ବ୍ୟକ୍ତି ଜନ୍ମ ନେବା ଅପରାଧ ହୋଇନକି··· ??? ଏଇଭଳି ଅସଂଖ୍ୟ ପ୍ରଶ୍ନ ମନର ଇତିହାସ ଓ ଭୂଗୋଳର ପ୍ରତି ଅକ୍ଷାଂଶ ଏବଂ ଦ୍ରାଘିମା ତଳେ ସମାଧି ନେଉଛି – କିନ୍ତୁ···

ମୁଦ୍ରକ : ପ୍ରଦୀପ୍ତକିଶୋର ଦାସ, କୃଷକ ପ୍ରେସ, କଟକ—୧